ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୨/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, September 12/2021 | ★★★★★★

୪୭ଶ ଭାଗ ୨୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



ଦିଲ୍ଲୀରେ ୪୬ ବର୍ଷରେ ରେକର୍ଡ: ଶୁକ୍ରବାରରୁ ଲାଗି ରହିଥିବା ବର୍ଷା ଯୋଗୁ ଶନିବାର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପାଣି ଜମି ରହିଛି ।

ଆଖି ବୁଜିଲେ ଆଉ ଜଣେ ନିର୍ଭୟା

ମୁମ୍ବାଇର ସାକିନାକା ଅଞ୍ଚଳରେ ଦିଲ୍ଲୀ ନିର୍ଭୟା ଘଟଣାର ପୁନରାବୃତ୍ତି ଘଟିଛି। ଶୁକ୍ରବାର ଭୋର୍ ସମୟରେ ଜଣେ ୩୨ ବର୍ଷୀୟା ମହିଳାଙ୍କୁ ବଳାତ୍କାର କରାଯିବା ପରେ ତାଙ୍କ ଗୁପ୍ତାଙ୍ଗରେ ଲୁହା ରଡ୍ ପୂରାଇ ଦିଆଯାଇଥିଲା। ହସ୍ପିଟାଲରେ ୩୬ ଘଣ୍ଟା ଧରି ମୃତ୍ୟୁ ସହ ଲଢ଼ିବା ପରେ ପୀଡ଼ିତା ଆଖି ବୁଜିଛନ୍ତି। ସିସିଟିଭି ଫୁଟେଜ୍ ସହାୟତାରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ଘଟଣା ଦିଲ୍ଲୀର ନିର୍ଭୟା ଗଣବଳାତ୍କାର ଓ ବୀଭତ୍ସ ହତ୍ୟା ଘଟଣାକୁ ମନେ ପକାଇଦେଉଛି।

ମୁମ୍ବାଇ, ୧୧।୯

ମୁମ୍ବାଇର ସାକିନାକା ଅଞ୍ଚଳର ଚାନ୍ଦିଭିଲି ଷ୍ଟୁଡିଓ ନିକଟରେ ଡ୍ୟୁଟିରେ ଥିବା ଜଣେ ସୁରକ୍ଷା କର୍ମୀ ଶୁକ୍ରବାର ଭୋର ୩ଟା ୧୫ ସମୟରେ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରି ଜଣେ ମହିଳାଙ୍କୁ ନିର୍ଘାତ ମାଡ଼ ମରାଯାଉଥିବା ସମ୍ପର୍କରେ

ବଳାତ୍କାର ପରେ ଗୁପ୍ତାଙ୍ଗରେ ରଡ୍ ପୂରାଇ ଦେଇଥିଲେ

ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଟେମ୍ପୋରୁ ମହିଳାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ରାଜାୱାଡ଼ି ହସ୍ପିଟାଲକୁ ନେଇଥିଲା। ଏକାଧିକ ଅସ୍ତ୍ରୋପଚାର ସତ୍ତ୍ୱେ ପୀଡ଼ିତାଙ୍କର ମୃତ୍ୟୁ ଘଟିଥିବା ଡିସିପି ମହେଶ୍ୱର ରେଡ୍ଡୀ କହିଛନ୍ତି। ଗିରଫ ଅଭିଯୁକ୍ତ ମୋହନ ଚୌହାନ (୪୫) ଜଣେ ଡ୍ରାଇଭର। ତାଙ୍କ ବିରୋଧରେ ହତ୍ୟା, ବଳାତ୍କାର, ଅପ୍ରାକୃତିକ ଅପରାଧ ଓ ଯୌନ ନିର୍ଯାତନା ନେଇ ଆଇପିସିର ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। ପ୍ରାଥମିକ ତଦନ୍ତରୁ ଅପରାଧ ସହ ଅଧିକ ବ୍ୟକ୍ତି ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଥିଲା। ତେବେ ସବୁକିଛି ଅନୁଧ୍ୟାନ କରିବା ପରେ ଅପରାଧରେ ଜଣେ ବ୍ୟକ୍ତି ସମ୍ପୃକ୍ତ ବୋଲି ପୋଲିସ କହିଛି। ମୋହନଙ୍କୁ କୋର୍ଟରେ ହାଜର କରାଯିବା ପରେ ସେପ୍ଟେମ୍ବର ୨୧ ପର୍ଯ୍ୟନ୍ତ ତାଙ୍କୁ ପୋଲିସ ହାଜତକୁ ପଠାଇ ଦିଆଯାଇଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଘଟଣାକୁ ଲଜ୍ଜାଜନକ ଓ ଅତ୍ୟନ୍ତ ନିନ୍ଦନୀୟ ବୋଲି କହିବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋରତମ ଦଣ୍ଡବିଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ମାମଲାର ବିଚାର ଫାଷ୍ଟ ଟ୍ରାକ୍ କୋର୍ଟରେ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

ସୂଚନାଥାଉ କି ୨୦୧୨ରେ ଦିଲ୍ଲୀର ଜଣେ ପାରାମେଡିକ୍ ଛାତ୍ରୀ (ନିର୍ଭୟା)ଙ୍କୁ ଗଣବଳାତ୍କାର ପରେ ଅପରାଧୀମାନେ ତାଙ୍କୁ ବୀଭତ୍ସ ଆକ୍ରମଣ କରି ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ଫିଙ୍ଗି ଦେଇଥିଲେ। ୧୫ ଦିନର ଚିକିତ୍ସା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାର ୪ ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଇଥିଲା। ☞ପୃଷ୍ଠା–୪

ଲଘୁଚାପ ଘନୀଭୂତ, ୨ ଦିନ ବର୍ଷିବ

ଭୁବନେଶ୍ୱର,୧୧।୯(ବ୍ୟୁରୋ)

ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ଓ ଉତ୍ତରପୂର୍ବ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇଛି। ଏହା ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଡିପ୍ରେସନ(ଅବପାତ)ରେ ପରିଣତ ହେବ। ଏହା ଉତ୍ତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳ ଆଡ଼କୁ ମୁହାଁଇବ। ଏହାର ପ୍ରଭାବରେ ୧୨ ଓ ୧୩ ତାରିଖରେ ରାଜ୍ୟରେ ସାଧାରଣରୁ ମଧ୍ୟମ ଧରଣର ବର୍ଷା ହେବ। ଏଥିସହିତ କେତେକ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ

ଆନ୍ଦୋଳନକୁ ଅଣଦେଖା

ଆଜିର ମନ୍ତବ୍ୟ

କେନ୍ଦ୍ର ଓ ବିଭିନ୍ନ ରାଜ୍ୟରେ ଥିବା ଭାଜପା ସରକାର ସାରା ଦେଶରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଏଜେଣ୍ଡା ଲାଗୁ କରିବାକୁ ଚାହୁଁଛନ୍ତି।

–କୁମାରୀ ସେଲଜା, କଂଗ୍ରେସ ନେତ୍ରୀ



ମୁଖ୍ୟମନ୍ତ୍ରୀ ପଦରୁ ରୂପାନୀ ବିଦା



ବିଜୟ ରୂପାନୀ

ଅହମଦାବାଦ, ୧୧।୯

ଗୁଜରାଟ ବିଧାନସଭା ନିର୍ବାଚନ ୨୦୨୨ ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏହାର ୧୫ ମାସ ପୂର୍ବରୁ ଭାଜପା ବିଜୟ ରୂପାନୀଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ବିଦା କରିଛି। ଶନିବାର ରୂପାନୀ ରାଜଭବନ ଯାଇ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତଙ୍କୁ ଇସ୍ତଫାପତ୍ର ଦେଇଛନ୍ତି। ଭାଜପା କର୍ମୀ ଭାବେ ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେବ ସେ ତାହା ନିର୍ବାହ କରିବେ ବୋଲି ରୂପାନୀ ଇସ୍ତଫା ଦେବା ପରେ ଗଣମାଧ୍ୟମକୁ କହିଛନ୍ତି। ସେପଟେ ସମସ୍ତ ଭାଜପା ☞ପୃଷ୍ଠା–୪

ନୂଆଁଖାଇରେ କାଳିଆ ଭେଟି

୩୭ ଲକ୍ଷ ଚାଷୀ ପରିବାର ଆକାଉଣ୍ଟକୁ ଗଲା ୭୪୩ କୋଟି

- କୋଭିଡ୍ ପରଠାରୁ ମିଳିଲାଣି ୩୨୦୦ କୋଟିରୁ ଅଧିକ ସହାୟତା
- ସାର ଯୋଗାଣ ସମସ୍ୟା ସମାଧାନ ପାଇଁ କେନ୍ଦ୍ର ସହ ଯୋଗାଯୋଗରେ ଅଛୁ: ମୁଖ୍ୟମନ୍ତ୍ରୀ
- ଚାଷୀ ସମସ୍ୟା ଆମ ସମସ୍ତଙ୍କର
- କାଳିଆ ଯୋଜନା ଯୋଗୁ ଧାରକରଜ କରିବାକୁ ପଡୁନାହିଁ : ହିତାଧିକାରୀ

ଭୁବନେଶ୍ୱର,୧୧।୯(ବ୍ୟୁରୋ)

ନୂଆଖାଇ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ରାଜ୍ୟର ୩୭,୧୨,୯୧୪ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାରଙ୍କୁ ରବି ଫସଲ ପାଇଁ କାଳିଆ ଯୋଜନାରେ ୭୪୨.୫୮ କୋଟି ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ସମସ୍ତଙ୍କ ବ୍ୟାଙ୍କ ଆକାଉଣ୍ଟରେ ୨୦୦୦ ଟଙ୍କା ଲେଖାଏ ଜମା କରାଯାଇଛି। ଚାଷୀମାନଙ୍କୁ କାଳିଆ ସହାୟତା ପ୍ରଦାନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଚାଷୀର ସମସ୍ୟା ହେଉଛି ଆମ ସମସ୍ତଙ୍କ ସମସ୍ୟା। ଏହି ସମସ୍ୟାକୁ କେବେ ଅଣଦେଖା କରାଯାଇପାରିବ ନାହିଁ। ସାର ସମ୍ପର୍କରେ ଦେଖା ଦେଇଥିବା ଅସୁବିଧାର ସମାଧାନ ପାଇଁ ସେ ନିଜେ କେନ୍ଦ୍ର ସରକାରଙ୍କ ସହ ଯୋଗାଯୋଗରେ ରହିଛନ୍ତି। ଏମ୍‌ଏସ୍‌ପି ଓ ଫସଲ ବୀମା ସମ୍ପର୍କରେ ମଧ୍ୟ ବାରମ୍ବାର କେନ୍ଦ୍ର ସରକାରଙ୍କ ☞ପୃଷ୍ଠା–୪

'ନିଷ୍ପତ୍ତି ପୁନଃ ବିଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବୁ'

ପୂର୍ତ୍ତ ଉଚ୍ଚତାକୁ ନେଇ ବୈଠକରେ ହୋହଲ୍ଲା

ପ୍ରଭାତ ବିଶ୍ୱାଳଙ୍କୁ ଘେରିଲେ ଶାନ୍ତି କମିଟି ସଦସ୍ୟ

କଟକ ଅଫିସ,୧୧।୯

ପାର୍ବଣ ଗାଇଡ୍‌ଲାଇନ୍‌ରେ ପରିବର୍ତ୍ତନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବୁ। କଟକବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ଆସନ୍ତା ୧୬ ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଉପରେ ପୁନଃବିଚାର କରିବେ ବୋଲି ଆଶା କରୁଛୁ। ଗତବର୍ଷ କରୋନା ମହାମାରୀ ରହିଥିଲା। ୨୦୨୧ରେ ଗତବର୍ଷର ତ୍ରୁଟିକୁ ପୁନର୍ବାର ଦୋହରାଇବା ଠିକ୍ ନୁହେଁ। ସରକାର ଯେଉଁଠି ଜୀବନଜୀବିକାକୁ ପ୍ରାଧାନ୍ୟ ଦେଉଛନ୍ତି, ସେଠି ଭାବାବେଗକୁ ବି ସମ୍ମାନ ଦେବା ଆବଶ୍ୟକ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇ ଆମେ ଆମ କଥା ରଖିଲେ ସକାରାତ୍ମକ ନିଷ୍ପତ୍ତି ଆସିବ

ବୈଠକରେ ଶାନ୍ତି କମିଟିର ସଦସ୍ୟମାନେ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସହ ଆଲୋଚନା କରୁଛନ୍ତି।

ବୋଲି କଟକ ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ କନ୍‌ଫରେନ୍ସ ହଲରେ ମହାନଗର ଶାନ୍ତି କମିଟି ଓ ପୂର୍ବାଞ୍ଚଳ ଶାନ୍ତି କମିଟି ପକ୍ଷରୁ ଶନିବାର ଅନୁଷ୍ଠିତ ବୈଠକରେ ଯୋଗଦେଇ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଏହା କହିଛନ୍ତି। ବୈଠକ ଆରମ୍ଭରୁ ପ୍ରବଳ ହୋହଲ୍ଲା ହୋଇଥିଲା। ☞ପୃଷ୍ଠା–୪

ଶ୍ୟାମ ମେଟାଲିକ୍ସ କମ୍ପାନୀର S-E-L TMT ସଲମାନ୍ ଖାନ୍‌ଙ୍କୁ ବ୍ରାଣ୍ଡ ଆମ୍ବାସଡର ଭାବେ ସାଇନ୍ କରାଇଛନ୍ତି

ଇଣ୍ଟିଗ୍ରେଟେଡ ଓର-ଟୁ-ମେଟାଲ ଉତ୍ପାଦନ ଜଗତରେ ଅତ୍ୟନ୍ତ ବିଖ୍ୟାତ ନାମ ଶ୍ୟାମ ମେଟାଲିକ୍ସ ଏଣ୍ଡ ଏନର୍ଜି ଲିମିଟେଡ । ସମ୍ପ୍ରତି ତାଙ୍କର ଏସଇଏଲ ଟିଏମଟି ରିବାରର ବିଜ୍ଞାପନ ପାଇଁ ବଲିଉଡର ସୁପରଷ୍ଟାର ସଲମାନ ଖାନଙ୍କ ସଙ୍ଗେ ଚୁକ୍ତି ହେଲା ବ୍ରାଣ୍ଡ ଆମ୍ବାସିଡର ହିସାବରେ । ଏହି ପ୍ରସଙ୍ଗରେ ସଲମାନଙ୍କ ନିକଟରେ ଜାଣିବାକୁ ଇଚ୍ଛା ପ୍ରକାଶ କରିବାରୁ ସେ ଉଚ୍ଛାହିତ ହୋଇ ଜଣାଇଲେ, ସେ ଯୌଥ ଭାବରେ କାମ କରିବା ପାଇଁ ଆଗଭର ହୋଇ ରହିଛନ୍ତି । ଏହି ସଂସ୍ଥାର କାର୍ଯ୍ୟକଳାପ ସମ୍ବନ୍ଧରେ ମୁଁ ଜାଣେ ଯେଉଁ ଭାବରେ ସେମାନେ ଆଗେଇ ଚାଲିଛନ୍ତି, ଦେଶରେ ବଢ଼ି ଉଠିବା ସଙ୍ଗେ ନିଜର ବୃଦ୍ଧିକୁ, ନିଜର ଗତି ସହିତ ଆଗେଇ ନେଇଛନ୍ତି, ତା ଫଳରେ ପ୍ରକୃତରେ ଏହି ବ୍ରାଣ୍ଡ ସହିତ କାମ କରିବା ବ୍ୟାପାରରେ ମୁଁ ଅତ୍ୟନ୍ତ ଆଗ୍ରହୀ ।

ଟିଏମଟି ବ୍ୟବସାୟର ବିଜ୍ଞାପନ କ୍ଷେତ୍ରରେ ସଲମାନ ଖାନଙ୍କ ଅନୁଭୂତି ଏହି କମ୍ପାନୀର ଚାରି ପାହାଚ ବ୍ୟାପି ବିସ୍ତାର ପରିକଳ୍ପନାର ଅନ୍ତର୍ଗତ । ଓଡ଼ିଶାର ସମ୍ବଲପୁର ଏବଂ ପଶ୍ଚିମବଙ୍ଗର ଜାମୁରିଆ ଓ ମଙ୍ଗଲପୁରରେ ଅବସ୍ଥିତ ମାନୁଫ୍ୟାକ୍ଚାରିଙ୍ଗ ପ୍ଲାଣ୍ଟ ଏବଂ ତା ସହିତ କ୍ୟାପଟିଭ ପ୍ଲାଣ୍ଟ, ବର୍ତ୍ତମାନ ଏହି କମ୍ପାନୀର ସର୍ବାଙ୍ଗୀନ ଉନ୍ନତି ହୋଇଛି । 2016 - 17 ଆର୍ଥିକ ବର୍ଷର 1.07 ଲକ୍ଷ ଟନ ଲଙ୍ଗ ଷ୍ଟିଲ ପଣ୍ୟର ବିକ୍ରି 2020-21 ଆର୍ଥିକ ବର୍ଷରେ 6.37 ଲକ୍ଷ ଟନରେ ପହଞ୍ଚିଛି । ଇତିମଧ୍ୟରେ ଆରମ୍ଭ ହୋଇଛି ବ୍ରାଉନଫିଲ୍ଡ ଏକ୍ସପାନସନ, ଯାହା 20 ଲକ୍ଷ ଟନ୍ ବ୍ରାଣ୍ଡେଡ୍ ମୂଲ୍ୟଯୁକ୍ତ ଉତ୍ପାଦନର କ୍ଷମତାକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ମାତ୍ରା ଗ୍ରହଣ କରିଛି । ଏହା ସହିତ ପଶ୍ଚିମବଙ୍ଗର ପାନୁଡ଼ିୟାରେ ଏଲୁମିନିୟମ ଫୟେଲର କାରଖାନା ନିର୍ମାଣର ଉଦ୍ୟୋଗ ନିଆ ହୋଇଛି । ସ୍ୱଭାବିକ ଭାବରେ, ଏହା ଫଳରେ ବ୍ୟାପକ କର୍ମସଂସ୍ଥାନ ତିଆରି ହେବ, ତାହା କହିବା ବାହୁଲ୍ୟ ।

ସଂସ୍ଥାର ଜଏଣ୍ଟ ମ୍ୟାନେଜିଙ୍ଗ ଡାଇରେକ୍ଟର ସଞ୍ଜୟ ଅଗରୱାଲ କହିଛନ୍ତି, ଉନ୍ନତ ମାନର ପଣ୍ୟ ଉତ୍ପାଦନର ନିରନ୍ତର ପ୍ରୟାସ ଏବଂ ତାହା ଯେମିତି ବ୍ୟାପକ ହାରରେ ବିସ୍ତାର କରେ ସେ ଦିଗରେ ସର୍ବୋତ୍ତମ ପ୍ରଚେଷ୍ଟା ମାଧ୍ୟମରେ ଆମେ ଏକ ଆଧୁନିକ ଭାରତ ନିର୍ମାଣର ଲକ୍ଷ୍ୟରେ ଆଗେଇ ଚାଲିଛୁ । ଆମେ ବିଶ୍ୱାସ ରଖୁ ସଠିକ ମଣିଷଙ୍କ ପାଇଁ ଖାଣ୍ଟି ଏବଂ ଶକ୍ତିଶାଳୀ ଇସ୍ପାତ ଉତ୍ପାଦନରେ । ଆମର ଲଙ୍ଗ ପ୍ରଡକ୍ଟ (ଟିଏମଟି ରିବାର, ଓୟ୍ୟାର ରଡ୍ ଏବଂ ଷ୍ଟ୍ରକଚରାଲ ପ୍ରଡକ୍ଟ) ବିକ୍ରି ହୁଏ S-E-L ବ୍ରାଣ୍ଡ ନାମରେ । ଏହାର ବୈଶିଷ୍ଟ୍ୟ ହେଲା ଶକ୍ତି, ନମନୀୟତା ଏବଂ ଦୀର୍ଘମିଆଦ । ଆଉ ଏହି ବୈଶିଷ୍ଟ୍ୟ ଗୁଡ଼ିକ ସଲମାନ ଖାନଙ୍କ ଚାରିତ୍ରିକ ବୈଶିଷ୍ଟ୍ୟ ସହିତ ଏକବାରେ ସମାନ । ତେଣୁ ବିଜ୍ଞାପନ କ୍ଷେତ୍ରରେ ତାଙ୍କ ବ୍ୟତିତ ଆଉ କୌଣସି ବିକଳ୍ପ ହୁଏ ବୋଲି ଆମର ମନେ ହେଉନାହିଁ । ଆମର ଗ୍ରାହକ ଏବଂ ଏଣ୍ଡ-ଇଉଜର, ଦୁଇ କ୍ଷେତ୍ରରେ ତାଙ୍କ ସହିତ ଏହି ଯୁଗଳବନ୍ଦୀ/ ଜୋଟବନ୍ଧନ ଆମ ବ୍ରାଣ୍ଡର ନିଜସ୍ୱତା ଏବଂ ଆମର ଅବସ୍ଥାନର ଅନନ୍ୟତାକୁ ଆହୁରି ଜୋରଦାର କରିବ । ଆମେ ମନେ କରୁ, ନିର୍ମାଣ ଶିଳ୍ପରେ ଆମର ଯାତ୍ରା ଏକମାତ୍ର ସେତେବେଳେହିଁ ସୁଦୃଢ଼ ହେବ, ଯେତେବେଳେ ମଣିଷ ତା'ର ପ୍ରତି ମୁହୂର୍ତ୍ତର ଚାହିଦା ସଙ୍ଗେ ଆମକୁ ଏକତ୍ର କରି ଦେଖି ପାରିବେ ।

2021ର ଜୁନ ମାସର ରିଟେଲ କାଟାଗୋରିରେ 121ରୁ ବେଶି ସବସ୍କ୍ରିପଶନ ମାଧ୍ୟମରେ ଆଇପିଓରେ ବ୍ୟାପକ ସାଫଲ୍ୟ ସୂଚିତ ହୁଏ । ସଂସ୍ଥାର ବର୍ତ୍ତମାନ ଆର୍ଥିକ ମୂଲ୍ୟ ପ୍ରାୟ 10,800 କୋଟି ଟଙ୍କା, ଯା ପାଇଁ ଦେଶର ପ୍ରଥମ 7ଟି ଇସ୍ପାତ ଉତ୍ପାଦନକାରୀ ସଂସ୍ଥା ମଧ୍ୟରେ ଏହାର ସ୍ଥାନ ପ୍ରତିଷ୍ଠିତ ହୋଇଛି । ଫେରୋ ଏଲୟ ଉତ୍ପାଦନ କ୍ଷେତ୍ରରେ ବୃହତ୍ତମ ସଂସ୍ଥା ଗୁଡ଼ିକ ମଧ୍ୟରେ ଅନ୍ୟତମ । S-E-L ପେଲେଟ କ୍ୟାପାସିଟି କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରହିଛି । ସ୍ପଞ୍ଜ ଆଇରନ ଇଣ୍ଡଷ୍ଟ୍ରିରେ ଏହାର ସ୍ଥାନ ଚତୁର୍ଥ ।* ବିଭିନ୍ନ ଉତ୍ପାଦନ ମଧ୍ୟରେ ଉଲ୍ଲେଖଯୋଗ୍ୟ ହେଲା ଆୟରନ ପେଲେଟ, ସ୍ପଞ୍ଜ ଆଇରନ, ଷ୍ଟିଲ ବିଲେଟ, ଟିଏମଟି, ଷ୍ଟ୍ରକଚରାଲ ପ୍ରଡକ୍ଟ, ଓୟ୍ୟାର ରଡ୍ ଏବଂ ଫେରୋ ଏଲୟର ନାନା ପ୍ରଡକ୍ଟ ।

> "ଏହି ବ୍ରାଣ୍ଡ ନୂତନ ଡିଲର/ ଡିଷ୍ଟ୍ରିବିଉଟର ମାନଙ୍କୁ ଆହ୍ୱାନ କରାଯାଉଛି, ଇଚ୍ଛୁକ ବ୍ୟକ୍ତିଗଣ ଏହି ନମ୍ବରରେ 1800 200 2233 କଲ କରି ପାରନ୍ତି।"

ସାମାଜିକ ଦାୟିତ୍ୱ ପାଳନ କ୍ଷେତ୍ରରେ ଏହି ସଂସ୍ଥା ଅତ୍ୟନ୍ତ ପ୍ରଶଂସନୀୟ ଭୂମିକା ନିଏ । ପ୍ରାନ୍ତିକ ଏବଂ ଗ୍ରାମୀଣ ମଣିଷଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ଗଠନର ଉନ୍ନୟନ ଏବଂ ସାମାଜିକ ସଚେତନତା ବୃଦ୍ଧି ବ୍ୟାପାରରେ ନାନା ଉଦ୍ୟୋଗରେ ସର୍ବଦା ଆଗରେ ରହେ S-E-L । ଫ୍ରି ଏମ୍ବୁଲେନ୍ସ, ନୂତନ ସ୍ୱାସ୍ଥକେନ୍ଦ୍ର ଖୋଲିବା, କମ୍ପ୍ୟୁଟର ଟ୍ରେନିଂ ସେଣ୍ଟର ଖୋଲିବା ଔଷଧ ଏବଂ ଚଷମା ବିତରଣ, ଆର୍ଥିକ ଭାବରେ ଅନୁନ୍ନତ ଛାତ୍ରଛାତ୍ରୀ ମାନଙ୍କୁ ସ୍କୋଲାରଶିପ ଦେବା, ମହିଳା ଫୁଟବଲ ଏକାଡେମୀ ନିର୍ମାଣ, ନାରୀର କ୍ଷମତାୟନ ଏବଂ ସାମଗ୍ରିକ ଭାବରେ ସାମାଜିକ ଚେତନା ବୃଦ୍ଧି କ୍ଷେତ୍ରରେ ନାନା ଉଦ୍ୟୋଗ ନେବା ମାଧ୍ୟମରେ ଶ୍ୟାମ ମେଟାଲିକ୍ସ ତାହାର ଯାତ୍ରାକୁ ସୁଦୃଢ଼ କରି ଚାଲିଛି ଏବଂ ଆଗାମୀ ଦିନରେ ମଧ୍ୟ ଏହି ପଥରେ ଆଗେଇ ଯିବାରେ ଅଙ୍ଗୀକାର ନେଇଛି।

*ଉତ୍ସ: Crisil ରିପୋର୍ଟ

Advt.

ବିସ୍ଫୋରଣରେ ୮ ମୃତ

ଚାଇନାର ଡାଲିଆନ୍ ସହରରେ ଶନିବାର ଏଲ୍‌ପିଜି ସିଲିଣ୍ଡର ଲିକ୍‌ରୁ ବିସ୍ଫୋରଣ ଘଟି ୮ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ମଧ୍ୟରାତ୍ରରେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

ସଂକ୍ଷେପରେ

ଆଜି ଏନ୍‌ଇଇଟି-ୟୁଜି ପରୀକ୍ଷା

ନୂଆଦିଲ୍ଲୀ, ୧୧।୯: ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି)-ଅଣ୍ଡରଗ୍ରାଜୁଏଟ୍ ପରୀକ୍ଷା ରବିବାର ଅନୁଷ୍ଠିତ ହେବ। ପରୀକ୍ଷା ପରିଚାଳନାରେ ସହଯୋଗ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟଗୁଡ଼ିକୁ ପତ୍ର ଲେଖିଛନ୍ତି। ୧୬.୧୪ ଲକ୍ଷ ପିଲା ଏହି ପରୀକ୍ଷା ଦେବାକୁ ନାମ ପଞ୍ଜୀକରଣ କରିଛନ୍ତି। କୋଭିଡ୍-୧୯ ସ୍ଥିତି ଓ କଟକଣାକୁ ଦୃଷ୍ଟିରେ ରଖି ପରୀକ୍ଷା କେନ୍ଦ୍ର ସଂଖ୍ୟା ଦୁଇଗୁଣ ବଢ଼ାଯାଇଛି। ୩,୮୫୮ଟି କେନ୍ଦ୍ରରେ ପରୀକ୍ଷାର୍ଥୀମାନଙ୍କ ପାଇଁ ଭିନ୍ନ ଭିନ୍ନ ପ୍ରବେଶ ସମୟ ଧାର୍ଯ୍ୟ କରାଯାଇଛି। ପରୀକ୍ଷା ପରିଚାଳନା କରୁଥିବା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ଏନେଇ ଶୁକ୍ରବାର ନିଜ ୱେବ୍‌ସାଇଟରେ ଆଡଭାଇଜରି ଜାରି କରିବା ସହ ପରୀକ୍ଷାର୍ଥୀମାନଙ୍କୁ ମେଲ୍ କରିଥିଲା। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନଙ୍କୁ ପତ୍ର ଲେଖାଯାଇ କୋଭିଡ୍ କଟକଣା ଲାଗୁ ହୋଇଥିବା ଅଞ୍ଚଳରେ ପିଲାଙ୍କୁ ପରୀକ୍ଷା ପାଇଁ ଛାଡ଼ିବାକୁ କୁହାଯାଇଛି। ଏନ୍‌ଇଇଟି-ପିଜି ପରୀକ୍ଷା କୋଭିଡ୍ କଟକଣା ମଧ୍ୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ୧.୬ ଲକ୍ଷ ପରୀକ୍ଷାର୍ଥୀ ୨୭୦ ସହରର ୬୭୯ଟି କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି।

ଇନ୍ଦିରା ଗାନ୍ଧୀଙ୍କୁ ଅଯୋଗ୍ୟ ରାୟ ସାହସିକତାପୂର୍ଣ୍ଣ ଥିଲା:ସିଜେଆଇ

ସିଜେଆଇ ଏନ୍. ଭି. ରମନା

ନୂଆଦିଲ୍ଲୀ, ୧୧।୯: ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଅଯୋଗ୍ୟ ଘୋଷଣା କରି ଆଲ୍ଲାହବାଦ୍ ହାଇକୋର୍ଟ ୧୯୭୫ ମସିହାରେ ଦେଇଥିବା ରାୟ ସାହସିକତାପୂର୍ଣ୍ଣ ଥିଲା ବୋଲି କହିଛନ୍ତି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍. ଭି. ରମନା। ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ନିର୍ବାଚନୀ ଅନିୟମିତତା ଅଭିଯୋଗ ଆସିବା ପରେ ଦେଶବ୍ୟାପୀ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଉକ୍ତ ମସିହା ଜୁନ୍ ୧୨ରେ ହାଇକୋର୍ଟ ଜଷ୍ଟିସ୍ ଜଗମୋହନଲାଲ ସିହ୍ନା ଅଦାଲତଙ୍କ ସାହସିକତାର ସହ ବିଚାର କରିଥିଲେ ବୋଲି ଶନିବାର ଉତ୍ତରପ୍ରଦେଶ ନ୍ୟାଶନାଲ ଲ' ୟୁନିଭର୍ସିଟି ଏବଂ ଆଲ୍ଲାହାବାଦ ହାଇକୋର୍ଟର ନୂଆ ବିଲ୍ଡିଂ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେଇ ସିଜେଆଇ ଏହା କହିଛନ୍ତି। ଏହି ହାଇକୋର୍ଟର ଇତିହାସ ୧୫୦ ବର୍ଷରୁ ଅଧିକ ପୁରୁଣା। ଏହାର ବାର୍ ଏବଂ ବେଞ୍ଚ ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାୟ ଦେଇଛି ବୋଲି ସିଜେଆଇ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଜେଆଇଙ୍କ ସମେତ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଧ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ହାଇକୋର୍ଟଙ୍କ ଉକ୍ତ ରାୟ ପରେ ୧୯୭୫ ଜୁନ୍ ୨୫ରେ ଦେଶରେ ଜରୁରିକାଳୀନ ପରିସ୍ଥିତି ଲାଗୁହୋଇଥିଲା।

ପାଣିରେ ବୁଡ଼ିଲା ବିମାନବନ୍ଦର

ଦିଲ୍ଲୀରେ ୪୬ ବର୍ଷରେ ସର୍ବାଧିକ ବର୍ଷା

- ୩ ବିମାନ ବାତିଲ
- ରାସ୍ତାରେ ବୋଟ୍ ଚଳାଇଲେ ଭାଜପା ନେତା

ନୂଆଦିଲ୍ଲୀ, ୧୧।୯(ପି.ଟି.)

ରାଜଧାନୀ ଦିଲ୍ଲୀରେ ୪୬ ବର୍ଷ ମଧ୍ୟରେ ସର୍ବାଧିକ ବର୍ଷା ହୋଇଛି। ଶୁକ୍ରବାରଠାରୁ ପ୍ରବଳ ବର୍ଷା ଲାଗିରହିବାରୁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରର ଅଧିକାଂଶ ଅଞ୍ଚଳ ବୁଡ଼ିଯାଇଥିଲା। ଶନିବାର ସକାଳେ ପ୍ରବଳ ବର୍ଷା ଲାଗି ରହିଥିବାରୁ ୩ଟି ବିମାନ ବାତିଲ ହେବା ସହ ଅନ୍ୟ ୫ଟିକୁ ଜୟପୁର ଏବଂ ଅହମଦାବାଦକୁ ପଠାଇ ଦିଆଯାଇଥିଲା। ଦିଲ୍ଲୀ ବିମାନ ବନ୍ଦରର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସେଠାରେ କାର୍‌ଗୁଡ଼ିକ ଅଧା ବୁଡ଼ିଯାଇଥିବା ଦେଖିବାକୁ ମିଳିଛି। ଲୋକେ ପାଣିରେ ପଶି ପ୍ରବେଶ ପଥ ନିକଟକୁ ଯାଉଛନ୍ତି। ବିମାନ ବନ୍ଦର ନିକଟରେ ଲକ୍‌ଜୁରି ହୋଟେଲ ଥିବା ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଛି। କେବଳ ବିମାନବନ୍ଦର ନୁହେଁ ଦିଲ୍ଲୀର ମୋତିବାଗ୍ ଏବଂ ଆର୍‌କେ ପୁରମ୍, ମଧୁବିହାର, ହରିନଗର, ରୋହତକ ରୋଡ୍, ବଦରପୁର, ସୋମ୍ ବିହାର, ରିଙ୍ଗ୍‌ରୋଡ୍, ବିକାଶ ମାର୍ଗ, ସଙ୍ଗମ୍ ବିହାର ସମେତ ବିଭିନ୍ନ ଅଞ୍ଚଳ ବର୍ଷାପାଣିରେ ବୁଡ଼ିଯାଇଛି।

୧୯୭୫ ପରେ ଦିଲ୍ଲୀରେ ପ୍ରଥମ ଥର ପାଇଁ ବର୍ଷା ୧୦୦୦ ମିଲିମିଟର ଅତିକ୍ରମ କରିଛି। ବହୁ ରାସ୍ତା ପାଣିରେ ବୁଡ଼ିରହିବା ସହ ଖାଲୁଆ ଅଞ୍ଚଳରେ ଘର ଭୁଶୁଡ଼ି ପଡ଼ିଛି। ଭାଜପା ନେତା ତଜିନ୍ଦର ପାଲ୍ ସିଂ ବଗା ରାସ୍ତାରେ ଡଙ୍ଗା ଚଳାଇଥିଲେ। ରାସ୍ତାରେ ଜମିଥିବା ବର୍ଷାପାଣିରେ ପିଲାମାନେ ପହଁରୁଥିବା ଦେଖାଯାଇଛି। ସଫଦରଜଙ୍ଗରେ ୨୪ ଘଣ୍ଟାରେ ସର୍ବାଧିକ ୯୪.୭ ମିଲିମିଟର ବର୍ଷା ହୋଇଛି। ଅଧିକ ବର୍ଷା ହେବାକୁ ଥିବାରୁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।

ଅଣ୍ଡରପାସ୍‌ରେ ଫସିଲା ବସ୍

୪୦ ଯାତ୍ରୀ ଉଦ୍ଧାର

ପ୍ରବଳ ବର୍ଷା ଯୋଗୁ ଶନିବାର ସକାଳେ ଦିଲ୍ଲୀର ଜଳାର୍ଣ୍ଣବ ଅଣ୍ଡରପାସ୍‌ରେ ଏକ ଘରୋଇ ବସ୍ ଅଟକି ରହିଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ଉକ୍ତ ବସ୍ ଭିତରୁ ୪୦ ଜଣ ଯାତ୍ରୀଙ୍କୁ ଉଦ୍ଧାର କରିଛନ୍ତି। ମଥୁରା ଅଭିମୁଖେ ଯାଉଥିବା ଉକ୍ତ ବସ୍‌ରେ ମହିଳା, ଶିଶୁଙ୍କ ସମେତ ୪୦ ଯାତ୍ରୀ ଥିଲେ। ପାଲାମ ଫ୍ଲାଇଓଭର ଅଣ୍ଡରପାସ୍‌ରେ ବସ୍‌ଟି ଅଟକିଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗର ଦୁଇଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

ଧାରଣାରୁ ହଟିଲେ ଚାଷୀ

- କର୍ନଲ ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ
- ମୁଣ୍ଡ ଫଟାଇବାକୁ କହିଥିବା ଅଫିସରଙ୍କୁ ଛୁଟିରେ ପଠାଗଲା

ଚଣ୍ଡିଗଡ଼, ୧୧।୯(ପି.ଟି.)

ଗତ ମାସରେ କର୍ନଲଠାରେ ଚାଷୀ ଓ ପୋଲିସ ମଧ୍ୟରେ ସଂଘର୍ଷ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ହରିୟାଣା ସରକାର ଶନିବାର ନିର୍ଦ୍ଦେଶ ଦେବା ପରେ ଆନ୍ଦୋଳନରତ ଚାଷୀ ଧାରଣାରୁ ଉଠିଛନ୍ତି। ଚାଷୀଙ୍କ ମୁଣ୍ଡ ଫଟାଇବାକୁ ନିର୍ଦ୍ଦେଶ ଦେଇ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଥିବା ଆଇଏଏସ୍ ଅଫିସର ଆୟୁଷ ସିହ୍ନାଙ୍କୁ ଛୁଟିରେ ପଠାଇଦିଆଯାଇଛି। ଜଣେ ଅବସରପ୍ରାପ୍ତ ବିଚାରପତି ପୋଲିସ ଲାଠିମାଡ଼ ଘଟଣାର ତଦନ୍ତ କରିବେ। ମାସକ ମଧ୍ୟରେ ତଦନ୍ତ ଶେଷ କରିବାକୁ କୁହାଯାଇଥିବାବେଳେ ସେ ପର୍ଯ୍ୟନ୍ତ ଏସ୍‌ଡିଏମ୍ ସିହ୍ନା ଛୁଟିରେ ରହିବେ ବୋଲି ହରିୟାଣା ଅତିରିକ୍ତ ମୁଖ୍ୟ ସଚିବ ଦେବେନ୍ଦ୍ର ସିଂ କହିଛନ୍ତି। ଦୀର୍ଘଦିନର ଅଚଳାବସ୍ଥା ପରେ ଆନ୍ଦୋଳନରୁ ଓହରିବାକୁ ଚାଷୀ ରାଜି ହେବା ପରେ ଉଭୟ ପକ୍ଷରୁ ଏକ ମିଳିତ ଖବରଦାତା ସମ୍ମିଳନୀ କରାଯାଇଥିଲା। ଶୁକ୍ରବାର କର୍ନଲ ପ୍ରଶାସନ ଓ ଚାଷୀନେତାଙ୍କ ମଧ୍ୟରେ ଦୀର୍ଘସମୟ ଆଲୋଚନା ହୋଇଥିଲା। ସରକାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେବା ପରେ ଧାରଣାରୁ ଉଠିବା ପାଇଁ ନିଷ୍ପତ୍ତି ନିଆଯାଇଥିବା କୃଷକ ନେତା ଗୁରନାମ ସିଂ ଚାଡୁନି କହିଛନ୍ତି। ଗତ ମାସ ୨୮ ତାରିଖରେ ଚାଷୀମାନେ ଭାଜପାର ଏକ ସଭାସ୍ଥଳକୁ ଶୋଭାଯାତ୍ରାରେ ଯାଉଥିବାବେଳେ ପୋଲିସ ସହ ସଂଘର୍ଷ ହୋଇଥିଲା। ପୋଲିସ ଲାଠିମାଡ଼ରେ ୧୦ ଜଣ ଚାଷୀ ଆହତ ହୋଇଥିଲେ। ଆଇଏଏସ୍ ଅଫିସର ସିହ୍ନା ଚାଷୀଙ୍କ ମୁଣ୍ଡ ଫଟାଇବାକୁ ପୋଲିସକୁ କହୁଥିବା ଅଡିଓ ଟେପ୍‌ରେ ଧରାପଡ଼ିଥିଲା। ଚାଷୀମାନେ ସିହ୍ନାଙ୍କ ନିଲମ୍ବନ ଦାବି କରିଥିଲେ।

ଆଜି ଭାରତ ଆସିବେ ଜନ୍ କେରୀ

ନ୍ୟୁୟର୍କ, ୧୧।୯

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଜଳବାୟୁ ସମ୍ପର୍କିତ ସ୍ୱତନ୍ତ୍ର ରାଷ୍ଟ୍ରଦୂତ ଜନ୍ କେରୀ ରବିବାର ଭାରତ ଆସିବେ। ଅକ୍ଟୋବରରେ ଜାତିସଂଘର କ୍ଲାଇମେଟ୍ ଚେଞ୍ଜ ସମ୍ମିଳନୀ ପୂର୍ବରୁ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ କେରୀ ପାଣ୍ଠି ସଂଗ୍ରହ ଅଭିଯାନ ଆରମ୍ଭ କରିବେ ବୋଲି ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ଏହା କେରୀଙ୍କ ଭାରତକୁ ଦ୍ୱିତୀୟ ଗସ୍ତ ହେବ। ଏହା ପୂର୍ବରୁ ସେ ତାଙ୍କ ଚାଇନା ପ୍ରତିପକ୍ଷ ଶି ଜେନ୍‌ହୁଆଙ୍କୁ ତିଆନଜିନ୍‌ରେ ଭେଟିଥିଲେ। ଚାଇନା ସହ ଏ ବାବଦରେ କୌଣସି ଚୁକ୍ତି ହୋଇପାରିନାହିଁ।

ନୀତିନ ପଟେଲ ହୋଇପାରନ୍ତି ଗୁଜରାଟ ମୁଖ୍ୟମନ୍ତ୍ରୀ

ଅହମଦାବାଦ, ୧୧।୯

ଗୁଜରାଟ ମୁଖ୍ୟମନ୍ତ୍ରୀ ପଦରୁ ବିଜୟ ରୂପାନୀଙ୍କ ଇସ୍ତଫା ପରେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବେ ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ଏହି ପଦ ଲାଗି ଉପମୁଖ୍ୟମନ୍ତ୍ରୀ ନୀତିନ ପଟେଲ, ରାଜ୍ୟ କୃଷିମନ୍ତ୍ରୀ ଆର୍.ସି. ଫାଲ୍‌ଡୁ, କେନ୍ଦ୍ରମନ୍ତ୍ରୀ ପୁରୁଷୋତ୍ତମ ରୁପାଲା ଏବଂ ମନସୁଖ ଲାଲ୍ ମାଣ୍ଡବ୍ୟଙ୍କ ନାମ ଚର୍ଚ୍ଚା ହେଉଛି। ତେବେ ବୃତ୍ତାନ୍ତ ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେବେ ବୋଲି ଜଣେ ଭାଜପା ନେତା କହିଛନ୍ତି। ୨୦୧୬ ଅଗଷ୍ଟରେ ଆନନ୍ଦୀବେନ୍ ପଟେଲ ଇସ୍ତଫା ଦେବା ପରେ ନୀତିନ ପଟେଲ୍ ମୁଖ୍ୟମନ୍ତ୍ରୀ ହେବା ନେଇ ଆଲୋଚନା ହେଉଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ବିଜୟ ରୂପାନୀଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ଏବେ ନୀତିନଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସୋସିଆଲ ମିଡିଆ ମାଧ୍ୟମରେ ଦାବି କରାଯାଉଛି। ସେହିପରି ମାଣ୍ଡବ୍ୟ ପ୍ରଭାବଶାଳୀ ପଟିଦାର ସମ୍ପ୍ରଦାୟର ହୋଇଥିବାରୁ ସେ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଆଗଧାଡ଼ିରେ ଥିବା କୁହାଯାଉଛି। ଏହା ବ୍ୟତୀତ ଦାଦ୍ରା ଓ ନଗର ହାଭେଲି ଏବଂ ଡାମନ୍ ଓ ଡିଉ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସକ ଥିବା ପ୍ରଫୁଲ୍ଲ ଖୋଡ଼ା ପଟେଲଙ୍କ ନାଁ ମଧ୍ୟ ଚର୍ଚ୍ଚାରେ ରହିଛି।

ମୁମ୍ବାଇର ଜଣେ ସ୍ୱେଚ୍ଛାସେବୀ ଶନିବାର ଆରବସାଗରରେ ଗଣେଶ ମୂର୍ତ୍ତି ବିସର୍ଜନ କରୁଛନ୍ତି।

ମହାମାରୀ ବିରୋଧରେ ବୈଶ୍ୱିକ ଶାସନ ଜରୁରୀ

କୋପେନହାଗେନ୍, ୧୧।୯

ମହାମାରୀ ବିରୋଧରେ ଲଢ଼େଇ ପାଇଁ ବିଶ୍ୱସ୍ତରୀୟ ଶାସନର ଆହ୍ୱାନ ଦେଇଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ସ୍ୱାସ୍ଥ୍ୟ ଓ ସ୍ଥାୟୀ ବିକାଶ ପାନ୍-ୟୁରୋପିଆନ କମିଶନ। ଜି-୨୦ ତତ୍ତ୍ୱାବଧାନରେ ଏକ ଗ୍ଲୋବାଲ ହେଲ୍‌ଥ ବୋର୍ଡ ଗଠନର ଆବଶ୍ୟକତା ରହିଛି ବୋଲି କୋପେନହାଗେନ୍ ସ୍ଥିତ ଡବ୍ଲ୍ୟୁଏଚ୍‌ଓ ଆଞ୍ଚଳିକ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କମିଶନ ପରାମର୍ଶ ଦେଇଛନ୍ତି। ଡବ୍ଲ୍ୟୁଏଚ୍‌ଓ କହିବା ମୁତାବକ, କୋଭିଡ୍-୧୯ ମୁକାବିଲା କରି ଜୀବନ ରକ୍ଷା କରିବାରେ କେତେକ ଦେଶର ଶାସନ ବ୍ୟବସ୍ଥା ବିଫଳ ହୋଇଛି। ଏପରି କି କେତେକ ଦେଶ ବିଜ୍ଞାନ ଅପେକ୍ଷା ରାଜନୈତିକ ପ୍ରତିକ୍ରିୟା ଗ୍ରହଣ କରିଛନ୍ତି। କମିଶନ ଅଧ୍ୟକ୍ଷ ମାରିଓ ମୋଣ୍ଟି କହିଛନ୍ତି, ଜି-୨୦ରେ ଏକ ବୈଶ୍ୱିକ ସ୍ୱାସ୍ଥ୍ୟ ଏବଂ ଆର୍ଥିକ ବୋର୍ଡ ଗଠନ ଓ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ସ୍ୱାସ୍ଥ୍ୟ ନୀତି ପାଳନ ପାଇଁ ଅନ୍ତର୍ଜାତୀୟ ସଂଗଠନଗୁଡିକ ସାମଗ୍ରିକ ନୀତି ନିର୍ଦ୍ଧାରଣ କରିବାର ଆବଶ୍ୟକତା ରହିଛି। ରୋଗ ନିୟନ୍ତ୍ରଣ ଏବଂ ଡାଟା ଶେୟାରିଂ ଓ ଡାଟା-ଇଣ୍ଟରଅପରେବିଲିଟି ସେବାକୁ ଉତ୍କୃଷ୍ଟ କରିବା ଦିଗରେ ପାନ୍-ୟୁରୋପିଆନ ନେଟ୍‌ୱର୍କ ଏବଂ ପାନ୍-ୟୁରୋପିଆନ୍ ହେଲ୍‌ଥ ଥ୍ରେଟ୍‌ସ କାଉନସିଲ କାମ କରିବା ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି।

ଏକତା ଆମେରିକାର ଶକ୍ତି

(ବାମରୁ) ଆମେରିକା ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା, ସ୍ତ୍ରୀ ମିଶେଲ ଓବାମା, ରାଷ୍ଟ୍ରପତି ଜୋ ବାଇଡେନ୍, ପ୍ରଥମ ମହିଳା ଜିଲ୍ ବାଇଡେନ୍ ୯/୧୧ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

- ୯/୧୧କୁ ମନେପକାଇଲେ ବାଇଡେନ୍
- ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ

ୱାଶିଂଟନ୍, ୧୧।୯

ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ର ବିଲ୍ଡିଂରେ ୨୦୦୧ ସେପ୍ଟେମ୍ବର ୧୧ରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣରେ ପ୍ରାୟ ୩ ହଜାର ଜୀବନ ଯାଇଥିଲା। ୯/୧୧ ଆକ୍ରମଣକୁ ୨୦ ବର୍ଷ ପୂର୍ତ୍ତି ଅବସରରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଦେଶର ପ୍ରଥମ ମହିଳା ଜିଲ୍ ବାଇଡେନ୍ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ନ୍ୟୁୟର୍କରେ ଥିବା ସ୍ମାରକୀଠାରେ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା, ବିଲ୍ କ୍ଲିଣ୍ଟନ୍‌ଙ୍କ ସମେତ ସମସ୍ତ ପ୍ରଦେଶର ପ୍ରମୁଖ ବ୍ୟକ୍ତିବିଶେଷ ପହଞ୍ଚି ନୀରବ ପ୍ରାର୍ଥନା କରିଛନ୍ତି। ଏକତା ହିଁ ଆମେରିକାର ଶକ୍ତି। ତେଣୁ ଦେଶବାସୀ ସର୍ବଦା ଏକଜୁଟ ହୋଇ ରହିବାକୁ ବାଇଡେନ୍ ଆହ୍ୱାନ ଦେଇଛନ୍ତି। ଏଥିସହ ଆକ୍ରମଣସ୍ଥଳରେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କୁ ଉଦ୍ଧାର କରିଥିବା ଏବଂ ପ୍ରାଣ ହାରିଥିବା ସାହସୀମାନଙ୍କୁ ମଧ୍ୟ ସେ ସମ୍ମାନ ଜଣାଇଥିଲେ। ସମୟ ଯେତେ ବଦଳି ଗଲେ ବି ଏହି ସମୟ ସବୁବେଳେ କଷ୍ଟଦାୟକ ବୋଲି ବାଇଡେନ୍ କହିଥିଲେ। ବାଇଡେନ୍ ୩ ଆକ୍ରମଣସ୍ଥଳ ନ୍ୟୁୟର୍କର ବିଶ୍ୱ ବାଣିଜ୍ୟ କେନ୍ଦ୍ରର ଟୁଇନ୍ ଟାୱାର ସମେତ ପେନ୍‌ସିଲଭାନିଆ ଏବଂ ପେଣ୍ଟାଗନ ବିଲ୍ଡିଂ ନିକଟକୁ ଯାଇଥିଲେ। ଜର୍ଜ ଡବ୍ଲ୍ୟୁ ବୁଶ୍, ଓବାମା ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ପରେ ୯/୧୧ ବର୍ଷ ପୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାରେ ବାଇଡେନ୍ ହେଉଛନ୍ତି ଚତୁର୍ଥ ରାଷ୍ଟ୍ରପତି।

'ଭର୍ଚୁଆଲରେ ହୋଇପାରିବ ବିବାହ ପଞ୍ଜୀକରଣ'

ନୂଆଦିଲ୍ଲୀ, ୧୧।୯

ଭିଡିଓ କନଫରେନ୍ସ ମାଧ୍ୟମରେ ଭର୍ଚୁଆଲ ଉପସ୍ଥିତିରେ ମଧ୍ୟ ଦମ୍ପତିଙ୍କ ବିବାହ ପଞ୍ଜୀକରଣ ହୋଇପାରିବ। ଏଥିପାଇଁ ବ୍ୟକ୍ତିଗତ ଉପସ୍ଥିତି ନିମନ୍ତେ ଥିବା କଠୋର ଆଇନ ଯୋଗୁ ଏବେର ସମୟରେ ନାଗରିକମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ଆମେରିକାରେ ରହୁଥିବା ଭାରତୀୟ ଦମ୍ପତି ଭିଡିଓ କନଫରେନ୍ସିଂ ଜରିଆରେ ବିବାହ ପଞ୍ଜୀକରଣ ନିମନ୍ତେ ହାଇକୋର୍ଟରେ କରିଥିବା ଆବେଦନର ଶୁଣାଣି କରି ଜଷ୍ଟିସ୍ ରେଖା ପାଲ୍ଲି ଉପରୋକ୍ତ ରାୟ ଦେଇଛନ୍ତି। ରେଜିଷ୍ଟ୍ରେଶନ ଅର୍ଡର ଧାରା-୪ରେ ଭିଡିଓ କନଫରେନ୍ସ ମାଧ୍ୟମରେ ମଧ୍ୟ 'ବ୍ୟକ୍ତିଗତ ଉପସ୍ଥିତି'କୁ ସାମିଲ କରାଯାଇପାରିବ। ଏଥିରେ ବାଧା ସୃଷ୍ଟିହେଲେ ବିବାହ ପଞ୍ଜୀକରଣ ଆଇନର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ ଏବଂ ଭିଡିଓ କନଫରେନ୍ସ ଭଳି ଗୁରୁତ୍ୱପୂର୍ଣ୍ଣ ତଥା ସହଜରେ ଉପଲବ୍ଧ ଉପକରଣ ବ୍ୟବହାର ଏ ଦିଗରେ ଉପଯୋଗ ହୋଇପାରିବ ନାହିଁ ବୋଲି ଜଷ୍ଟିସ୍ ପାଲ୍ଲି କହିଛନ୍ତି। ଏଥିସହ ସମ୍ପୃକ୍ତ ଯୋଡ଼ି ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କ ନିକଟରେ ଭର୍ଚୁଆଲ ମାଧ୍ୟମରେ ଉପସ୍ଥିତ ରହି ସେମାନଙ୍କ ବିବାହ ରେଜିଷ୍ଟର କରିପାରିବେ ବୋଲି କୋର୍ଟ ଅନୁମତି ଦେଇଥିଲେ। ତେବେ ପଞ୍ଜୀକରଣ ବେଳେ କର୍ତ୍ତୃପକ୍ଷଙ୍କ ନିକଟରେ ଦୁଇଜଣ ସାକ୍ଷୀ ବୈଧ ପରିଚୟ ପତ୍ର ସହ ଶାରୀରିକ ଭାବେ ଉପସ୍ଥିତ ରହିବେ ବୋଲି ଅଦାଲତ କହିଛନ୍ତି।

ତାଲିବାନ୍ ସପକ୍ଷରେ ମହିଳାଙ୍କ ରାଲି

'ପୂର୍ବ ସରକାରରେ ନ ଥିଲା ମହିଳା ସ୍ୱାଧୀନତା'

କାବୁଲ, ୧୧।୯(ଆଇଏଏନ୍‌ଏସ୍)

ଆଫଗାନିସ୍ତାନରେ ତାଲିବାନ ଶାସନକୁ ବିରୋଧ କରି ବିକ୍ଷୋଭରେ ସାମି

୧୦ ଦିନରେ ୧୧୪୬ ପିଲା ସଂକ୍ରମିତ

୨୪ ଘଣ୍ଟାରେ ୬୩୦ ପଜିଟିଭ୍ ଚିହ୍ନଟ, ୮ ମୃତ

ଭୁବନେଶ୍ୱର, ୧୧।୯ (ବ୍ୟୁରୋ)

ରାଜ୍ୟରେ ଏବେ କରୋନା ସଂକ୍ରମଣ ନିୟନ୍ତ୍ରଣାଧୀନ ରହିଛି। ହେଲେ ପିଲାଙ୍କ ସଂକ୍ରମଣରେ ବ୍ରେକ୍ ଲାଗି ପାରୁନାହିଁ। ଗତ ୨୪ ଘଣ୍ଟାରେ ଆଉ ୬୩୦ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୮ ବର୍ଷରୁ କମ୍ ବୟସର ୧୧୬ଜଣ ରହିଛନ୍ତି। ସମ୍ଭାବ୍ୟ ତୃତୀୟ ଲହରରେ ପିଲାଙ୍କ ଦ୍ରୁତ ସଂକ୍ରମଣ ଦେଖାଦେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଆକଳନ କରୁଥିବାବେଳେ ବର୍ତ୍ତମାନର ପଜିଟିଭ୍ ରିପୋର୍ଟକୁ ଦେଖିଲେ ସେଭଳି ସ୍ଥିତି ଆସିଯାଇଥିବା ଭଳି ଲାଗୁଛି। ଗତ ୨ରୁ ୮ ତାରିଖ ୭ ଦିନରେ ୭୯୪ଜଣ ଶିଶୁ ଓ କିଶୋର ସଂକ୍ରମିତ ହୋଇଥିବାବେଳେ ୯ରୁ ୧୧ ତାରିଖ ୩ ଦିନ ମଧ୍ୟରେ ପୁଣି ୩୫୨ଜଣ ପିଲା ଆକ୍ରାନ୍ତ ହୋଇଛନ୍ତି। ମାତ୍ର ୧୦ ଦିନରେ ରାଜ୍ୟରେ ମୋଟ ୧୧୪୬ ପିଲା ସଂକ୍ରମିତ ହୋଇଥିବାରୁ ଚିନ୍ତା ବଢ଼ିଛି। ଅନ୍ୟପକ୍ଷରେ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୨୧ଜଣ ରହିଛନ୍ତି। ଏହା ପଛକୁ କଟକ ଜିଲାରେ ଦ୍ୱିତୀୟ ସର୍ବାଧିକ ୧୧୮ଜଣ, ଯାଜପୁରରୁ ୩୨, ବାଲେଶ୍ୱର ୨୩, ସୁନ୍ଦରଗଡ ୨୨, ମୟୂରଭଞ୍ଜ ୨୦, ନୟାଗଡ଼ ୧୭, ପୁରୀ ୧୬, ସମ୍ବଲପୁର ୧୩, ଢେଙ୍କାନାଳ ୧୨, ଜଗତ୍‌ସିଂହପୁର ୧୧, ଭଦ୍ରକ ୧୦, କେନ୍ଦ୍ରାପଡା ୮, କୋରାପୁଟ ୯, ରାୟଗଡା ୭, ଅନୁଗୋଳ ୫, ବରଗଡ, ଦେବଗଡ, କେନ୍ଦୁଝର ଓ ମାଲକାନଗିରିରୁ ୪ଜଣ ଲେଖାଏ,



ବଲାଙ୍ଗୀର, ଗଜପତି ଓ ଗଞ୍ଜାମରୁ ୩ଜଣ ଲେଖାଏ, କନ୍ଧମାଳ ଓ ନବରଙ୍ଗପୁରରୁ ୨ଜଣ ଲେଖାଏ, ବୌଦ୍ଧ, ଝାରସୁଗୁଡା, କଳାହାଣ୍ଡି ଓ ନୂଆପଡାରୁ ଜଣେ ଲେଖାଏ ଓ ଷ୍ଟେଟ୍ ପୁଲ୍‌ରୁ ୫୩ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୦,୧୫,୭୧୩ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୧୦ଲକ୍ଷ ୧୨ଶହ ୫୪ଜଣ ସୁସ୍ଥ ହୋଇସାରିଛନ୍ତି। ସେହିପରି ରାଜ୍ୟରୁ ଆଉ ୮ଜଣଙ୍କ ମୁଣ୍ଡ ନେଇଛି ମହାମାରୀ। ଫଳରେ କରୋନାଜନିତ ମୃତ୍ୟୁ ୮,୦୯୨କୁ ବୃଦ୍ଧି ପାଇଛି। ମୃତକଙ୍କ ମଧ୍ୟରେ ୨ଜଣ କଟକରୁ ଥିବାବେଳେ ବାଲେଶ୍ୱର, ଢେଙ୍କାନାଳ, ଜଗତ୍‌ସିଂହପୁର, ଯାଜପୁର, ମାଲକାନଗିରିର ଓ ମୟୂରଭଞ୍ଜରୁ ଜଣେ ଲେଖାଏ ଅଛନ୍ତି। ଏହାକୁ ମିଶାଇ କଟକରେ କରୋନା ମୃତ୍ୟୁ ସଂଖ୍ୟା ୮୧୬, ବାଲେଶ୍ୱରରେ ୨୭୮, ଢେଙ୍କାନାଳରେ ୨୪୨, ଜଗତ୍‌ସିଂହପୁରରେ ୨୯୪, ଯାଜପୁରରେ ୧୫୯, ମାଲକାନଗିରିରେ ୪୬ ଓ ମୟୂରଭଞ୍ଜରେ ୨୭୫କୁ ବୃଦ୍ଧି ପାଇଛି।

ଟିକା ନେଇଥିବା ୨୦%ଙ୍କଠାରେ ଆଣ୍ଟିବଡି ସୃଷ୍ଟି ହେଉନି

ଭୁବନେଶ୍ୱର, ୧୧।୯ (ବ୍ୟୁରୋ)

- ପାର୍ବଣରେ ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ
- ବୁଷ୍ଟର କିମ୍ବା ତୃତୀୟ ଡୋଜ୍ ଦେବା ନେଇ ଅନୁଧ୍ୟାନ ଚାଲିଛି

ରାଜ୍ୟରେ ଦୈନିକ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇବା ସହ ସଂକ୍ରମଣ ନିୟନ୍ତ୍ରଣାଧୀନ ରହିଛି। ଟିକାକରଣକୁ ଜୋରଦାର କରାଯାଉଥିବାରୁ କରୋନାର ପ୍ରଭାବ କମ୍ ରହିଛି। ତେବେ ଟିକା ନେଇଥିବା ୨୦ରୁ ୨୫ ପ୍ରତିଶତ ଲୋକଙ୍କ ଶରୀରରେ ଆଣ୍ଟିବଡି ସୃଷ୍ଟି ହେଉନାହିଁ। ଏମାନଙ୍କ ଶରୀରରେ ଟିକା କାମ ଦେଉ ନାହିଁ ବୋଲି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ (ଆଇଏଲ୍‌ଏସ୍)ର ନିର୍ଦ୍ଦେଶକ ଡ. ଅଜୟ ପରିଡା କହିଛନ୍ତି। ଜେନମ୍ ସିକ୍ୱେନ୍ସିଂ ବିଶ୍ଳେଷଣ ଆଧାରକୁ ନେଇ ଏହି ସୂଚନା ଦିଆଯାଇଛି। ଅଗଷ୍ଟରୁ ସେପ୍ଟେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ରାଜ୍ୟର ୬ଶହ ସାମ୍ପଲକୁ ଜେନମ୍ ସିକ୍ୱେନ୍ସିଂ କରାଯାଇଥିଲା। ସେଥିମଧ୍ୟରୁ ୪୨୫ ଡେଲ୍ଟା ଭାରିଆଣ୍ଟ ବାହାରିଥିବାବେଳେ ବାକି ସାମ୍ପଲ ଅନ୍ୟ ଭାରିଆଣ୍ଟର। କୌଣସି ନୂଆ ମ୍ୟୁଟେଶନ ଚିହ୍ନଟ ହୋଇନାହିଁ। ଭାରତର ସବୁ ରାଜ୍ୟରେ ଜେନମ ସିକ୍ୱେନ୍ସିଂ କରାଯାଇଛି। ଏଥିରେ ଓଡ଼ିଶା ୪ ନମ୍ବରରେ ରହିଛି। ପ୍ରଥମରେ ମହାରାଷ୍ଟ୍ର, ଦ୍ୱିତୀୟରେ କେରଳ, ତୃତୀୟରେ ଦିଲ୍ଲୀ ଏବଂ ଚତୁର୍ଥରେ ଓଡ଼ିଶା ଓ ତେଲଙ୍ଗାନା ରହିଛି। ଦ୍ୱିତୀୟ ଡୋଜ୍ ଟିକା ନେବା ପରେ ବି ସମସ୍ତଙ୍କ ଦେହରେ ଆଣ୍ଟିବଡି ସୃଷ୍ଟି ହେଉ ନ ଥିବାରୁ ବୁଷ୍ଟର କିମ୍ବା ତୃତୀୟ ଡୋଜ୍ ଦେବା ନେଇ ଅନୁଧ୍ୟାନ ଚାଲିଛି। ସମାନ କମ୍ପାନୀ କିମ୍ବା ଅନ୍ୟ କୌଣସି କମ୍ପାନୀର ଟିକା ଦିଆଯିବ ତାହାର ତର୍ଜମା କରାଯାଉଛି। ଖୁବ୍‌ଶୀଘ୍ର ଏ ସମ୍ପର୍କରେ ଭାରତ ସରକାର ଘୋଷଣା କରିବେ। ଏବେ ପାର୍ବଣ ଋତୁ ଆରମ୍ଭ ହୋଇଯାଇ ଥିବାରୁ ଲୋକଙ୍କ ସମାଗମ ପୁଣିଥରେ ସଂକ୍ରମଣ ବଢାଇପାରେ। କେରଳର ଓନମ ପର୍ବ ଏହାର ବଡ଼ ଉଦାହରଣ। ତେଣୁ ନୂଆଁଖାଇଠାରୁ କାଳିପୂଜା ପର୍ଯ୍ୟନ୍ତ ଆମକୁ ଜଗିରଖି ଚଳିବାକୁ ହେବ। ସେହିପରି ପିଲାମାନଙ୍କୁ ଟିକା ଦିଆଯାଇ ନ ଥିବାରୁ ସେମାନଙ୍କ ପ୍ରତି ବିଶେଷ ଧ୍ୟାନ ଦେବାକୁ ହେବ ବୋଲି ସେ କହିଛନ୍ତି। ଓଡ଼ିଶାର ସ୍ଥିତି ଏବେ ଭଲ ଅଛି। ପଜିଟିଭ୍ ସଂଖ୍ୟା ୬ଶହରୁ ୭ଶହ ମଧ୍ୟରେ ରହୁଛି। ଏବେ କେରଳ ଓ ଉତ୍ତର ପୂର୍ବରୁ ଦେଶର ୮୦ ପ୍ରତିଶତ କେସ୍ ଆସୁଛି। ମହାରାଷ୍ଟ୍ରରେ ମଧ୍ୟ ସଂକ୍ରମଣ ବଢିଛି। ଲକ୍‌ଡାଉନ ଓ ଶଟ୍‌ଡାଉନ କଟକଣା ହଟା ଯାଇଥିବାରୁ ଭୁବନେଶ୍ୱରରେ ଅଧିକ ଗହଳି ରହୁଛି। ସେଥିପାଇଁ ପଜିଟିଭ୍ ସଂଖ୍ୟା ସାମାନ୍ୟ ଅଧିକ ରହୁଛି। ତେବେ ପୂର୍ବରୁ ଦୈନିକ ସଂକ୍ରମଣ ୧ହଜାର ଉପରେ ରହୁଥିବାବେଳେ ଏବେ ତାହା ୨ରୁ ୩ଶହ ଖସି ଆସିଛି। ହଜାରେରୁ ୩ଶହ ହେବାକୁ କମ୍ ସମୟ ଲାଗେ। ମାତ୍ର ୩ଶହରୁ କମିବାକୁ ଅଧିକ ସମୟ ଲାଗେ। ଦିଲ୍ଲୀରେ ଏଭଳି ସ୍ଥିତି ରହିଥିଲା। ଭୁବନେଶ୍ୱରରେ ଆଉ ୧୦ରୁ ୧୫ ଦିନରେ ସଂକ୍ରମଣ କମିଯିବାର ଆଶା କରାଯାଉଛି ବୋଲି ଆଇଏଲ୍‌ଏସ୍ ନିର୍ଦ୍ଦେଶକ ଡ. ପରିଡ଼ା କହିଛନ୍ତି।

ଘରୋଇ କାମ କରିବା ନିମନ୍ତେ ଅବିବାହିତ ମହିଳା /ଦମ୍ପତି ଆବଶ୍ୟକ
ରହିବା ଏବଂ ଖାଇବା ସୁବିଧା ଉପଲବ୍ଧ।
9132933333

ଜନ୍ମଦିନର ଶୁଭେଚ୍ଛା

ଗୋପାଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଲଘୁଚାପ ଘନୀଭୂତ, ...

ରହିଛି। ଲଘୁଚାପ ଯୋଗୁ ରବିବାର ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଯାଜପୁର ଓ ଭଦ୍ରକ ଜିଲାରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ପାଣିପାଗ ବିଭାଗ ପକ୍ଷରୁ ଏ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ଗଞ୍ଜାମ, ବାଲେଶ୍ୱର, ନୟାଗଡ଼, ଅନୁଗୋଳ, ବୌଦ୍ଧ, ସମ୍ବଲପୁର, ସୋନପୁର, ବଲାଙ୍ଗୀର ଓ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୩ ତାରିଖରେ ଅତି ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ଅନୁଗୋଳ, ଦେବଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗୀର ଓ ସୋନପୁର ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ତଳିଆ ଅଞ୍ଚଳର ଚାଷ ଜମି ଜଳମଗ୍ନ ହେବା ସହ ମାଟି ରାସ୍ତା କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି। ଏହି ସମୟରେ କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୂଆପଡ଼ା, କଟକ, ଯାଜପୁର, ଢେଙ୍କାନାଳ, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଜିଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ୟେଲୋ ୱାର୍ନିଂ ଜାରି କରିଛି। ସେହିପରି ୧୪ ତାରିଖରେ ପ୍ରବଳ ବର୍ଷା ନେଇ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର ଓ କେନ୍ଦୁଝର ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଲଘୁଚାପ ପାଇଁ ୧୨ରୁ ୧୪ ତାରିଖ ଯାଏ ସମୁଦ୍ର ଅଶାନ୍ତ ରହିବ। ଉତ୍ତର ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ସହ ଉପକୂଳ ଓଡ଼ିଶାରେ ପବନର ବେଗ ଘଣ୍ଟାପ୍ରତି ୪୫ରୁ ୫୫ କିଲୋମିଟର ରହିବ। ଏହି ସମୟରେ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି।

ପ୍ରଥମ ପୃଷ୍ଠାରୁ...

ନୂଆଁଖାଇରେ କାଳିଆ ...

ଦୃଷ୍ଟି ଆକର୍ଷଣ କରାଯାଉଛି। ସରକାର ସବୁବେଳେ ଚାଷୀମାନଙ୍କ ସାଥିରେ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚଳିତ ବର୍ଷ କମ୍ ବର୍ଷା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅଗଷ୍ଟରେ କମ୍ ବର୍ଷା ହୋଇଛି। ତେବେ ବର୍ତ୍ତମାନ ଭଲ ବର୍ଷା ହେଉଥିବାରୁ ଆଗକୁ ସ୍ଥିତିରେ ଉନ୍ନତି ଆସିବ ବୋଲି ଆଶାପ୍ରକାଶ କରିଛନ୍ତି। ପରିସ୍ଥିତି ଉପରେ ସରକାର ନଜର ରଖିଛନ୍ତି। କୃଷି ବିଭାଗର କ୍ଷେତ୍ର ଅଧିକାରୀମାନଙ୍କୁ ଚାଷୀମାନଙ୍କ ସହ ସବୁବେଳେ ସମ୍ପର୍କରେ ରହି ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୃଷି ବିଭାଗର ପରାମର୍ଶ ଅନୁଯାୟୀ ଚାଷୀ ଭାଇମାନେ କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କୁ ନୂଆଖାଇ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ ନୂଆଖାଇ ହେଉଛି ମାଟି ମା'ର ପର୍ବ। କୃଷକମାନେ ହେଉଛନ୍ତି ମାଟି ମା'ର ସବୁଠାରୁ ବଡ଼ ପୂଜାରୀ। ଏଭଳି ପବିତ୍ର ଦିନରେ ଚାଷୀମାନଙ୍କୁ ସହାୟତା ପ୍ରଦାନ କରାଯାଉଥିବାରୁ ଖୁସିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, କାଳିଆ ଯୋଜନା ଚାଷୀର କଲ୍ୟାଣ ପାଇଁ ସାରା ଦେଶରେ ସବୁଠାରୁ ଭଲ ଯୋଜନା। ଭୂମିହୀନ ଚାଷୀଙ୍କୁ ସହାୟତା ଦେବାରେ ଓଡ଼ିଶା ହେଉଛି ଦେଶର ଏକମାତ୍ର ରାଜ୍ୟ। ଲକ୍ଷ ଲକ୍ଷ ଛୋଟ ଚାଷୀ କାଳିଆ ଯୋଜନାରେ ସବୁଠାରୁ ଅଧିକ ଉପକାର ପାଉଛନ୍ତି। କୋଭିଡ୍ ମହାମାରୀ ଆରମ୍ଭ ହେବାଠାରୁ ରାଜ୍ୟ ସରକାର ଏହି ଯୋଜନାରେ ଚାଷୀମାନଙ୍କୁ ୩୨୦୦ କୋଟି ଟଙ୍କାରୁ ଅଧିକ ସହାୟତା ପ୍ରଦାନ କରିସାରିଲେଣି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନୟାଗଡ଼ରୁ କାର୍ଯ୍ୟକ୍ରମରେ ଯୋଗ ଦେଇ କୃଷିମନ୍ତ୍ରୀ ଅରୁଣ ସାହୁ ସରକାରଙ୍କ ବିଭିନ୍ନ କୃଷି ବିକାଶ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହ କାଳିଆ କାର୍ଯ୍ୟକ୍ରମ ଚାଷୀକୁଳ ପାଇଁ ସାହାରା ହୋଇଛି ବୋଲି ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ମତ ରଖି ସମ୍ବଲପୁରର ମକରଧ୍ୱଜ ମେଣ୍ଡଳି, ବରଗଡ଼ର ଲାସିମା ବିଶ୍ୱାଳ, ରାଧାକାନ୍ତ, ବଲାଙ୍ଗୀରର ରାଜକୁମାର ପ୍ରଧାନ ଓ ପରମାନନ୍ଦ ମାଝି କାଳିଆ ଯୋଜନାର ଉଚ୍ଚପ୍ରଶଂସା କରିଛନ୍ତି। ଏହି ଯୋଜନାରେ ଠିକ୍ ସମୟରେ ସହାୟତା ମିଳୁଥିବାରୁ ଆଉ ଧାରକରଜ କରିବାକୁ ପଡୁନାହିଁ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ (୫-ଟି) କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃଷି ସଚିବ ଏସ୍.କେ. ବଶିଷ୍ଠ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗୀୟ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

ମୁଖ୍ୟମନ୍ତ୍ରୀ ପଦରୁ ...

ବିଧାୟକଙ୍କୁ ଗାନ୍ଧୀନଗରରେ ତୁରନ୍ତ ପହଞ୍ଚିବା ଲାଗି କୁହାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସେଠାରେ ପହଞ୍ଚିବା ପରେ ବିଧାୟକ ଦଳ ବୈଠକ ବସି ନୂଆ ନେତା ନିର୍ବାଚନ କରାଯିବ। ହଠାତ୍ ରୂପାନୀଙ୍କ ଇସ୍ତଫାକୁ ନେଇ ବିଭିନ୍ନ ଦଳ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦିଲ୍ଲୀରୁ ରିମୋଟ୍ କଣ୍ଟ୍ରୋଲ ଭାଜପା ସରକାର ଗୁଜରାଟରେ ମହାମାରୀ ସମୟର ପରିଚାଳନାଗତ ତ୍ରୁଟିକୁ ଘୋଡ଼ାଇବା ପାଇଁ ରୂପାନୀଙ୍କୁ ବଳିବୋଦା କରିଥିବା ମୁଖ୍ୟ ବିରୋଧୀ ଦଳ କଂଗ୍ରେସ କହିଛି। ଗୁଜରାଟ ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛନ୍ତି। ପୂର୍ବରୁ ଆନନ୍ଦୀବେନ୍ ପଟେଲଙ୍କୁ ଅନୁରୂପ ଭାବେ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଇସ୍ତଫା ଦେବାକୁ କୁହାଯାଇଥିଲା। ସି.ଆର୍. ପାଟିଲ ଗୁଜରାଟ ଭାଜପା ସଭାପତି ନିର୍ବାଚିତ ହେବା ପରେ ଦଳ ଭିତରେ ଆରମ୍ଭ ହୋଇଥିବା ଆଭ୍ୟନ୍ତରୀଣ କନ୍ଦଳ ଶନିବାର ଚରମ ସୀମାରେ ପହଞ୍ଚିଥିବା ରାଜ୍ୟ କଂଗ୍ରେସ ସଭାପତି ଅମିତ୍ ଚାଓଡ଼ା କହିଛନ୍ତି। ୨୭ ବର୍ଷ ଧରି ଗୁଜରାଟକୁ ଶାସନ କରୁଥିବା ଭାଜପାକୁ ମୁଖ୍ୟମନ୍ତ୍ରୀ ବଦଳାଇବାକୁ ପଡୁଥିବାରୁ ଏହା ଦଳର ଦୁର୍ବଳ ସ୍ଥିତିକୁ ସୂଚାଉଛି ବୋଲି ଆମ୍ ଆଦ୍‌ମୀ ପାର୍ଟି ସାଧାରଣ ସମ୍ପାଦକ ମନୋଜ ସୋରାଥିୟା କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଜ୍ୟ ଗୁଜରାଟରେ ମୁଖ୍ୟମନ୍ତ୍ରୀ ରୂପାନୀଙ୍କୁ ନିର୍ବାଚନ ପୂର୍ବରୁ ଇସ୍ତଫା ଦେବାକୁ କୁହାଯାଇଛି। ୬୫ ବର୍ଷୀୟ ରୂପାନୀ ୨୦୧୭ ଡିସେମ୍ବରରେ ଦ୍ୱିତୀୟ ଥର ପାଇଁ ମୁଖ୍ୟନ୍ତ୍ରୀ ଭାବେ ଶପଥ ନେଇଥିଲେ। ତାଙ୍କୁ ମିଶାଇ ୬ ମାସ ମଧ୍ୟରେ ୪ ଜଣ ଭାଜପା ମୁଖ୍ୟମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦେଲେଣି। ଜୁଲାଇରେ କର୍ନାଟକ ମୁଖ୍ୟମନ୍ତ୍ରୀ ପଦରୁ ବି.ଏସ୍. ୟେଦୁରପ୍ପା ଇସ୍ତଫା ଦେଇଥିଲେ। ଉତ୍ତରାଖଣ୍ଡରେ ୪ ମାସ ମଧ୍ୟରେ ଦୁଇଜଣ ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ରାୱତ ଏବଂ ତିରଥ ସିଂ ରାୱତ ଇସ୍ତଫା ଦେଇଥିଲେ।

'ନିଷ୍ପତ୍ତି ପୁନଃ ବିଚାର ...

ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୂର୍ତ୍ତି ଉଚ୍ଚତାରେ ସରକାରଙ୍କ ନିଷ୍ପତ୍ତିକୁ ସମର୍ଥନ ଜଣାଇଲା ଭଳି ବକ୍ତବ୍ୟ ଦେଉଥିବାବେଳେ କମିଟି ସଦସ୍ୟମାନେ ତାଙ୍କୁ ଘେରିଯାଇ ବିରୋଧ କରିଥିଲେ। ଏଥିସହ ସରକାରଙ୍କ ନିଷ୍ପତ୍ତିର ପ୍ରତିବାଦ କରି ପାଟିତୁଣ୍ଡ କରିଥିଲେ। ଶାନ୍ତି କମିଟିର ଅପାରଗତା ପାଇଁ କ୍ଷୀରୋଦ ସାହୁ ନାମକ ଜଣେ ସଦସ୍ୟ ବୈଠକରେ ଇସ୍ତଫା ଦେଇଛନ୍ତି। ବୈଠକରେ ଦୁଇଟି ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରଥମଟି ହେଉଛି ପରମ୍ପରା ଅନୁଯାୟୀ ମା'ଙ୍କ ମୂର୍ତ୍ତି ନିର୍ମାଣ ଓ ଦ୍ୱିତୀୟଟି କୋଭିଡ୍ କଟକଣା ମଧ୍ୟରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ପାଇଁ ଅନୁମତି ଦିଆଯାଉ। ୧୬ ତାରିଖ ସୁଦ୍ଧା ଏହି ନିଷ୍ପତ୍ତିର ପୁନର୍ବିଚାର ନ ହେଲେ ୧୭ ତାରିଖରେ ପୁନଶ୍ଚ ଉଭୟ ଶାନ୍ତି କମିଟିର ଏକ ବୈଠକ ଅନୁଷ୍ଠିତ ହେବ। ସେଥିରେ ଆଲୋଚନା ପରେ ଯାହାକିଛି ନିଷ୍ପତ୍ତି ହେବ ବୋଲି ଶାନ୍ତି କମିଟି ପକ୍ଷରୁ କୁହାଯାଇଛି। ବୈଠକରେ କଟକ ମହାନଗର ଶାନ୍ତି କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ କହିଛନ୍ତି, ଆମେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଦେଇଥିଲୁ। ତଦନୁଯାୟୀ ମୁଖ୍ୟଶାସନ ସଚିବ ଆମ ସହ ଆଲୋଚନା କରିଥିଲେ। ସକରାତ୍ମକ ନିଷ୍ପତ୍ତି ନିଆଯିବ ବୋଲି ଆଶା ରଖିଥିଲୁ। ହେଲେ ମୂର୍ତ୍ତି ଉଚ୍ଚତା ଓ ପରଦା ଢାଙ୍କି ପୂଜା କରିବା ନିଷ୍ପତ୍ତିରେ ପରିବର୍ତ୍ତନ କରାଗଲା ନାହିଁ। ଏବେ ଆମେ ପ୍ରତ୍ୟକ୍ଷ ଭାବେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବୁ। ଏହି ବୈଠକରେ କଂଗ୍ରେସ ନେତା ସୁରେଶ ମହାପାତ୍ର, ମହାନଗର ଶାନ୍ତି କମିଟି ସଭାପତି ଭିକାରୀ ଦାସ, ସମ୍ପାଦକ ଦେବେନ୍ଦ୍ରନାଥ ସାହୁ, କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରା, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ସମସ୍ତ ପୂଜା କମିଟିର କର୍ମକର୍ତ୍ତା ଯୋଗଦେଇଥିଲେ। ସୂଚନାଯୋଗ୍ୟ, ପାର୍ବଣ କଟକଣାକୁ ବିରୋଧ କରି ଆସନ୍ତା ୧୩ରେ ଭାଜପା ପକ୍ଷରୁ କଟକ ବନ୍ଦ ଡାକରା ଦିଆଯାଇଛି।

ଆଖି ବୁଜିଲେ ...

ସର୍ବୋଚ୍ଚ ଦଣ୍ଡବିଧାନ କରାଗଲେ ଏଭଳି ଜଘନ୍ୟ ଅପରାଧ ଘଟିବ ନାହିଁ ବୋଲି ବିଶ୍ୱାସ କରାଯାଉଥିଲା। ଏହା ସତ୍ତ୍ୱେ ଏଭଳି ଘଟଣା ପୁଣି ଥରେ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମା ଘଟଣାକୁ ଗୁରୁତର ସହ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୋଲିସକୁ କହିଛନ୍ତି। ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସ୍ ଉକ୍ତ ଘଟଣାରେ ମର୍ମାହତ ବୋଲି କହିବା ସହ ଅପରାଧୀଙ୍କୁ ଫାଶୀ ଦେବା ପାଇଁ ଦାବି କରିଛନ୍ତି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ

ଲାଗି ରହିଥିବା ବିବାଦୀୟ ପରିସ୍ଥିତିର ପୂର୍ଣ୍ଣଚ୍ଛେଦ ଘଟିବାର ଆଶା ରହିଛି। ଯେ କୌଣସି ପରିସ୍ଥିତି ହେଲେ ମଧ୍ୟ ନିକଟସ୍ଥ ବ୍ୟକ୍ତିମାନଙ୍କୁ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। କିନ୍ତୁ କ୍ରୟ, ବିକ୍ରୟ କ୍ଷେତ୍ରରେ ସାବଧାନ ରୁହନ୍ତୁ ନଚେତ୍ ଠକାମିରେ ପଡ଼ିପାରନ୍ତି। ବନ୍ଧୁମାନଙ୍କ ପରାମର୍ଶ କ୍ରମେ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

ବୃଷ

ହିତୈଷୀମାନଙ୍କ ତରଫରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ନିର୍ମାଣ, ଆନୁଷ୍ଠାନିକ ଓ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ସାମାଜିକ ସ୍ତରରେ ନୂତନ ଯୋଜନାରମ୍ଭ କରି ପ୍ରଶଂସିତ ହୋଇପାରନ୍ତି।

ମିଥୁନ

ପ୍ରତ୍ୟେକ କ୍ଷେତ୍ରରେ କାମକରିବା ସକାଶେ ଉତ୍ସାହିତ ହେବେ ଓ ସାଫଲ୍ୟତା ହାସଲ କରିବେ। ଉଦ୍ୟମ ସଫଳ ଦିଗରେ ଜଣେ ଗୌରବର୍ଣ୍ଣ ବ୍ୟକ୍ତି ସାହାଯ୍ୟ କରିବେ। ଜମିଜମା କିମ୍ବା ଅର୍ଥ ସମ୍ପର୍କୀୟ ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ଯାତ୍ରା କାଳରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

କର୍କଟ

ପାରିପାର୍ଶ୍ୱିକ ସ୍ତରରେ କୌଣସି ବ୍ୟତିକ୍ରମ ସକାଶେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟାଇବ। ଅଫିସିଆଲି ସ୍ତରରୁ ଅଚାନକ ଶୁଭ ଖବର ଶୁଣି ଖୁସି ହେବେ। ଚେଷ୍ଟା କରୁଥିବା କାମରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କ ସକ୍ରିୟତା ବୃଦ୍ଧି ପାଇପାରେ।

ସିଂହ

ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା କାରଣରୁ ସାମୟିକ ଖୁସି ରହିବେ। ସହକର୍ମୀଙ୍କ ସାହାଯ୍ୟ ନେଇ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ପାରିବାରିକ ଅସୁବିଧା କ୍ଷେତ୍ରରେ ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

କନ୍ୟା

ଆଜିର ଆଲୋଚନା କାଳରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା। ଯାତ୍ରା ସଫଳ ହେବ କିନ୍ତୁ ବିଳମ୍ବିତ ସମୟରେ ଲକ୍ଷ୍ୟ ହାସଲ କରିବେ।

ତୁଳା

ସାଧାରଣ କଥାରେ ଉତ୍ତେଜିତ ନ ହୋଇ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଅଧିକାଂଶ ସମୟ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ସମ୍ଭାବନା ରହିଛି। ଅଧ୍ୟୟନ, ଅଧ୍ୟାପନା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

ବିଛା

ପରିସ୍ଥିତିରେ ଉନ୍ନତି ଘଟିବା କାରଣରୁ କର୍ମକ୍ଷେତ୍ରରେ ଲାଗି ରହିଥିବା ବ୍ୟସ୍ତତା ଦୂର ହୋଇଯିବ। ଖଳ ଲୋକମାନେ ଅପପ୍ରଚାର କରିବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ନ ହୋଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

ଧନୁ

ଛୋଟ କଥାକୁ କେନ୍ଦ୍ରକରି ପରିବାରରେ କଳହ ସୃଷ୍ଟିର ଆଶଙ୍କା ଦେଖାଦେବ। କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ ଏବଂ ସଭାସମିତି ଓ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବାର ଆଶା ରହିଛି।

ମକର

ଭୁଲ ବୁଝାମଣାବଶତଃ ହଠାତ୍ ଆକସ୍ମିକ ଭାବେ ନିଜ ଲୋକମାନେ ଶତ୍ରୁତା କରି ବସିବେ। ପୂର୍ବ ସ୍ଥିରୀକୃତ ଯୋଜନାଗୁଡ଼ିକ ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଦିନଟି ବହୁତ ଶୁଭପ୍ରଦ ରହିବ।

କୁମ୍ଭ

ବନ୍ଧୁମାନଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ଉପୁଜିପାରେ। ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବା ଦ୍ୱାରା ସମସ୍ୟା ବଢ଼ିବ ସିନା କମିବ ନାହିଁ। କର୍ମକ୍ଷେତ୍ର ପୂର୍ବ ଦିନମାନଙ୍କ ଭଳି ଆଜି ମଧ୍ୟ ରହିବ।

ମୀନ

ଆଜି ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ନିଜ ଲୋକ ବିଶ୍ୱାସଘାତକତା କରିପାରନ୍ତି,ଏଣୁ ସତର୍କତା ଅବଲମ୍ବନ କରିବା ଭଲ ହେବ।

classifieds Everyday
0674-2580101, 2549302



MATRIMONIAL

BRIDE WANTED

ବ୍ରାହ୍ମଣ, କରଣ, ଖଣ୍ଡାୟତ, କ୍ଷତ୍ରିୟ, ତେଲି, ଗଉଡ଼ ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68282

Kshyatriya boy 1986, 5'9" B.S.c Serving Nationalised Bank "Sunasansar". 9937512659, 8249969649. D-71706

GROOM WANTED

52 ବୟସ୍କା ସରକାରୀ ଚାକିରିଆ ସୁନ୍ଦର କରଣ ଜାତିର ବିଧବାଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। ଯୋଗାଯୋଗ- 7681044808. D-21627

real estate

SALE

**4Bedroom House for sale old Duplex At– Gayatri Nagar, Bomikhal, Bhubaneswar -10 Price- Rs.2 Crores final. Contact– 9938

କରୋନା ସଂକ୍ରମଣ ସ୍ଥିତି

	ଆକ୍ରାନ୍ତ	ମୃତ୍ୟୁ	ଆରୋଗ୍ୟ
ବିଶ୍ୱ	୨୨,୪୮,୭୬,୯୧୯	୪୬,୩୪,୫୪୯	୨୦,୧୪,୪୯,୯୦୭
ଭାରତ	୩,୩୨,୩୧,୪୦୩	୪,୪୨,୬୬୯	୩,୨୩,୯୪,୯୪୭
ଓଡ଼ିଶା	୧୦,୧୫,୭୧୩	୮୦୯୨(+୫୩)	୧୦,୦୧,୨୫୪

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

ସଂକ୍ଷେପରେ

ହାଇକୋର୍ଟରେ ଇ-ଫାଇଲିଂ ଷ୍ଟେଶନ ଉଦ୍‌ଘାଟିତ

କଟକ ଅଫିସ,୧୧।୯: ଓଡ଼ିଶାର ଆଇନଜୀବୀ ଓ ନ୍ୟାୟାଳୟର ଅଧିକାରୀଙ୍କ ସୁବିଧା ପାଇଁ ହାଇକୋର୍ଟ ପରିସରରେ ଇ ଫାଇଲିଂ ଷ୍ଟେଶନ, ରେକର୍ଡ ରୁମ୍ ଡିଜିଟାଇଜେଶନ, ପେପରଲେସ ବେଞ୍ଚକୁ ସୁପ୍ରିମକୋର୍ଟ ବିଚାରପତି ଇ କମିଟି ଅଧ୍ୟକ୍ଷ ଡି. ୱାଇ. ଚନ୍ଦ୍ରଚୂଡ ଭର୍ଚୁଆଲରେ ଶନିବାର ଉଦ୍‌ଘାଟନ କରିଛନ୍ତି। ସେହିପରି ଭିଡିଓ କନଫରେନ୍ସିଂ ମାଧ୍ୟମରେ କୋର୍ଟ ପ୍ରୋସିଡିଂ ପରିଚାଳନା ପାଇଁ କଟକ ଜୁଡିସିଆଲ ଏକାଡେମୀରେ ବିଚାର ବିଭାଗୀୟ ଅଧିକାରୀଙ୍କ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ କଟକ ଜିଲା କୋର୍ଟରେ ଆଇନଜୀବୀଙ୍କ ପାଇଁ ଇ-ଫାଇଲିଂ, ଇ-ପେମେଣ୍ଟ ଓ ଅନ୍ୟ ଇ ସେବା ସମ୍ପର୍କିତ ପ୍ରଶିକ୍ଷଣକୁ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲାଧର, ଓଡ଼ିଶା ଜୁଡିସିଆଲ ଏକାଡେମୀ ଓ ପ୍ରଶିକ୍ଷଣ କମିଟିର ଅଧ୍ୟକ୍ଷ ତଥା ବିଚାରପତି ସଞ୍ଜୟ କୁମାର ମିଶ୍ର, ହାଇକୋର୍ଟ ଆଇଟି ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱଜିତ୍ ମହାନ୍ତି ଓ ଜଷ୍ଟିସ ସଙ୍ଗମ କୁମାର ସାହୁ ଉପସ୍ଥିତ ଥିଲେ। ଏଥିସହ ଜଷ୍ଟିସ ବି.ଆର୍. ଷଡ଼ଙ୍ଗୀ, ଦେବବ୍ରତ ଦାଶ, ଏସ୍. ପୂଜାହାରା, ବିଶ୍ୱନାଥ ରଥ, କେ.ଆର. ମହାପାତ୍ର, ବି.ପି. ରାଉତରାୟ, ଏସ୍.କେ. ପାଣିଗ୍ରାହୀ, ଜଷ୍ଟିସ ସାବିତ୍ରୀ ରଥ, ଆଡଭୋକେଟ ଜେନେରାଲ ଏ.କେ. ପରିଜା ଓ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଜଗବନ୍ଧୁ ସାହୁ ପ୍ରମୁଖ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗଦେଇଥିଲେ।

ଦୁର୍ଘଟଣାରେ ଚାଲିଗଲା ଛାତ୍ରୀଛାତ୍ରଙ୍କ ଜୀବନ

ଫୁଲବାଣୀ ଅଫିସ, ୧୧।୯: ଗଣେଶ ପୂଜା ଓ ସେଠାରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ଘରକୁ ଫେରୁଥିଲେ ୨ଜଣ ଛାତ୍ରୀଛାତ୍ର। ଫେରିଲା ରାତିରେ ବେଳେ ରାସ୍ତାରେ ଘଟିଲା ଦୁର୍ଘଟଣା, ଚାଲିଗଲା ୨ଜଣଙ୍କ ଜୀବନ। ଶୁକ୍ରବାର ରାତିରେ ଏଭଳି ଏକ ଦୁଃଖଦ ଘଟଣା ଘଟିଛି କନ୍ଧମାଳ ଜିଲା ଫୁଲବାଣୀ-ଗୋଛାପଡା ରାସ୍ତା ପୁଡୁଡି ଛକରେ। ମୃତ ଛାତ୍ରୀଛାତ୍ର ହେଲେ ଫୁଲବାଣୀ ବ୍ଲକ ତୁଡିପାଜୁ ପଞ୍ଚାୟତ ବୁନ୍ଦାଲି ଗ୍ରାମର ଦୀପା କହଁର(୧୬) ଓ ଖଜୁରୀପଡା ବ୍ଲକ ଦୂତୀପଡା ପଞ୍ଚାୟତ ଜାମୁଝରା ଗ୍ରାମର ଆଶିଷ ଦିଗାଲ(୧୭)। ଉଭୟ ୧୦ମ ଶ୍ରେଣୀରେ ଭିନ୍ନ ସ୍କୁଲରେ ପଢୁଥିଲେ। ଦୁର୍ଘଟଣା ଦ୍ରୁତ ଗତି ଚାଳନା ଯୋଗୁ ହୋଇଥିବା ଅନୁମାନ କରାଯାଉଛି। ଶୁକ୍ରବାର ପୂଜା ଦେଖିବା ପାଇଁ ଆଶିଷ ତାଙ୍କର ଜଣେ ସାଙ୍ଗ ସହ ବୁନ୍ଦାଲି ଯାଇଥିଲେ। ସେଠାରେ ଦୀପାଙ୍କ ସହ ତାଙ୍କର ବନ୍ଧୁତା ଥିଲା। ଗ୍ରାମରେ ପୂଜା ଦେଖିବା ପରେ ରାତି ପ୍ରାୟ ୧୦ଟାରେ ବାଇକ(ଓଆର ୧୨ଏ ୪୬୬୨)ରେ ଆଶିଷ ଏବଂ ଦୀପା ଘରକୁ ଫେରୁଥିଲେ। ପୁଡୁଡି ଛକ ରାସ୍ତା ପାର୍ଶ୍ୱରେ ଥିବା ଏକ ଖୁଣ୍ଟରେ ପ୍ରଥମେ ବାଡେଇ ହୋଇ ନିକଟସ୍ଥ ଗଛରେ ପିଟି ହୋଇ ଯାଇଥିଲେ। ରାତି ହୋଇଥିବାରୁ ତାଙ୍କୁ କେହି ଦେଖି ପାରି ନ ଥିଲେ। ସକାଳେ ପାଖ ଗ୍ରାମ ଲୋକେ ଉଭୟ ରାସ୍ତା ପାର୍ଶ୍ୱରେ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଉଭୟଙ୍କୁ ଫୁଲବାଣୀ ମେଡିକାଲ ଆଣିବା ସହ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ମେଡିକାଲରେ ପହଞ୍ଚି ମୃତଦେହ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ କରାଯାଇଥିଲା।

ବିଷ ପିଇ ଦମ୍ପତିଙ୍କ ଆତ୍ମହତ୍ୟା
ପାରିବାରିକ କଳହର କରୁଣ ପରିଣତି

ଦିଗପହଣ୍ଡି,୧୧।୯(ଡି.ଏନ.ଏ.): ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଅନ୍ତର୍ଗତ ପୋଡ଼ାମାରି ଗ୍ରାମ ଭଞ୍ଜ ସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ପାରିବାରିକ କଳହରୁ ଦମ୍ପତି ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ଭଞ୍ଜ ସାହିର ସନ୍ତୋଷ ଗୌଡ଼ ଏବଂ ତାଙ୍କ ସ୍ତ୍ରୀ ନୟନା। ଶନିବାର ପାଟପୁର ପୋଲିସ ପହଞ୍ଚି ମୃତଦେହ ୨ଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ (ନଂ.୧୩/୨୧) ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସନ୍ତୋଷ ଓ ନୟନୀଙ୍କ ପ୍ରାୟ ୧୫ ବର୍ଷ ପୂର୍ବେ ବିବାହ ହୋଇଥିଲା। ସେମାନଙ୍କ କୌଣସି ସନ୍ତାନ ନ ଥିଲେ। ସ୍ୱାମୀ ଓ ସ୍ତ୍ରୀ ଘରେ ଏକୁଟିଆ ରହୁଥିଲେ। କୌଣସି କାରଣକୁ ନେଇ କିଛି ଦିନ ହେଲା ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ଶୁକ୍ରବାର ମଧ୍ୟ ଝଗଡ଼ା ହୋଇଥିଲା। ଏଥିପାଇଁ ବିଳମ୍ବିତ ରାତିରେ ଉଭୟେ ବିଷ ପିଇ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ନିଷ୍ପତ୍ତି ପ୍ରକାରେ ଉଭୟେ ବିଷ ପିଇ ଦେଇଥିଲେ। ସନ୍ତୋଷଙ୍କ ଘରେ ମୃତ୍ୟୁ ଘଟିଥିଲା। ସ୍ତ୍ରୀ ନୟନୀ ବିଷ ଜ୍ୱାଳା ସହି ନ ପାରି ପାଟି କରିବାରୁ ପଡ଼ୋଶୀ ଲୋକେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

୫ ବର୍ଷ ହେଲା ଆଳୁଚାଷ କମୁଛି

ଭୁବନେଶ୍ୱର, ୧୧।୯(ବ୍ୟୁରୋ)

- ୨୦୧୬ରୁ ଏପର୍ଯ୍ୟନ୍ତ ରାଜ୍ୟରେ ହୋଇଛି ମୋଟ ୨୪ ଶୀତଳ ଭଣ୍ଡାର
- ୧୩୧ରୁ ୪୯ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ରହିଛି

ରାଜ୍ୟକୁ ଆଳୁ ଉତ୍ପାଦନରେ ସ୍ୱାବଲମ୍ବୀ କରିବାରେ ସରକାର ସମ୍ପୂର୍ଣ୍ଣ ଫେଲ୍ ମାରିଛନ୍ତି। ଚାଷୀମାନଙ୍କୁ ଆଳୁ ଚାଷ ପାଇଁ ପ୍ରୋତ୍ସାହିତ କରିବା ଏବଂ ଉଦ୍ୟୋଗୀମାନଙ୍କୁ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ସହାୟତା ଯୋଗାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୨୦୧୫ ଏପ୍ରିଲ ୩୦ରେ ଆଳୁ ମିଶନ ପ୍ରତିଷ୍ଠା କରିଥିଲେ। ଇତିମଧ୍ୟରେ ୬ ବର୍ଷରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏପରି କି ରାଜ୍ୟରେ ଆଳୁଚାଷ ଦିନକୁ ଦିନ ହ୍ରାସ ପାଉଥିବା କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ ସ୍ୱୀକାର କରିଛନ୍ତି।

ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ ବିଧାନସଭାରେ ଏକ ପ୍ରଶ୍ନ ଜରିଆରେ ପଚାରିଥିଲେ ଯେ, ୨୦୧୫ରେ ଆରମ୍ଭ ହୋଇଥିବା ଆଳୁ ମିଶନର ଲକ୍ଷ୍ୟ କ'ଣ ଥିଲା ଏବଂ ବର୍ତ୍ତମାନ ଆଳୁ ରଖିବା ଓ ବଜାରରେ ଅଭାବ ପ୍ରତି ସରକାରଙ୍କ ପଦକ୍ଷେପ କ'ଣ ରହିଛି। ଏହାର ଉତ୍ତରରେ ମନ୍ତ୍ରୀ ସାହୁ କହିଛନ୍ତି, ରାଜ୍ୟକୁ ଆଳୁ ଉତ୍ପାଦନରେ ସ୍ୱାବଲମ୍ବୀ କରିବା, ଚାଷୀଙ୍କୁ ଏଥିପାଇଁ ପ୍ରୋତ୍ସାହିତ କରିବା, ଉଦ୍ୟୋଗୀମାନଙ୍କୁ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ସହାୟତା ଯୋଗାଇବା ଲକ୍ଷ୍ୟରେ ଆଳୁ ମିଶନ ପ୍ରତିଷ୍ଠା ହୋଇଥିଲା। ଏବେ ଆଳୁ ଚାଷ ହ୍ରାସ ପାଉଥିବା ବେଳେ ଏହାକୁ ବୃଦ୍ଧି କରିବା ପାଇଁ ପଦକ୍ଷେପ ନିଆଯାଉଛି। ସେହିପରି ୨୦୧୬-୧୭ରେ ୨୫,୧୮୫ ହେକ୍ଟର ଚାଷ ଜମିରେ ୩.୦୨ ଲକ୍ଷ ମେଟ୍ରିକ ଟନ୍, ୨୦୧୭-୧୮ରେ ୨୫,୦୯୦ ହେକ୍ଟର ଚାଷ ଜମିରେ ୨.୯୮ ଲକ୍ଷ ମେଟ୍ରିକ ଟନ୍, ୨୦୧୮-୧୯ରେ ୨୪,୬୮୭ ହେକ୍ଟର ଜମିରେ ୨.୯୦ ଲକ୍ଷ ମେଟ୍ରିକ ଟନ ଏବଂ ୨୦୧୯-୨୦ରେ ୨୪,୭୧୪ ହେକ୍ଟର ଚାଷ ଜମିରେ ୨.୯୪ ଲକ୍ଷ ମେଟ୍ରିକ ଟନ୍ ଆଳୁ ଉତ୍ପାଦନ ହୋଇଥିଲା। ୨୦୨୦-୨୧ ବର୍ଷରେ ଗତ ୫ ବର୍ଷ ତୁଳନାରେ ଅଧିକ ଜମିରେ ଅର୍ଥାତ୍ ୨୬ ହଜାର ହେକ୍ଟର ଚାଷ ଜମିରେ ଆଳୁ ଉତ୍ପାଦନ କରାଯାଇଛି। କିନ୍ତୁ ୩.୦୯ ଲକ୍ଷ ମେଟ୍ରିକ ଟନ୍ ଆଳୁ ଉତ୍ପାଦନ ହୋଇପାରିଛି।

ଅନ୍ୟପକ୍ଷରେ ରାଜ୍ୟରେ ୧୩୧ ଶୀତଳଭଣ୍ଡାର ମଧ୍ୟରୁ ଏବେ ମୋଟ ୪୯ଟି କାର୍ଯ୍ୟକ୍ଷମ ଅଛି। ୨୦୧୫ରୁ ଏଯାବତ୍ ୨୪ ଜଣ ଉଦ୍ୟୋଗୀ ଶୀତଳଭଣ୍ଡାର ନିର୍ମାଣ କରିଛନ୍ତି। ସେହି ଉଦ୍ୟୋଗୀମାନଙ୍କୁ କୃଷି ଉଦ୍ୟାନ ବିଭାଗ ତରଫରୁ ୪୯୪୪.୪୦ ଲକ୍ଷ ଟଙ୍କାର ରିହାତି ଆକାରରେ ଟଙ୍କା ପ୍ରଦାନ କରାଯାଇଛି। ଉକ୍ତ ୨୪ଟି ଶୀତଳ ଭଣ୍ଡାରରରେ ସଂରକ୍ଷଣ କ୍ଷମତା ୧,୧୦,୬୦୦ ମେଟ୍ରିକ ଟନ୍। ସୂଚନାଯୋଗ୍ୟ ଯେ, ରାଜ୍ୟରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ଲାଗି ଜାତୀୟ ଉଦ୍ୟାନ ମିଶନରୁ ସାଧାରଣ ଅଞ୍ଚଳ ଲାଗି ୩୫ ପ୍ରତିଶତ ବା ସର୍ବାଧିକ ୧୪୦.୦ ଲକ୍ଷ ଟଙ୍କା ଓ ଅନୁସୂଚିତ ଅଞ୍ଚଳ ପାଇଁ ୫୦ ପ୍ରତିଶତ ସର୍ବାଧିକ ୨୦୦.୦୦ ଲକ୍ଷ ଟଙ୍କା ରିହାତି ପ୍ରଦାନ କରାଯାଉଛି। ଖାଦ୍ୟ ପ୍ରକ୍ରିୟାକରଣ ଓ ଶୀତଳ ଭଣ୍ଡାର କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶ ନିମନ୍ତେ ସରକାର ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୩, ଓଡିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୬ ଏବଂ ଶିଳ୍ପନୀତି ନିର୍ଦ୍ଧାରଣ-୨୦୧୫ ପ୍ରଣୟନ କରିଥିବା ମନ୍ତ୍ରୀ ସାହୁ ଆଉ ଏକ ପ୍ରଶ୍ନର ଉତ୍ତରରେ ଦର୍ଶାଇଛନ୍ତି। ସରକାର ଏତେସବୁ ସୁବିଧା ଯୋଗାଇବା ସତ୍ତ୍ୱେ ଗତ ୫ ବର୍ଷରେ ୨୪ଟି ଶୀତଳଭଣ୍ଡାର ରାଜ୍ୟରେ ପ୍ରତିଷ୍ଠା ହେବାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

ଗାଁ ଦାଣ୍ଡରେ ବାପାଙ୍କୁ ଗୋଡ଼ାଇ ହାଣିଲେ ପୁଅ

ରେଢାଖୋଲ,୧୧।୯(ଡି.ଏନ.ଏ.)

ସାମାନ୍ୟ କଳିକୁ ନେଇ ଗାଁ ଦାଣ୍ଡରେ ବାପାଙ୍କୁ ଗୋଡାଇ ହାଣିଛନ୍ତି ପୁଅ। ଘଟଣାସ୍ଥଳରେ ହିଁ ବାପା ଶୁକ୍ରୁ ମିର୍ଦ୍ଧା (୫୫)ଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ବୁର୍ଡା ପଞ୍ଚାୟତର ଆମଝରୀ ଗ୍ରାମରେ ଶନିବାର ଏଭଳି ଅଭାବନୀୟ ଘଟଣା ଘଟିଛି। ରେଢାଖୋଲ ପୋଲିସ ଗ୍ରାମରେ ପହଞ୍ଚି ଅଭିଯୁକ୍ତ ପୁଅ ଟଙ୍କଧର ମିର୍ଦ୍ଧା (୨୦)ଙ୍କୁ ଧରି ଥାନାକୁ ଆଣିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ସନ୍ଧ୍ୟା ପ୍ରାୟ ୭ଟା ସୁଦ୍ଧା ମୃତଦେହ ଗାଁ ଦାଣ୍ଡରେ ପଡିରହିଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ ଶନିବାର ଆମଝରୀ ଗ୍ରାମର ଶୁକ୍ରୁ ଓ ପୁଅ ଟଙ୍କଧରଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡା ଲାଗିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଟଙ୍କଧର ବାପା ଶୁକ୍ରୁଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ।

ଚନ୍ଦକା ହାତୀ ବେକରେ ଲାଗିବ ରେଡିଓ କଲାର

ଭୁବନେଶ୍ୱର, ୧୧।୯ (ବ୍ୟୁରୋ)

ସାଟେଲାଇଟ୍ ଜରିଆରେ ନଜର ରଖିବ ବନ ବିଭାଗ

- ତାଲିକାରେ 'ରାମୁ', ବାହୁବଳୀ' ଓ ଗୋଟିଏ ମାଖନା ରହିଛି
- ସ୍ଥିତି ଅନୁଧ୍ୟାନ ପାଇଁ ଆଜି ଆସିବ ବିଶେଷଜ୍ଞ ଟିମ୍
- ଏଥିରେ ସହଯୋଗ କରିବ ହାତୀ ଯଶୋଦା

ଚନ୍ଦକା ବନଖଣ୍ଡରେ ଥିବା ହାତୀଙ୍କ ବେକରେ ରେଡିଓ କଲାର ଲାଗିବ। ଏହାଦ୍ୱାରା ସାଟେଲାଇଟ ଜରିଆରେ ସେମାନଙ୍କ ଗତିବିଧି ଉପରେ ନଜର ରଖିବ ବନ ବିଭାଗ। ଚନ୍ଦକା ବନଖଣ୍ଡ ଅଞ୍ଚଳରେ କିଛି ହାତୀ ବାରମ୍ବାର ଭୁବନେଶ୍ୱର ଓ ଆଖପାଖ ଜନବସତିକୁ ପଶିଯାଇ ଉପଦ୍ରବ କରୁଥିବାରୁ ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ମଧ୍ୟ ଶେଷ ହୋଇସାରିଲାଣି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଚନ୍ଦକା ବନଖଣ୍ଡର ଦୁଇଟି ଦନ୍ତା 'ରାମୁ' ଓ 'ବାହୁ ବଳୀ' ଏବଂ ଗୋଟିଏ ମାଖନା ଦେହରେ ରେଡିଓ କଲାର ପିନ୍ଧାଯିବ। ରବିବାର ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ସେଣ୍ଟର ଫର୍ ଇକୋଲୋଜିର ପ୍ରଫେସର ଡ. ରମଣ ସୁକୁମାର ଓ ତାଙ୍କ ଟିମ ଭୁବନେଶ୍ୱରରେ ପହଞ୍ଚି ସବିଶେଷ ସ୍ଥିତି ଅନୁଧ୍ୟାନ କରିବେ। ଆସନ୍ତା ୧୩ରୁ ୧୯ ତାରିଖ ମଧ୍ୟରେ ହାତୀଙ୍କୁ ରେଡିଓ କଲାର କରିବା ପାଇଁ ବନ୍ଦୋବସ୍ତ କରାଯାଇଛି। ଏହି କାର୍ଯ୍ୟରେ ଗୋଡିବାରିରେ ଥିବା କୁମକି ହାତୀ ଯଶୋଦାକୁ ନିୟୋଜିତ କରାଯିବ। ଇତିମଧ୍ୟରେ ତାକୁ ଭରତପୁର ଅଣାଯାଇଛି। ଏହି ହାତୀ ପିଠିରେ ବସି ବିଶେଷଜ୍ଞମାନେ ଭରତପୁରର ତାଲିକାଭୁକ୍ତ ହାତୀଙ୍କୁ ଟ୍ରାଙ୍କୁଲାଇଜ୍ କରିବେ। ତା'ପରେ ହାତୀଙ୍କ ବେକରେ ରେଡ଼ିଓ କଲାର ବନ୍ଧା ଯିବ। ଓୟୁଏଟିର ଭେଟେରିନାରୀ କଲେଜ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର ଡ. ଇନ୍ଦ୍ରମଣି ନାଥ ମଧ୍ୟ ଏହି ଟିମ୍‌ରେ ସାମିଲ ରହି ସହଯୋଗ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଅନେକ ସମୟରେ ଭରତପୁର ଜଙ୍ଗଲରେ ଥିବା ମାଖନା ନନ୍ଦନକାନନ ପାଚେରି ଭାଙ୍ଗି ପଶୁଛି। ସେହିଭଳି ବୁନକୋଳି, ସମେଇଗାଡ଼ିଆ, ପଥର ଗାଡ଼ିଆ, ଅନ୍ଧାରୁଆ ଆଦି ଅଞ୍ଚଳରେ ହାତୀ ଅନେକ ସମୟରେ ବସ୍ତି ଭିତରେ ପଶି ଉପଦ୍ରବ କରୁଛନ୍ତି। କିଛିବର୍ଷ ତଳେ ଭରତପୁରରେ ଜଣେ ବୃଦ୍ଧାଙ୍କୁ ହାତୀ ପାଦରେ ଦଳି ମାରି ଦେଇଥିଲା। ତେଣୁ ଅନେକ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହିତ ଚନ୍ଦକା ବନଖଣ୍ଡ କର୍ମଚାରୀ ମଧ୍ୟ ଲୋକଙ୍କ ଆକ୍ରୋଶର ଶିକାର ହେଉଥିଲେ। ସେଥିପାଇଁ ଚନ୍ଦକା ବନଖଣ୍ଡ ହାତୀଙ୍କର ଚଳପ୍ରଚଳ ତଥା ଗତିବିଧି ଉପରେ ରେଡିଓ କଲାର ଜରିଆରେ ନଜର ରଖିବା ସହିତ, ଲୋକମାନଙ୍କୁ ମଧ୍ୟ ଆଗୁଆ ସତର୍କ କରେଇ ବ୍ୟବସ୍ଥା କରିବ। ସେହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ହାତୀମାନଙ୍କର ରେଡିଓ କଲାର ବ୍ୟବସ୍ଥା ନିଶ୍ଚୟ ସ୍ୱାଗତଯୋଗ୍ୟ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହୁଛନ୍ତି।

ଭୁବନେଶ୍ୱରରେ ରେଡିଓ କଲାର ସଫଳ ହେଲେ, ରାଜ୍ୟର ଅନ୍ୟ ଯେଉଁ ବନଖଣ୍ଡରେ ହାତୀ ଉପଦ୍ର ଅଧିକ ରହିଛି ସେ ଅଞ୍ଚଳରେ ମଧ୍ୟ ହାତୀଙ୍କ ବେକରେ ରେଡିଓ କଲାର ଲଗାଯିବ। ଭୁବନେଶ୍ୱର ପରେ ସୁନ୍ଦରଗଡ଼ ବନଖଣ୍ଡରେ ଏହି କାର୍ଯ୍ୟକ୍ରମ କରାଯିବା ପାଇଁ ବ୍ୟବସ୍ଥା ହେଉଛି ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି।

ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ଭୂପେଶ

ଗଞ୍ଜାମ,୧୧।୯(ଡି.ଏନ.ଏ.)

ଇଣ୍ଡିଆ ବୁକ ଅଫ ରେକର୍ଡସ ପାଇଥିବା ଭୂପେଶ।

ଲୋକଙ୍କୁ ସଚେତନ କରିପାଇଲେ ୨୦୦ ବୈଷୟିକ ପ୍ରମାଣପତ୍ର

ଗଞ୍ଜାମ ଜିଲା ପୁଇଁତୋଳା ଗ୍ରାମର ଭୂପେଶ କୁମାର ପଲାଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ୨୦୦ ବୈଷୟିକ ପ୍ରମାଣପତ୍ର ପାଇ ୨୦୨୧ ପାଇଁ ଇଣ୍ଡିଆ ବୁକ୍ ଅଫ ରେକର୍ଡସରେ ସ୍ଥାନ ପାଇଛନ୍ତି। ସାଇବର ଅପରାଧକୁ ରୋକିବା ପାଇଁ ସେ ଏକ ଆପ ମାଧ୍ୟମରେ ଲୋକଙ୍କୁ ସଚେତନ କରିଥିବାରୁ ଏହି ପ୍ରମାଣପତ୍ର ମିଳିଛି। ଭାରତୀୟ ସଶସ୍ତ୍ର ବାହିନୀର ଅବସରପ୍ରାପ୍ତ ସୈନିକ ଭୂପେଶ ହେଉଛନ୍ତି ଶ୍ରମିକ ନେତା ତଥା ଗଞ୍ଜାମ ଏନ୍‌ଏସି ପୂର୍ବତନ ଚେୟାରମ୍ୟାନ ବୃନ୍ଦାବନ ପଲାଇଙ୍କ ପୁଅ। ସେ ସାଇବର ସୁରକ୍ଷାରେ ପ୍ରାୟ ଦୁଇ ଦଶନ୍ଧିର ବିପୁଳ ଅଭିଜ୍ଞତା ସହିତ କାର୍ଯ୍ୟ କରିଥିଲେ। ବର୍ତ୍ତମାନ ଆଇଟି ସୁରକ୍ଷା ବୃତ୍ତିଗତ ଭାବରେ ଏକ କାର୍ଯ୍ୟକ୍ଷମ ଭୂମିକାରେ କର୍ପୋରେଟ୍ ଦୁନିଆରେ ପାଦ ରଖିଛନ୍ତି। ସେ ଓଡ଼ିଶାର ସାଇବର ସୁରକ୍ଷା କମ୍ପାନୀ ଏଏସିଏସଏଲର ସହ-ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ, ପାଲଟନ୍‌ର ରିଜିଓନାଲ ପାର୍ଟନର ଏବଂ ଆମ ଦେଶରୁ ସମସ୍ତ ଅପରାଧକୁ ହଟାଇବା ପାଇଁ ଏକ ମିଶନ କ୍ରାଇମ୍ ଫ୍ରି ଭାରତ୍, ଏନଟିଆରଡିସିରେ ଏକଜିକ୍ୟୁଟିଭ୍ ଲିଡର ଭାବେ କାର୍ଯ୍ୟରତ। କୋଭିଡ୍ ମହାମାରୀ ସମୟରେ ସମସ୍ତେ ସେ ଅନଲାଇନ୍ ପୋର୍ଟାଲ ମାଧ୍ୟମରେ ୨୦୦ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରମାଣପତ୍ର ହାସଲ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ସୃଷ୍ଟି କରିଛନ୍ତି। ଜାତୀୟ ଏବଂ ଅନ୍ତର୍ଜାତ

ଈଶ୍ୱର ଏହି ବିଶ୍ୱକୁ ଏପରି ଭୟଙ୍କର ଭାବେ ପ୍ରହାର କରୁଛନ୍ତି ଅଟାଚକଟା ପରି ତାକୁ ଦଳୁଛନ୍ତି– କୁନ୍ଦୁଛନ୍ତି– ସର୍ବଦା ତାକୁ ରକ୍ତସ୍ନାତ କରୁଛନ୍ତି ଏବଂ ଅଗ୍ନିକୁଣ୍ଡର ଲେଲିହାନ ନାରକୀୟ ଉତ୍ତାପ ଭିତରକୁ ନିକ୍ଷେପ କରୁଛନ୍ତି। କାରଣ ଜନସାଧାରଣ ଏବେ ବି ରହିଛନ୍ତି କଠିଣ ସ୍ଥୂଳ ଓ ମନ୍ଦ କଂଚାଧାତୁ ସଦୃଶ। ତାକୁ ଆଉ କୋଉ ଉପାୟରେ ବି ତରଳାଇ ଆକାର ଦେଇ ହୁଅନ୍ତା ନାହିଁ। –ଶ୍ରୀଅରବିନ୍ଦ

ଆନ୍ଦୋଳନକୁ ଅଣଦେଖା

ଆକାର ପଟେଲ

ଚଳିତ ମାସ ଶେଷଆଡ଼କୁ, ଅର୍ଥାତ୍ ୨୬ ସେପ୍ଟେମ୍ବରରେ ସଂଯୁକ୍ତ କିଷାନ ମୋର୍ଚ୍ଚା କୃଷି ଆଇନଗୁଡ଼ିକ ପ୍ରତ୍ୟାହାର ଦାବିରେ ଭାରତ ବନ୍ଦ ଡାକରା ଦେଇଛି। ଗତ ବର୍ଷ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା ଓ ଏଯାବତ ଚାଲିଛି। କାହିଁକି ଏହା ଚାଲୁଛି ତାହାର ସବିଶେଷ ସମୀକ୍ଷା ବା ଅନୁଧ୍ୟାନ କରାଯିବା ଦରକାର। ଆନ୍ଦୋଳନରତ କୃଷକମାନେ କେନ୍ଦ୍ର ସରକାରଙ୍କୁ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରଥମ ଦାବି ହେଉଛି ; ନିୟନ୍ତ୍ରିତ ମଣ୍ଡି ବାହାରେ କୃଷିଜାତ ଉତ୍ପାଦର ଟିକସମୁକ୍ତ କାରବାର ପ୍ରତ୍ୟାହାର, କୃଷି କ୍ଷେତ୍ରରେ କର୍ପୋରେଟଗୁଡ଼ିକର ପ୍ରବେଶ ବନ୍ଦ କରିବା ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଗ୍ୟାରେଣ୍ଟି ଦେବା। ଦ୍ୱିତୀୟରେ, ଆଇନରେ ଥିବା ଚୁକ୍ତିଭିତ୍ତିକ କୃଷିକୁ ବାଦ୍ ଦେବା। ତୃତୀୟରେ ସଂଶୋଧିତ ଅତ୍ୟାବଶ୍ୟକ ସାମଗ୍ରୀ ଆଇନକୁ ପ୍ରତ୍ୟାହାର କରିବା, କୃଷିଜାତ ଉତ୍ପାଦର ଅତ୍ୟଧିକ ଗଚ୍ଛିତ ପ୍ରକ୍ରିୟାକୁ ଅପରାଧମୁକ୍ତ କରିବା। ଚତୁର୍ଥ ଦାବି ହେଉଛି ; ବିଦ୍ୟୁତ୍ ଅଧ୍ୟାଦେଶ, ୨୦୨୦ରେ ପ୍ରସ୍ତାବିତ ସଂଶୋଧନଗୁଡ଼ିକ ଦ୍ୱାରା ବିଦ୍ୟୁତ୍ ସବ୍‌ସିଡି ଶେଷ ହୋଇଯାଉଥିବାରୁ ଏହାକୁ ପ୍ରତ୍ୟାହାର କରିବା ଏବଂ ଏସବୁ ବଦଳରେ ନଗଦ ସବ୍‌ସିଡି ପ୍ରଦାନ କରିବା। ପଞ୍ଚମରେ, ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ଦରକୁ ଦୃଷ୍ଟିରେ ରଖି ପେଟ୍ରୋଲ ଓ ଡିଜେଲ ଉପରୁ ଟିକସ ହଟାଇବା। ଷଷ୍ଠରେ, ନଡ଼ାପୋଡ଼ିକୁ ଅପରାଧୀକରଣ କରୁଥିବା ଷ୍ଟ୍ର ପଲ୍ୟୁଶନ ଅର୍ଡିନାନ୍ସ ବା ନଡ଼ା ପ୍ରଦୂଷଣ ଅଧ୍ୟାଦେଶ ୨୦୨୦କୁ ରଦ୍ଦ କରିବା। ସପ୍ତମ ଦାବି ଥିଲା, ରାଜ୍ୟ ଅଧିକାର କ୍ଷେତ୍ର ଉପରେ କେନ୍ଦ୍ର ବୈଧାନିକ ହସ୍ତକ୍ଷେପ ବନ୍ଦ କରୁ ; କାରଣ କୃଷି ହେଉଛି ରାଜ୍ୟର ପ୍ରସଙ୍ଗ, କେନ୍ଦ୍ରର ନୁହେଁ। ଏବଂ ଶେଷରେ ଯେଉଁମାନେ ଭୀମାକୋରେଗାଁଓ ଘଟଣା ଓ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ପ୍ରତିବାଦରେ ଜେଲରେ ରହିଛନ୍ତି, ସେମାନଙ୍କୁ ନିଃସର୍ତ୍ତରେ ମୁକ୍ତ କରାଯାଉ।

ଗତ ବର୍ଷ ୩୦ ଡିସେମ୍ବରରେ ମୋଦି ସରକାର ବିଦ୍ୟୁତ୍ ଅଧ୍ୟାଦେଶ (ଦାବି ୪) ସଂଶୋଧନକୁ ହଟାଇ ନେବା ଏବଂ ନଡ଼ାପୋଡ଼ି ଜରିମାନା (ଦାବି ୬)ରୁ କୃଷକମାନଙ୍କୁ ମୁକ୍ତ କରିବା ଲାଗି ରାଜି ହୋଇଥିଲେ। ଚଳିତ ବର୍ଷ ଜାନୁୟାରୀ ୧୨ରେ ସୁପ୍ରିମକୋର୍ଟ କୃଷି ଆଇନଗୁଡ଼ିକର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ଏହି ସ୍ଥଗିତାଦେଶ କୃଷକଙ୍କ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଦାବି ଉପରେ ବ୍ୟାଖ୍ୟା କରିଥିଲା। ପରେ କୋର୍ଟ କୃଷକ ଓ ସରକାରଙ୍କ ମଧ୍ୟରେ ଆଲୋଚନା କରି ଏକ ସୁପାରିସ ସମ୍ବଳିତ ରିପୋର୍ଟ ଦାଖଲ କରିବା ଲାଗି ୪ ଜଣିଆ କମିଟି ଗଠନ କରିଥିଲେ। କମିଟିର ସଦସ୍ୟ ଭୂପିନ୍ଦର ସିଂ ମାନ୍ କୃଷକମାନଙ୍କ ସପକ୍ଷରେ ରହିଛନ୍ତି ବୋଲି କହି କମିଟିରୁ ଓହରିଗଲେ। ଅନ୍ୟ ତିନି ସଦସ୍ୟଙ୍କ ମଧ୍ୟରେ ଥିବା ଦୁଇ କୃଷି ଅର୍ଥନୀତିଜ୍ଞ ସରକାରଙ୍କ ସପକ୍ଷରେ ଲେଖିଥିଲେ। କୃଷକ ସଂଗଠନଗୁଡ଼ିକ ସରକାରଙ୍କୁ ସାକ୍ଷାତ କରିବା ପାଇଁ ମନା କରିଦେଇଥିଲେ ଓ ୬ ମାସ ପୂର୍ବେ ଅର୍ଥାତ୍ ମାର୍ଚ୍ଚରେ ଏକ ବନ୍ଦ ଲଫାପାରେ ସେମାନଙ୍କ ସୁପାରିସଗୁଡ଼ିକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ପ୍ରଦାନ କରିଥିଲେ। ଚଳିତ ବର୍ଷ ଜୁଲାଇ ୪ରେ ଖାଉଟି ବ୍ୟାପାର ମନ୍ତ୍ରୀ ପୀୟୂଷ ଗୋଏଲ ବ୍ୟବସାୟୀମାନଙ୍କ ପାଇଁ ମୁଗ ବ୍ୟତୀତ ସମସ୍ତ ଡାଲିର ଗଚ୍ଛିତ ସୀମା ଲାଗୁ କରିଥିଲେ। ଏଥିରେ ହୋଲ୍‌ସେଲ ପାଇଁ ୨୦୦ ଟନ୍ ଏବଂ ରିଟେଲ୍ ଲାଗି ୫ ଟନ୍ ସୀମା ଧାର୍ଯ୍ୟ କରାଯାଇଥିଲା। ମୂଲ୍ୟ ବୃଦ୍ଧି ହେଉଥିବାରୁ ଏହା କରାଯାଇଥିଲା ବୋଲି କୁହାଯାଇଥିଲେ ବି ଏହି ନିର୍ଦ୍ଧାରିତ ସୀମାରୁ ବୁଝାପଡୁଛି ଯେ, ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ହଟାଇବା ବିରୋଧରେ ଥିଲେ। ଅନ୍ୟପକ୍ଷରେ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଗଠିତ କମିଟିର ସଦସ୍ୟମାନେ ପ୍ରଦାନ କରିଥିବା ରିପୋର୍ଟ ଏଯାବତ ଫାଇଲ ଭିତରେ ପଡ଼ିରହିଛି, ଯାହାକୁ ନେଇ ଗତ ସପ୍ତାହରେ କମିଟିର ସଦସ୍ୟ ଅନୀଲ ଘନୱାତ ନିଜର ନୈରାଶ୍ୟ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ରିପୋର୍ଟ ପ୍ରକାଶ କରାଗଲା ପରେ ସୃଷ୍ଟି ହେବାକୁ ଥିବା ଆଇନଶୃଙ୍ଖଳା ପରିସ୍ଥିତି ଉପରେ ସରକାର ଏବଂ କୋର୍ଟଙ୍କୁ ବିଚାର କରିବାକୁ ପଡ଼ିବ। ଏଥିରୁ ସ୍ପଷ୍ଟ ହେଉଛି ଯେ, କମିଟି ତିନି କୃଷି ଆଇନ ପ୍ରତ୍ୟାହାର ସପକ୍ଷରେ ନାହାନ୍ତି। ଘନୱାତଙ୍କ ଅନୁଯାୟୀ ଏହି ଆଇନଗୁଡ଼ିକରେ ଅନେକ ତ୍ରୁଟି ରହିଛି, ଯେଉଁଥିରେ ସୁଧାର ଆଣିବା ଆବଶ୍ୟକ। କୃଷକମାନଙ୍କ ଦାବିଗୁଡ଼ିକର ଏହା ହିଁ ଏବକାର ସ୍ଥିତି ଯେଉଁଥିପାଇଁ ସେମାନେ ଏଯାବତ ଆନ୍ଦୋଳନ ଜାରି ରଖିଛନ୍ତି। ସେମାନଙ୍କ ଦାବିଗୁଡ଼ିକରୁ କେତେକ ପୂରଣ କରାଯାଇ ସାରିଲାଣି, କେତେକ ସ୍ଥଗିତ ରହିଛି। ଘଟଣାକ୍ରମରେ ସରକାର ଆଇନକୁ ପ୍ରତ୍ୟାହାର ନ କରି ଏକ ନିୟମ ବାଢ଼ିଥିଲେ। ଚଳିତ ବର୍ଷ ପ୍ରାରମ୍ଭରେ ସରକାର ଆଇନଗୁଡ଼ିକୁ କାର୍ଯ୍ୟକାରୀ ନ କରି ୧୮ ମାସ ସ୍ଥଗିତ ରଖିବାକୁ ଇଚ୍ଛୁକ ଥିଲେ। ଏଣୁ କୌଣସି କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଇ ନ ଥିବା ଆଇନଗୁଡ଼ିକୁ ପ୍ରତ୍ୟାହାର କରିବା ପାଇଁ ସରକାରଙ୍କୁ କିଏ ଅଟକାଉଛି ? ଜୁନ୍‌ରେ ଆତ୍ମନିର୍ଭର ଭାରତ ପ୍ୟାକେଜ୍‌ର ଏକ ଅଂଶ ଭାବେ ଆଇନଗୁଡ଼ିକୁ ଅଧ୍ୟାଦେଶ ଭାବେ ପାସ୍ କରାଗଲା। କୃଷି ଆଇନଗୁଡ଼ିକୁ ନେଇ ବିଶ୍ୱରେ ସବୁଠୁ ବଡ଼ ତଥା ଦୀର୍ଘ ଗଣ ଆନ୍ଦୋଳନ ଜାରି ରହିଥିବାବେଳେ ତାହାକୁ ସନ୍ଦେହଜନକ ଭାବେ ରାଜ୍ୟ ସଭାରେ ବିନା ପ୍ରତିରୋଧରେ ପାସ୍ କରାଗଲା। ଉକ୍ତ ଆନ୍ଦୋଳନରେ ପ୍ରାୟ ୬୦୦ କୃଷକଙ୍କ ମୃତ୍ୟୁ ଘଟିସାରିଲାଣି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଅନ୍ୟ କୌଣସି ଗୋଷ୍ଠୀ ମଧ୍ୟ କୃଷି ଆଇନ ଲାଗୁ କରାଯିବା ଲାଗି ଦାବି କରୁନାହାନ୍ତି। ଏହାବାଦ୍ ସରକାରଙ୍କ ଉପରେ ଏହି ଆଇନ କାର୍ଯ୍ୟକାରୀ କରିବା ପାଇଁ କୌଣସି ଚାପ ପଡୁନାହିଁ। ସରକାର କେବଳ ଆଇନଗୁଡ଼ିକୁ ଶୀତଳଭଣ୍ଡାରରେ ପକାଇ ଦେଇଛନ୍ତି ଓ କୃଷକ ଆନ୍ଦୋଳନକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛନ୍ତି। ସେମାନେ ଥକିଯାଇ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ଏହାକୁ ଶେଷ କରନ୍ତୁ ବୋଲି ସରକାର ଆଶା କରୁଛନ୍ତି। ଏଭଳି ଘଟିବାର କୌଣସି ସଙ୍କେତ ଦେଖାଯାଉନାହିଁ, ବରଂ ଆଗକୁ ଭାରତ ବନ୍ଦ ଆସୁଛି। ଏଣୁ ଆଇନଗୁଡ଼ିକୁ ପ୍ରତ୍ୟାହାର ନ କରି କାହିଁକି ସରକାର ଆନ୍ଦୋଳନକୁ ଲମ୍ବିବାକୁ ଦେଉଛନ୍ତି।

Email:aakar.patel@gmail.com

ଅନ୍ଧାରି ଶାସନ ଓ ଗଣ ଦେଶାନ୍ତର

ଡ. ପ୍ରଫୁଲ୍ଲ କୁମାର ସାହୁ

ପୈତୃକ ଭୂମି ପ୍ରତି ପ୍ରତ୍ୟେକ ମଣିଷର ମମତା ଅମାପ। ତେଣୁ ପ୍ରବାସରେ ଥିଲେ ଜନ୍ମ ମାଟିକୁ ଫେରିବା ପାଇଁ ପ୍ରାଣ ବ୍ୟାକୁଳ ହୁଏ ପ୍ରତି ମୁହୂର୍ତ୍ତରେ। ମାତ୍ର ଯୁଦ୍ଧ, ଗୃହଯୁଦ୍ଧ, ସନ୍ତ୍ରାସ, ଗଣହତ୍ୟା, ସାଂପ୍ରଦାୟିକ ଦଙ୍ଗା ଇତ୍ୟାଦି କାରଣରୁ କିଛି ଲୋକଙ୍କୁ ଜନ୍ମ ମାଟିର ମୋହ ତୁଟାଇ ସବୁଦିନ ପାଇଁ ଆଶ୍ରୟ ନେବାକୁ ପଡ଼େ ବିଦେଶ ମାଟିରେ। ନିଜ ଦେଶ ଛାଡ଼ି ବିଦେଶରେ ଆଶ୍ରୟ ନେଇଥିବା ଏହି ଉଦ୍‌ବାସ୍ତୁମାନଙ୍କୁ କୁହାଯାଏ ଶରଣାର୍ଥୀ।

ବ୍ୟକ୍ତିର ନାଗରିକତା ହେଉଛି ତା'ର ଜାତୀୟତାର ପରିଚୟ। ମାତ୍ର ପୃଥିବୀର ବିଭିନ୍ନ ଦେଶରେ ଏମିତି ପ୍ରାୟ ପନ୍ଦର ନିୟୁତ ଲୋକ ଅଛନ୍ତି ; ଯାହାଙ୍କ ପାଖରେ ନା ଅଛି ନାଗରିକତା ନା ରାଷ୍ଟ୍ରୀୟତା। ଏହି ଠିକଣା ନ ଥିବା ଲୋକମାନେ ସର୍ବନିମ୍ନ ମାନବିକ ଅଧିକାର ତଥା ସବୁ ପ୍ରକାର ସୁବିଧାରୁ ବଞ୍ଚିତ ଏକ ବାସ୍ତୁହରା ବର୍ଗ। ଏମାନେ ନିଜ ଦେଶରେ ଶରଣାର୍ଥୀ ପରି ବଞ୍ଚନ୍ତି ଏବଂ ବିଦେଶକୁ ଚାଲିଗଲେ ସେଠାରେ ସେମାନଙ୍କୁ କୁହାଯାଏ ଅନୁପ୍ରବେଶକାରୀ। ଦେଶ ହେଉ କି ବିଦେଶ ହେଉ, ସବୁଠି ଏମାନେ ଅବାଞ୍ଛିତ। ବାବନା ଭୂତ ଭଳି ବଞ୍ଚୁଥିବା ଏହି ଅନାଗରିକଙ୍କ ସମସ୍ୟା ସମାଧାନ ଏବେ ବିଶ୍ୱ ସମୁଦାୟ ପାଇଁ ଏକ ଆହ୍ୱାନ।

ପୃଥିବୀର ପ୍ରତ୍ୟେକ ମଣିଷ ସ୍ୱାଧୀନ ଭାବରେ ଜନ୍ମ ଗ୍ରହଣ କରିଛି ଏବଂ ମର୍ଯ୍ୟାଦାର ସହ ବଞ୍ଚିବା ତା'ର ଜନ୍ମଗତ ଅଧିକାର। ଏଭଳି ବିଚାରଧାରା ଉପରେ ବିଶ୍ୱ ଗୁରୁତ୍ୱ ଦେଲା ମାନବବାଦୀ ଜୀବନବୋଧର ଅଭ୍ୟୁଦୟ ତଥା ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରତିଷ୍ଠା ପରେ। ମଣିଷର ପ୍ରାକୃତିକ ତଥା ଗଣତାନ୍ତ୍ରିକ ଅଧିକାରକୁ ନେଇ ପ୍ରକାଶ ପାଇଲା ଜାତିସଂଘର ଘୋଷଣାନାମା। କୁହାଗଲା ଜୀବନ ଧାରଣ ପାଇଁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଆଦି ସର୍ବନିମ୍ନ ଆବଶ୍ୟକତା ପୂରଣ କରିବା ଯେମିତି ମଣିଷର ପ୍ରାକୃତିକ ଅଧିକାର, ସେମିତି ଦେଶରେ ରାଜନୈତିକ ବ୍ୟବସ୍ଥାରେ ଅଂଶ ଗ୍ରହଣ କରିବା, ସାମାଜିକ ନ୍ୟାୟରୁ ବଞ୍ଚିତ ନ ହେବା, ଅର୍ଥନୈତିକ ସ୍ତରରେ ଶୋଷିତ ନ ହେବା ଓ ନିଜର ଧାର୍ମିକ ଏବଂ ସାଂସ୍କୃତିକ ଜୀବନ ବଞ୍ଚିବାର ସୁଯୋଗ ପାଇବା ଇତ୍ୟାଦି ତା'ର ନାଗରିକ ଅଧିକାର। ମଣିଷକୁ ତା'ର ଏହି ଅଧିକାରରୁ ବଞ୍ଚିତ କରିବା ଅତ୍ୟନ୍ତ ଅନ୍ୟାୟ ଓ ଅମାନବିକ। ତୁର୍କୀର ବୋଦରସ ନିକଟସ୍ଥ ସାମୁଦ୍ରିକ ବେଳାଭୂମିରେ ଭାସିଆସି ଲାଗିଥିବା ଏକ ତିନି ବର୍ଷର କଅଁଳ ଶିଶୁର ଶବ ଦେଖି ଯେତେବେଳେ ବିଶ୍ୱ ବିବେକ ଦୋହଲି ଗଲା, ସେତେବେଳେ ମଣିଷର ନାଗରିକ ଅଧିକାରକୁ ନେଇ ଅଧିକ କ୍ରିୟାଶୀଳ ହୋଇ ଉଠିଲା ଜାତିସଂଘ। ବିସ୍ଥାପନ ସମସ୍ୟା ସମାଧାନ ପାଇଁ ଆରମ୍ଭ ହେଲା ଜୋରଦାର ପ୍ରୟାସ। ୨୦୨୪ ସୁଦ୍ଧା ରାଷ୍ଟ୍ରୀୟତା ବିହୀନ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଧାର୍ଯ୍ୟ ହେଲା ଲକ୍ଷ୍ୟ। ମାତ୍ର ଜାତିସଂଘର ତତ୍‌ପରତା ସତ୍ତ୍ୱେ ଏଯାବତ୍ ବାହାରି ପାରୁନି ଶରଣାର୍ଥୀ ସମସ୍ୟାର ସ୍ଥାୟୀ ସମାଧାନର ସୂତ୍ର। କ୍ରମାଗତ ଭାବେ ବଢୁଛି ଆଫଗାନିସ୍ତାନ, ସିରିଆ, ସୁଦାନ ଓ ମ୍ୟାନ୍‌ମାର ଆଦି ରାଷ୍ଟ୍ରର ପ୍ରତାରିତ ଓ ବିତାଡ଼ିତଙ୍କ ସଂଖ୍ୟା। ଏମାନେ ନିଜ ଦେଶରୁ ବିସ୍ଥାପିତ ହୋଇ ଲକ୍ଷ ଲକ୍ଷ ସଂଖ୍ୟାରେ ପ୍ରବେଶ କରୁଛନ୍ତି ଅନ୍ୟ ଦେଶରେ। ଏଭଳି ସ୍ଥିତିରେ ଶରଣାର୍ଥୀ ସମସ୍ୟାକୁ ଆହୁରି ଗମ୍ଭୀର କରିଦେଇଛି ଆଫଗାନିସ୍ତାନ ଆତଙ୍କ। ବିଡ଼ମ୍ବନାର ବିଷୟ ସେଠାରୁ ଆମେରିକାର ସୁପରିକଳ୍ପିତ ସୈନ୍ୟ ଅପସାରଣ ପରେ ଇସ୍‌ଲାମୀୟ ମୌଳବାଦୀ ସଂଗଠନ ତାଲିବାନ ହାତକୁ ଚାଲିଯାଇଛି ଆଫଗାନିସ୍ତାନର ଭାଗ୍ୟ ଓ ଭବିଷ୍ୟତ। ତାଲିବାନୀ ଶାସନକୁ ଡରି ଦେଶ ଛାଡ଼ି ଚାଲିଯିବା ପାଇଁ ଲୋକଙ୍କ ଭିତରେ ଚାଲିଛି ପ୍ରାଣମୂର୍ଚ୍ଛା ପ୍ରୟାସ। ପ୍ରାଣ ବିକଳରେ ଦେଶ ଛାଡ଼ି ବିଦେଶକୁ ପଳାଉଥିବା ଏହି ଉଦ୍‌ବାସ୍ତୁମାନଙ୍କୁ ଆଶ୍ରୟ ଦେବାପାଇଁ ବିଶ୍ୱ ସମୁଦାୟକୁ ଅନୁରୋଧ କରିଛନ୍ତି ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ।

କୌଣସି ଦେଶ ପକ୍ଷରେ ଅଳ୍ପ କିଛି ଶରଣାର୍ଥୀଙ୍କୁ ଆଶ୍ରୟ ଦେବା ସହଜ ହୋଇପାରେ, ମାତ୍ର ଗଣ ଦେଶାନ୍ତର କାରଣରୁ ଇଂଲଣ୍ଡ, କାନାଡା, ଆମେରିକା, ଉଗାଣ୍ଡା, ବାଂଲାଦେଶ ଓ ଭାରତ ଭଳି ଅନେକ ଦେଶ ଏବେ ଶରଣାର୍ଥୀ ସମସ୍ୟାରେ ପୀଡ଼ିତ। ବିଶେଷ କରି ରୋହିଙ୍ଗ୍ୟା ଶରଣାର୍ଥୀ ସମସ୍ୟାକୁ କେନ୍ଦ୍ରକରି ଭାରତରେ ଏବେ ଦାନା ବାନ୍ଧୁଛି ରାଜନୈତିକ ବିବାଦ।

କେତେକ ଦେଶ ଗୋଷ୍ଠୀଗତ ବା ସାଂପ୍ରଦାୟିକ ଆଧାରରେ ନିର୍ଦ୍ଧାରଣ କରନ୍ତି ରାଷ୍ଟ୍ରୀୟତା। ଭେଦାଭେଦ ବିରୋଧୀ ଆନ୍ତର୍ଜାତିକ ଆଇନର ସମ୍ପୂର୍ଣ୍ଣ ପରିପନ୍ଥୀ। ଜାତିସଂଘର ଘୋଷଣାନାମା କହେ ବଂଶ, ଗୋଷ୍ଠୀ, ବର୍ଣ୍ଣ, ପୁରୁଷାନୁକ୍ରମିକତା ଓ ଜାତିଗତ ବା ଗୋଷ୍ଠୀଗତ ମୂଳ ଆଧାରରେ କାହାକୁ ନାଗରିକତାରୁ ବଞ୍ଚିତ କରିବା ଅନୁଚିତ। ଏହି ଆନ୍ତର୍ଜାତିକ ନିୟମ ଉଲ୍ଲଂଘନ ଫଳରେ ମ୍ୟାନ୍‌ମାରରେ ଖୁବ୍ ଦୟନୀୟ ହୋଇପଡ଼ିଛି ସଂଖ୍ୟାଲଘୁ ରୋହିଙ୍ଗ୍ୟା ମୁସଲମାନଙ୍କ ସ୍ଥିତି। ମ୍ୟାନ୍‌ମାରର ନୂତନ ନାଗରିକତା ଆଇନ(୧୯୮୨)ସଂଖ୍ୟାଲଘୁ ରୋହିଙ୍ଗ୍ୟାମାନଙ୍କ ନାଗରିକତାକୁ ବାରଣ କରିବା ଫଳରେ ସେମାନଙ୍କ ଅସନ୍ତୋଷକୁ ନେଇ ଦାନା ବାନ୍ଧିଲା ଆନ୍ଦୋଳନ। ତାକୁ ଦମନ କରିବା ପାଇଁ ସରକାର ଗ୍ରହଣ କଲେ ନିଷ୍ଠୁର ପଦକ୍ଷେପ। ରୋହିଙ୍ଗ୍ୟାଙ୍କ ଉପରେ ଚାଲିଲା ବଳାତ୍କାର, ହତ୍ୟା ଆଦି ନାନା ପ୍ରକାର ଅତ୍ୟାଚାର। ଶେଷରେ ତାହା ଗୋଷ୍ଠୀ ସଂଘର୍ଷର ରୂପ ନେଲା ଏବଂ ଏଥିରେ ପ୍ରାଣ ହରାଇଲେ ହଜାର ହଜାର ରୋହିଙ୍ଗ୍ୟା। ଅଗ୍ନି ସଂଯୋଗ କରି ଜାଳି ଦିଆଗଲା ସେମାନଙ୍କ ଘର। ନାଗରିକତା ହରାଇଥିବା ରୋହିଙ୍ଗ୍ୟାମାନେ ଶେଷରେ ବାସହରା ହୋଇ ପ୍ରାଣ ବିକଳରେ ଦେଶ ଛାଡ଼ି ପଳାଇଲେ ଏବଂ ଶରଣାର୍ଥୀ ଭାବେ ଆଶ୍ରୟ ନେଲେ ଭାରତ, ବାଂଲାଦେଶ ଓ ମାଲେସିଆ ଆଦି ଦେଶରେ। ଭାରତକୁ ପ୍ରବେଶ କରିଥିବା ପ୍ରାୟ ୪୦ ହଜାର ରୋହିଙ୍ଗ୍ୟା ଏବେ ରହିଛନ୍ତି ଜମ୍ମୁ, ଦିଲ୍ଲୀ, ଉତ୍ତରପ୍ରଦେଶ, ରାଜସ୍ଥାନ ଓ ଅନ୍ୟ କେତେକ ରାଜ୍ୟରେ।

ସେମାନଙ୍କ ଭିତରୁ କିଏ କୃଷି କ୍ଷେତ୍ରରେ ନିୟୋଜିତ ଅଛି ତ କିଏ କାମ କରୁଛି ନିର୍ମାଣ ଶ୍ରମିକ ଭାବରେ। ମାତ୍ର ମ୍ୟାନ୍‌ମାରରୁ ପଳାଇ ଆସିଥିବା ଏହି ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ଆଶ୍ରୟ ପ୍ରଶ୍ନକୁ ନେଇ ବିବାଦ ଉଠିଛି ଦେଶରେ। ମାନବିକତା ଦୃଷ୍ଟିରୁ ସେମାନଙ୍କୁ ଆଶ୍ରୟ ଦେବା ସପକ୍ଷରେ ଗୋଟିଏ ଗୋଷ୍ଠୀ ଯୁକ୍ତି କରୁଥିବା ବେଳେ, ଦେଶର ସୁରକ୍ଷାକୁ ଅଗ୍ରାଧିକାର ଦେଇ ସେମାନଙ୍କୁ ବିତାଡ଼ିତ କରିବାକୁ ଦାବି କରୁଛନ୍ତି ଆଉ ଗୋଟିଏ ଗୋଷ୍ଠୀ। ଏହି ପରିପ୍ରେକ୍ଷୀରେ ପ୍ରଶ୍ନ ଉଠୁଛି ୧୯୭୨ରେ ବାଂଲାଦେଶରୁ ଆସିଥିବା ଶରଣାର୍ଥୀଙ୍କୁ ଯେଉଁ ଦେଶ ବିନା ଦ୍ୱିଧାରେ ଆଶ୍ରୟ ଦେଇଥିଲା,ଏବେ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ବେଳକୁ ଏତେ କଠୋର କାହିଁକି ?

ଭାରତୀୟ ସଭ୍ୟତା ଓ ସଂସ୍କୃତି ଖୁବ୍ ପ୍ରାଚୀନ ହେଲେ ବି ଏଥିରେ ରହିଛି ଏକ ପ୍ରଗତିଶୀଳ ଦର୍ଶନ ଓ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ। ମଣିଷର ମର୍ଯ୍ୟାଦାଜନକ ବଞ୍ଚିବାର ଆବଶ୍ୟକତା ଉପରେ ଜାତିସଂଘ ଗୁରୁତ୍ୱ ଦେବାର ବହୁ ପୂର୍ବରୁ ସମଗ୍ର ବିଶ୍ୱକୁ ଭାରତ ଶୁଣେଇଥିଲା 'ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟ' ମନ୍ତ୍ର। ପରବର୍ତ୍ତୀ ସମୟରେ ଏହି ମାନବୀୟ ମୂଲ୍ୟବୋଧକୁ ଆଧାର କରି ପ୍ରସ୍ତୁତ ହେଲା ଆମ ସମ୍ବିଧାନ। ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ଭାବରେ ଏଠି ସବୁ ଧର୍ମ ଓ ଜାତିର ଲୋକଙ୍କୁ ମିଳିଲା ସମାନ ସୁବିଧା ଓ ସୁଯୋଗ। ଏହି କାରଣରୁ ବାଂଲାଦେଶ ଓ ପାକିସ୍ତାନ ଭଳି ମୁସଲିମ ରାଷ୍ଟ୍ରଠାରୁ ଭାରତରେ ରହୁଥିବା ମୁସଲମାନମାନେ ବେଶି ସୁରକ୍ଷିତ। ମୋଟ ଉପରେ ମାନବତା ହିଁ ଭାରତୀୟ ସଂସ୍କୃତିର ମୂଳକଥା ଏବଂ ତାକୁ ହିଁ ଅଗ୍ରାଧିକାର ଦେଇ ବାଂଲାଦେଶରୁ ପଳାଇ ଆସିଥିବା ଶରଣାର୍ଥୀଙ୍କୁ ଆଶ୍ରୟ ଦେଇଥିଲା ଭାରତ। ମାତ୍ର ତା'ର ପ୍ରତିବଦଳରେ ଦେଶ ପାଇଲା କ'ଣ ? ଶରଣାର୍ଥୀଙ୍କୁ ଆଶ୍ରୟ ଦେବା ଫଳରେ ଏଠାରେ ଖୋଲିଲା ଆତଙ୍କବାଦୀ ପ୍ରଶିକ୍ଷଣ ଶିବିର। ଆକ୍ରମଣର ଶିକାର ହେଲା ଆମ ସଂସଦ ଭବନ। ସନ୍ତ୍ରାସବାଦୀ ବର୍ବରତାରୁ ବାଦ୍ ପଡ଼ିଲେନି ଶିଶୁ ଓ ମହିଳା। ତେଣୁ ଦେଶର ସୁରକ୍ଷା ଦୃଷ୍ଟିରୁ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ପ୍ରତି କଠୋର ଆଭିମୁଖ୍ୟ ପୋଷଣ କରୁଛି ଦେଶ। କେବଳ ଭାରତ ନୁହେଁ, ଆତଙ୍କବାଦ ଭୟରେ ଏମାନଙ୍କୁ ଆଶ୍ରୟ ଦେବାକୁ ଚାହୁଁ ନାହାନ୍ତି ବିଶ୍ୱର କୌଣସି ଶାନ୍ତିପ୍ରିୟ ରାଷ୍ଟ୍ର।

ଆତଙ୍କବାଦୀ ସଂଗଠନଗୁଡ଼ିକର ମୂଳ ଚିନ୍ତାଧାରା ହେଉଛି ଧର୍ମଭିତ୍ତିକ ଇସ୍‌ଲାମିକ ରାଷ୍ଟ୍ର ଗଠନ। ଏହି ଲକ୍ଷ୍ୟ ହାସଲ ନିମନ୍ତେ ସେମାନଙ୍କ ଦୃଷ୍ଟିରେ ଯୁଦ୍ଧ ହେଉଛି ଜେହାଦ। ଯେଉଁମାନେ ଏ ପନ୍ଥାକୁ ଗ୍ରହଣ କରିବା ପାଇଁ ଅନିଚ୍ଛୁକ, ମୃତ୍ୟୁଦଣ୍ଡ ହିଁ ସେମାନଙ୍କ ପାଇଁ ଏକମ

ସଂକ୍ଷେପରେ

ଅଙ୍ଗଦାନ ଲାଗି ୩୦ ସ୍ୱେଚ୍ଛାସେବୀଙ୍କ ସ୍ୱାକ୍ଷର

ଭୁବନେଶ୍ୱର, ୧୧।୯(ବ୍ୟୁରୋ): ଓଡ଼ିଶା ମୋ ପରିବାର- ଜୀବନ ବିନ୍ଦୁ ଆନୁକୂଲ୍ୟରେ ଶନିବାର କେନ୍ଦୁଝର ଘସିପୁରାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ୩୧ଜଣ ରକ୍ତଦାନ କରିଥିବା ବେଳେ ୩୦ ଜଣ ସ୍ୱେଚ୍ଛାସେବୀ ମୃତ୍ୟୁପରେ ସେମାନଙ୍କ ଅଙ୍ଗଦାନ କରିବେ ବୋଲି ସ୍ୱାକ୍ଷର କରିଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣ ଚକ୍ଷୁଦାନ ଲାଗି ସ୍ୱାକ୍ଷର କରିଥିବା ବେଳେ, ୪ ଜଣ କିଡ୍‌ନୀ ଓ ଚକ୍ଷୁ, ୩ ଜଣ କିଡ୍‌ନୀ, ଚକ୍ଷୁ, ଚର୍ମ, ଲିଭର ଏବଂ ୧୭ ଜଣ ସମ୍ପୂର୍ଣ୍ଣ ଅଙ୍ଗଦାନ କରିବା ପାଇଁ କଟକ ବଡ଼ ମେଡିକାଲରୁ ଆସିଥିବା ଟିମ୍ ନିକଟରେ ସ୍ୱାକ୍ଷର କରିଛନ୍ତି। ହେଲ୍‌ପ ଦି ହ୍ୟୁମାନିଟି ଚାରିଟେବୁଲ୍ ଟ୍ରଷ୍ଟ ସହଭାଗିତାରେ ଅନୁଷ୍ଠିତ ହୋଇଥିବା ଏହି ଶିବିରକୁ ଓଡିଶା-ମୋ ପରିବାର ଜିଲା ସଂଯୋଜକ ପ୍ରଦୀପ ସାହୁ ସଂଯୋଜନା କରିଛନ୍ତି।

ମହାନଦୀରୁ ଯୁବକଙ୍କ ମୃତଦେହ ଜବତ

ତିର୍ତ୍ତୋଲ,୧୧।୯(ଡି.ଏନ୍.ଏ.): ତିର୍ତ୍ତୋଲ ଥାନା ଅଧୀନ ମହାନଦୀର ତାରତୋଲ ପୋଲ ନିକଟରୁ ଶନିବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ତାଙ୍କ ପରିଚୟ ମିଳିପାରିନାହିଁ। ମୃତକ ଜଣକ ଫୁଲ ପ୍ୟାଣ୍ଟ ସାର୍ଟ ପିନ୍ଧିଥିବା ବେଳେ ବୟସ ପାଖାପାଖି ୪୫ ହେବ ବୋଲି ପୋଲିସ ଅନୁମାନ କରୁଛି। ଅପରାହ୍ନ ସମୟରେ ସମ୍ପୃକ୍ତ ଯୁବକଙ୍କ ମୃତଦେହ ନଦୀରେ ଭାସିଯାଉ ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ସନ୍ଧ୍ୟା ହୋଇଥିବାରୁ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ନିମନ୍ତେ ଜଗତସିଂହପୁର ଚିକିତ୍ସାଳୟ ପଠାଇବା ସମ୍ଭବ ହୋଇନାହିଁ। ଏନେଇ ରବିବାର ପଦକ୍ଷେପ ନିଆଯିବ ବୋଲି ଆଇଆଇସି ଭାବଗ୍ରାହୀ ରାଉତରାୟ ସୂଚନା ଦେଇଛନ୍ତି।

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକଙ୍କ ମୃତ୍ୟୁ ଘଟଣା: ୩ କର୍ମଚାରୀ ନିଲମ୍ବିତ

ରଘୁନାଥପୁର,୧୧।୯(ଡି.ଏନ୍.ଏ.): ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର କୁର୍ତ୍ତାଙ୍ଗ କଲେଜ ନିକଟରେ ନୂତନ ବିଦ୍ୟୁତ୍ ଖୁଣ୍ଟ ବସିବା ସମୟରେ ଗୁରୁବାର ଠିକା ଶ୍ରମିକ ଦୀପୁନା ପୂର୍ତ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଗୁରୁତର ହୋଇଥିଲେ। ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଏହି ଦୁର୍ଘଟଣା ହୋଇଥିଲା। ଶୁକ୍ରବାର ଟିପିସିଓଡିଏଲ୍ ଚେୟାରମ୍ୟାନ ନରେଶ କାପୁରଙ୍କ ସହ ୫ ଜଣିଆ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଥିଲେ। ଏହାପରେ ଜେଇ ଭବାନୀ ପ୍ରସାଦ ମହାନ୍ତି, ଲାଇନମ୍ୟାନ ବିଜୟ ନାୟକ ଓ ଜଣେ ପ୍ରୋଜେକ୍ଟ ଇଞ୍ଜିନିୟରଙ୍କୁ ନିଲମ୍ବିତ କରିବାକୁ ଟିପିସିଓଡିଏଲ୍‌ର ଓଡିଶା ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣାରେ ଠିକାଦାର ଓ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ହେବ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଟିପିସିଓଡିଏଲ୍ ପକ୍ଷରୁ ଠିକା ସଂସ୍ଥା ଜରିଆରେ କୁର୍ତ୍ତାଙ୍ଗ କଲେଜ ନିକଟରେ ନୂତନ ଖୁଣ୍ଟ ବସାଯାଉଥିଲା। ତେବେ ଯେଉଁ ସ୍ଥାନରେ କାମ ଚାଲିଥିଲା ସେଠାରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରାଯାଇ ନ ଥିଲା। ଖୁଣ୍ଟ ଟେକିଲାବେଳେ ତାର ଲାଗିଯିବାରୁ ଦୀପୁନାଙ୍କ ସମେତ ଅନ୍ୟ ୩ ଜଣ ଗୁରୁତର ହୋଇଥିଲେ। ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀପୁନାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଆଫଗାନିସ୍ତାନ ଭବିଷ୍ୟତ ନଷ୍ଟ କରିଛି ପାକିସ୍ତାନ

କାବୁଲ, ୧୧।୯

ଆଫଗାନିସ୍ତାନର ଆଭ୍ୟନ୍ତରୀଣ ମାମଲାରେ ପାକିସ୍ତାନ ମୁଣ୍ଡ ପୂରାଇବା ସହ ପଞ୍ଜଶିର ଉପତ୍ୟକାରେ ବେଆଇନ ଭାବେ ଆକ୍ରମଣ କରିବାକୁ ନେଇ ବିଶ୍ୱବ୍ୟାପୀ ସମାଲୋଚନାର ଶିକାର ହୋଇଥିଲା। ଆଫଗାନିସ୍ତାନରେ ସରକାର ଗଠନରେ ମଧ୍ୟ ପାକିସ୍ତାନ ଦଖଲ ଦେଇ ଅନ୍ତର୍ଜାତୀୟ ସ୍ତରରେ ତାଲିବାନ୍‌ର ଛବିକୁ ଖରାପ କରିଛି। ଏପରି କି ପାକିସ୍ତାନ ଆଫଗାନିସ୍ତାନର ଭବିଷ୍ୟତ ନଷ୍ଟ କରିବା ସହ ଆଉ ଏକ ଯୁଦ୍ଧର ମୂଳଦୁଆ ପକାଇଛି ବୋଲି ଜଣେ ତାଲିବାନୀ କମାଣ୍ଡର କହିଛନ୍ତି। ଏହାର ଏକ ଅଡିଓ ଆଫଗାନିସ୍ତାନର ଖବରଦାତା ନାତିକ୍ ମାଲିକଜାଦା ଟୁଇଟ କରିବା ପରେ ସୋସିଆଲ ମିଡିଆରେ ତାହା ଭାଇରାଲ ହେବାରେ ଲାଗିଛି।

ତାଲିବାନୀ କମାଣ୍ଡର ଜଣକ କହିଛନ୍ତି, କ୍ୟାବିନେଟ୍ ପଦକୁ ନେଇ ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ମୁଖ୍ୟ ଫୈଜ ହମିଦ୍ ବଡ଼ ସମସ୍ୟା ସୃଷ୍ଟି କରିଛନ୍ତି। ଫୈଜ ତାଲିବାନ୍ ସରକାରରେ ହକ୍କାନି ନେଟ୍‌ୱର୍କ ଏବଂ କ୍ୱେଟା ଶୁରାର ଆତଙ୍କବାଦୀଙ୍କ ନାମ ପ୍ରସ୍ତାବ ଦେଇଥିଲେ। କେବଳ ହକ୍କାନି ଏବଂ କ୍ୱେଟା ଶୁରାର ସଦସ୍ୟଙ୍କୁ ନେଇ କ୍ୟାବିନେଟ ଗଠନ କରିବାକୁ ସେ ଚାପ ପକାଇଥିଲେ। ତାଜିକିସ୍ତାନ, ଉଜବେକିସ୍ତାନ ଏବଂ ସଂଖ୍ୟାଲଘୁ ହାଜାର ସମ୍ପ୍ରଦାୟର ଲୋକଙ୍କୁ ନୂତନ କ୍ୟାବିନେଟରେ ସାମିଲ କରାଇବାକୁ ତାଲିବାନ୍ ନିଷ୍ପତ୍ତି ନେଇଥିଲା। ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ପାଇବା ପାଇଁ କିଛି ପୁରୁଣା ରାଜନେତାଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରିବାକୁ ଯୋଜନା ହୋଇଥିଲା। କିନ୍ତୁ ପାକିସ୍ତାନ ଯୋଗୁ ତାଲିବାନ୍ ଏପରି କରିପାରି ନ ଥିଲା। ଏଥିସହ ଫୈଜଙ୍କ ଯୋଗୁ ରାଷ୍ଟ୍ରପତି ଭବନରେ ତାଙ୍କ ସୁରକ୍ଷାକର୍ମୀ ଓ ତାଲିବାନ୍ କମାଣ୍ଡରଙ୍କ ମଧ୍ୟରେ ଗୁଳି ବିନିମୟ ମଧ୍ୟ ହୋଇଥିଲା। ହକ୍କାନି ସହାୟତାରେ ଫୈଜ କାବୁଲରେ ବସି ପୂରା ଖେଳକୁ ବଦଳାଇ ଦେଇଥିଲେ। ଫଳରେ ଆଫଗାନିସ୍ତାନର ପୂର୍ବତନ ରାଷ୍ଟ୍ରପତି ହମିଦ୍ କାରଜାଇ, ହକ୍କାନି ନେଟୱର୍କର ପୂର୍ବତନ ସିଇଓ ଅବଦୁଲ୍ଲା ଅବଦୁଲ୍ଲା ଏବଂ ଅନାସ୍ ହକ୍କାନି ସରକାରରେ ସ୍ଥାନ ପାଇ ନ ଥିଲେ।

ସୂଚନାଯୋଗ୍ୟ, ତାଲିବାନ୍ ହକ୍କାନୀ ନେଟୱର୍କର ପ୍ରତିଷ୍ଠାତାଙ୍କ ପୁଅ ସିରାଜୁଦ୍ଦିନ ହକ୍କାନିଙ୍କୁ ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ କରାଯାଇଛି। ତାଙ୍କୁ ଆମେରିକା ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ତାଲିକାରେ ରଖିଛି। ଆମେରିକାରେ ୯/୧୧ ଆକ୍ରମଣରେ ଅଲ-କାଏଦା ସହ ସିରାଜୁଦ୍ଦିନ ମଧ୍ୟ ସମ୍ପୃକ୍ତ ଥିଲେ ବୋଲି ସଂଘୀୟ ତଦନ୍ତ ବ୍ୟୁରୋ କହିସାରିଛି। ସରକାରରେ ପାକିସ୍ତାନ ସମର୍ଥିତ

ତାଲିବାନ୍ କମାଣ୍ଡରଙ୍କ ଅଡିଓ ଭାଇରାଲ

କାବୁଲ ଗସ୍ତରେ ଯାଇଥିବାବେଳେ ପାକିସ୍ତାନ ଆଇଏସ୍‌ଆଇ ମୁଖ୍ୟ ଫୈଜ ହମିଦ୍ (ମଝି)।

- ତାଲିବାନ୍‌ର ଛବି ଖରାପ କରିଛନ୍ତି ପାକ୍ ଆଇଏସ୍‌ଆଇ ମୁଖ୍ୟ
- ସରକାରରେ ଆତଙ୍କବାଦୀଙ୍କ ନାଁ ପ୍ରସ୍ତାବ ଦେଇଥିଲେ

ଗୋପନୀୟ ଦସ୍ତାବିଜ ନେଇଯାଇଛି ପାକ୍

କାବୁଲ, ୧୧।୯: ଆଫଗାନିସ୍ତାନରେ ତାଲିବାନ୍ ସରକାରକୁ ଅଯାଚିତ ଉପଦେଶ ଦେବା ସହ ଦେଶର ଅର୍ଥନୀତିକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହୁଁଛି ପାକିସ୍ତାନ। ଆଫଗାନିସ୍ତାନ ପାଇଁ ନୂଆ ଅର୍ଥନୈତିକ ଯୋଜନା ଘୋଷଣା କରିବାର ଦିନକ ପରେ ଗୁରୁବାର ପାକିସ୍ତାନ ସେଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ଗୋପନୀୟ ଦସ୍ତାବିଜ ନେଇଯାଇଥିବା ଜଣାପଡ଼ିଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ, କାବୁଲକୁ ମାନବିକ ସହାୟତା ଉପକରଣ ନେଇ ଆସିଥିବା ୩ଟି ସି-୧୭୦ ବିମାନ ବ୍ୟାଗ୍ ଭର୍ତ୍ତି ଅନେକ ଦସ୍ତାବିଜ ନେଇ ଫେରିଯାଇଛି। ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଦ୍ୱାରା ଏପରି କାମ କରାଯାଇଥିବା ଜଣାଯାଇଛି। ଏଥିରେ ଏନ୍‌ଡିଏସ୍ ଡକ୍ୟୁମେଣ୍ଟ, ହାର୍ଡ ଡିସ୍କ ଏବଂ ଅନ୍ୟାନ୍ୟ ଡିଜିଟାଲ ରେକର୍ଡ ରହିଛି। ଫଳରେ ଆଫଗାନିସ୍ତାନର ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ଭବିଷ୍ୟତରେ ପାକିସ୍ତାନ ନିଜ ଇଚ୍ଛା ଅନୁସାରେ ଆଫଗାନିସ୍ତାନରେ ସ୍ୱାର୍ଥ ପୂରଣ ନିମନ୍ତେ କାମ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଗଣମାଧ୍ୟମକୁ ଡରାଇବାର ବିପଜ୍ଜନକ ଧାରା ବନ୍ଦ ହେଉ: ଇଜିଆଇ

ନୂଆଦିଲ୍ଲୀ, ୧୧।୯(ପି.ଟି.)

ଦୁଇଟି ନ୍ୟୁଜ୍ ୱେବ୍‌ସାଇଟ୍ କାର୍ଯ୍ୟାଳୟ ଉପରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯିବା ଘଟଣାକୁ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ (ଇଜିଆଇ) ଶନିବାର ସମାଲୋଚନା କରିଛି। ସ୍ୱାଧୀନ ଗଣମାଧ୍ୟମକୁ ସରକାରୀ ସଂସ୍ଥା ଡରାଇବା ଓ ଧମକାଇବା ଭଳି ବିପଜ୍ଜନକ ଧାରା ବନ୍ଦ ହେବା ଆବଶ୍ୟକ। ଏହା ସାମ୍ବିଧାନିକ ଗଣତନ୍ତ୍ରକୁ ଦୁର୍ବଳ କରିଥିବା ଇଜିଆଇ କହିଛି। ଶୁକ୍ରବାର ଆୟକର ବିଭାଗ ଅଧିକାରୀମାନଙ୍କ ଏକ ଟିମ୍ ନ୍ୟୁଜ୍‌କ୍ଲିକ୍ ଏବଂ ନ୍ୟୁଜ୍‌ଲଣ୍ଡ୍ରି ଅଫିସ୍‌ରେ ଚଢ଼ାଉ କରିବା ସହ ସାରା ଦିନ ତଦନ୍ତ କରିଥିଲେ। ଏହାକୁ ନେଇ ଗିଲ୍ଡ ଗଭୀର ଚିନ୍ତାବ୍ୟକ୍ତ କରିଛି। ସେମାନେ ଖବରଦାତାମାନେ ସଂଗ୍ରହ କରୁଥିବା ଖବରର ଉତ୍ସ, ପ୍ରକାଶ ପାଇବାକୁ ଥିବା ଖବର ଆଦି ତଥ୍ୟ ସଂଗ୍ରହ କରିବା ବାକ୍ ସ୍ୱାଧୀନତା ଓ ଗଣମାଧ୍ୟମ ସ୍ୱାଧୀନତାର ଉଲ୍ଲଂଘନ। ଏହା ସେମାନଙ୍କ ଅଧିକାର ଓ ପ୍ରେସ୍ ସ୍ୱାଧୀନତା ଉପରେ ଆକ୍ରମଣ ବୋଲି ନ୍ୟୁଜ୍‌ଲଣ୍ଡ୍ରିର ସହ ପ୍ରତିଷ୍ଠାତା ଅଭିନନ୍ଦନ ସେଖ୍ରୀ କହିଛନ୍ତି। ଆଇଟି ଟିମ୍ ସେଖ୍ରୀଙ୍କ ମୋବାଇଲ୍ ଫୋନ୍, ଲାପ୍‌ଟପ୍ ସହ ଅଫିସର କେତେକ ମେଶିନ୍ କ୍ଲୋନ୍ କରିଥିବା ଜଣାପଡ଼ିଛି।

ଆଫଗାନିସ୍ତାନରେ ହେଉ ଅନ୍ତର୍ଜାତୀୟ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୧୧।୯

ଭାରତ-ଅଷ୍ଟ୍ରେଲିଆର ମିଳିତ ଆହ୍ୱାନ

ଆଫଗାନିସ୍ତାନରେ ଆତଙ୍କବାଦ ନିରୋଧୀ କାର୍ଯ୍ୟାନୁଷ୍ଠାନ ସହ ଆପୋଷ ସୁରକ୍ଷା ବଢ଼ାଇବା ଏବଂ ଚାଇନାର ଆଞ୍ଚଳିକ ପ୍ରଭାବ ବିସ୍ତାରକୁ କମାଇବା ପାଇଁ ଶନିବାର ଭାରତ ଓ ଅଷ୍ଟ୍ରେଲିଆର ବରିଷ୍ଠ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ନୂଆଦିଲ୍ଲୀଠାରେ ଅଷ୍ଟ୍ରେଲିଆ ବହିର୍ବ୍ୟାପାର ମନ୍ତ୍ରୀ ମରିସ୍ ପେନେ ଭାରତୀୟ ପ୍ରତିପକ୍ଷ ଏସ୍. ଜୟଶଙ୍କରଙ୍କୁ ଭେଟିଥିଲେ। ଆଗାମୀ ଦିନର ଆଫଗାନିସ୍ତାନ ଉଭୟ ଭାରତ ଓ ପାକିସ୍ତାନ ପାଇଁ ମୁଖ୍ୟ ଚିନ୍ତାର ବିଷୟ ବୋଲି ପେନେ କହିଛନ୍ତି। ଆଫଗାନ୍ ମାଟିକୁ ପୁନର୍ବାର ଆତଙ୍କବାଦୀଙ୍କ ନିରାପଦ ଭୂସ୍ୱର୍ଗ ହେବାକୁ ଦିଆ ନ ଯାଉ ବୋଲି ଭାରତ ଓ ଅଷ୍ଟ୍ରେଲିଆ କହିଛନ୍ତି। ଚାଇନାର ପ୍ରଭାବ ହ୍ରାସ ଲାଗି ଭାରତ ସହ ମୁକ୍ତ ବାଣିଜ୍ୟ ଚୁକ୍ତି କରିବା ପାଇଁ ଅଷ୍ଟ୍ରେଲିଆ ଆଗ୍ରହ ପ୍ରକାଶ କରିଛି। ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଅଷ୍ଟ୍ରେଲିଆ ପ୍ରତିପକ୍ଷ ପିଟର ଡୁଟନ୍‌ଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସାମରିକ ସହଯୋଗ ବୃଦ୍ଧି ଉପରେ ଉଭୟ ନେତା ଗୁରୁତ୍ୱ ଦେଇଥିଲେ।



ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ଆଲୋଚନା ଅବସରରେ ଅଷ୍ଟ୍ରେଲିଆ ପ୍ରତିରକ୍ଷା ମନ୍ତ୍ରୀ ପିଟର ଡଟନ, ବହିର୍ବ୍ୟାପାର ମନ୍ତ୍ରୀ ମରିସ୍ ପେନେ, ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର।

ସମଲେଇଙ୍କୁ ନବାନ୍ନ ଲାଗି

ସମ୍ବଲପୁର,୧୧।୯(ବ୍ୟୁରୋ)

ନୂଆଁ ଖାଇବା ପରେ ମା'ଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁ

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଶନିବାର ରୀତିନୀତି ଓ ପରମ୍ପରା ଅନୁସାରେ ପାଳିତ ହୋଇଯାଇଛି। ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଶ୍ୱରୀ, ବଲାଙ୍ଗୀରର ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ,ଝାରସୁଗୁଡ଼ାର ସମ୍ବଲେଶ୍ୱରୀ, ବୌଦ୍ଧର ଭୈରବୀ, ବରଗଡର ସମଲେଇ, ନୂଆପଡାର ଟାନ୍‌ଖାଟ୍ କଣାଭଇରା ଓ ସମଲେଇ, ସୁନ୍ଦରଗଡ ଜିଲାର ସମଲେଇ, ଶିଖରବାସିନୀ ପୀଠରେ ରୀତିନୀତି ଅନୁଯାୟୀ ନବାନ୍ନ ଲାଗି ହୋଇଛି। ଇଷ୍ଟଦେବୀଙ୍କ ପାଖରେ ଧାର୍ଯ୍ୟ ସମୟ ଅନୁସାରେ ନବାନ୍ନ ଲାଗି ପରେ ଅନ୍ୟମାନେ ନୂଆଁ ଖାଇଥିଲେ।

ସମ୍ବଲପୁର ଇଷ୍ଟଦେବୀଙ୍କ ପୀଠରେ ଶନିବାର ପୂର୍ବାହ୍ନ ୯ଟା ୧୫ରୁ ୯ଟା ୨୫ ମିନିଟ ମଧ୍ୟେ ପ୍ରସସ୍ତ ତୁଳାଲଗ୍ନେ ନବାନ୍ନ ଲାଗିଥିଲା। ସାଢେ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ପାର୍ଶ୍ୱ ଦେବଦେବୀଙ୍କୁ ନବାନ୍ନ ଲାଗି ହୋଇଥିଲା। ପ୍ରାତଃ ୪ଟାରୁ ସମଲେଇ ଗୁଡିରେ ରୁଦ୍ଧଦ୍ୱାର ନୀତି ହୋଇଥିଲା। ଦେବୀଙ୍କୁ ସମ୍ବଲପୁରୀ ପାଟବସ୍ତ୍ର ପିନ୍ଧାଯାଇ ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାରରେ ସଜ୍ଜିତ କରାଯାଇଥିଲା। ସକାଳ ୯ଟାରେ ପୂଜକମାନେ ୧୧୫ଟି ସ୍ଥାନରେ ବନା (ଝୋଟି) ପକାଇଥିଲେ।

ସମଲେଇଙ୍କୁ ଆଳତି କରାଯାଉଛି।

କ୍ଷତ୍ରୀୟ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ଘରୁ ପୂର୍ବାହ୍ନ ୯ଟା ୪୫ରେ ନବାହ୍ନ ଭୋଗ ମନ୍ଦିର ଗମ୍ଭୀରାକୁ ଯାଇଥିଲା। ପରେ ଗଙ୍ଗାଧର ରାୟ, କୋଦଣ୍ଡ ରାୟ, ପ୍ରଶାନ୍ତ ରାୟଙ୍କ ଘରୁ କ୍ରମାନ୍ୱୟରେ ନୂଆଁଖାଇ ଭୋଗ ମନ୍ଦିରକୁ ଆସିଥିଲା। ପୂର୍ବାହ୍ନ ସାଢ଼େ ୮ଟାରେ ନୂଆ ଚାଉଳ, ପିଠା, କାକରା, ଉଖୁଡା, କ୍ଷୀରି, ସାରୁ ଶାଗ ପରମ୍ପରାନୁସାରେ ଝାଡୁଆପଡା ବେହେରା ପରିବାରଙ୍କ ଘରୁ ନୂଆଖାଇ ଭୋଗ ମନ୍ଦିରକୁ ଆସିଥିଲା। ପୂର୍ବାହ୍ନ ୧୦ଟାରେ ମୁଖ୍ୟ ପୂଜକଙ୍କ ସମେତ ଅନ୍ୟ ୭ଜଣ ପୂଜକ ମନ୍ଦିର ଗମ୍ଭିରାରେ ପ୍ରବେଶ କରିଥିଲେ। ଶଙ୍ଖ ଧ୍ୱନି ସହ କ୍ଷତ୍ରୀୟ ପୂଜକମାନେ ଭୁବନେଶ୍ୱରୀଙ୍କ ବିଜମନ୍ତ୍ର ଉଚ୍ଚାରଣ କରି ଇଷ୍ଟଦେବୀ ମାଁ ସମଲେଇଙ୍କୁ ନବାନ୍ନ ଭୋଗ ଅର୍ପଣ କରିଥିଲେ। ୯ଟା ୪୫ ମିନିଟ୍‌ରେ ପୂଜକମାନେ ମନ୍ଦିର ଗମ୍ଭିରା ଭିତରୁ ବାହାରିଥିଲେ। ୧୧୫ ପାର୍ଶ୍ୱ ଦେବଦେବୀଙ୍କୁ ନୂଆପତ୍ରରେ ଚାଉଳ, ଗାଈଘିଅ ଓ ଗୁଡରେ ପ୍ରସ୍ତୁତ ନବାନ୍ନ ଭୋଗ ଅର୍ପଣ କରିଥିଲେ। ପୂର୍ବାହ୍ନ ୧୧ଟାରେ ମଙ୍ଗଳ ଆଳତି ଓ ମଧ୍ୟାହ୍ନ ୧୨ଟାରେ ଦେବୀଙ୍କୁ ଅନ୍ନଭୋଗ ଓ ପହଡ ନୀତି, ରାତି ୮ଟାରେ ଆଳତି, ୯ଟାରେ ଅନ୍ନଭୋଗ ସହ ମନ୍ଦିର ଦ୍ୱାର ବନ୍ଦ କରାଯାଇଥିଲା। କରୋନା କଟକଣା ଯୋଗୁ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇ ନ ଥିଲା। ନୂଆଁ ଖାଇବା ପରେ ମଧ୍ୟାହ୍ନ ୧୨ଟା ୩୦ ମିନିଟରୁ ସନ୍ଧ୍ୟା ସାଢେ ୫ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ହୋଇଥିଲା। କୋଭିଡ୍ କଟକଣା ଓ ନିୟମ ପାଳନ କରି ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ନୂଆଁଖାଇ ଦିନରେ ମା'ଙ୍କୁ ଦର୍ଶନ କଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ପର୍ବ ନୁହେଁ ଆମ କଳା, ସଂସ୍କୃତିର ପରିଚୟ: ନବୀନ

ଭୁବନେଶ୍ୱର, ୧୧।୯(ବ୍ୟୁରୋ)

ନୂଆଁଖାଇ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଶନିବାର ଧୁମଧାମରେ ପାଳନ କରାଯାଇଛି। ନୂଆଖାଇ ପର୍ବ ପାଇଁ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭକରି ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ସହ ଦେଶର ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ପଶ୍ଚିମ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍‌କରି ଶୁଭେଚ୍ଛା ଜଣାଇବା ସହ ନୂଆଁଖାଇ ଜୁହାର କରିଛନ୍ତି। ସେ କହିଛନ୍ତି, ଏହି ପବିତ୍ର ପର୍ବ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭକାମନା। ନୂଆଁଖାଇ ଅବସରରେ ଆମେ ଆମ ଚାଷୀଭାଇମାନଙ୍କ ଉଲ୍ଲେଖନୀୟ ଉଦ୍ୟମ ଓ ରାଷ୍ଟ୍ର ନିର୍ମାଣରେ ଯୋଗଦାନକୁ ପ୍ରଶଂସା କରିବା। ସମସ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଟୁଇଟ୍‌କରି କହିଛନ୍ତି, ନୂଆଁଖାଇ ପର୍ବର ପବିତ୍ର ଅବସରରେ ଓଡ଼ିଶାର ସମସ୍ତ ଭଉଣୀଭାଇଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜରିଆରେ ଶୁଭେଚ୍ଛା ଜଣାଇ କହିଛନ୍ତି, ନୂଆଖାଇ ଜୁଆର। ଏହି ଅବସରରେ ସମସ୍ତଙ୍କୁ ହୃଦୟରୁ ଶୁଭେଚ୍ଛା ଓ ଅଭିନନ୍ଦନ। କୋଭିଡ୍ ନିୟମ ପାଳନ ଦିଗରେ ଗୁରୁତ୍ୱ ଦେବାକୁ ସେ କହିଛନ୍ତି। ଏହାସହ ସମଲେଇଙ୍କ ନିକଟରେ ସମସ୍ତଙ୍କ ସୁଖ ଓ ଶାନ୍ତି କାମନା କରିଛନ୍ତି। ମାଁ ସମଲେଶ୍ୱରୀ ସମସ୍ତଙ୍କୁ ଭଲରେ ରଖନ୍ତୁ। ନୂଆଖାଇ କେବଳ ପର୍ବ ନୁହେଁ ଏହା ଆମ ସମସ୍ତଙ୍କ କଳା, ସଂସ୍କୃତି, ପରମ୍ପରା ଓ ଭାଇ

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବିଜୁ ଯୁବ ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର, ଭୁବନେଶ୍ୱରସ୍ଥିତ ବିଜେଡି କାର୍ଯ୍ୟାଳୟ, ସକାଳ ୯ଟା।
- ସାହିତ୍ୟ ପତ୍ରିକା 'ବୋଉ'ର ଲୋକାର୍ପଣ ଉତ୍ସବ, ଜନକଲ୍ୟାଣ ଭବନ, ଶହୀଦ ରଘୁଦିବାକର ପ୍ରତିମୂର୍ତ୍ତି ପାଖ, ୟୁନିଟ-୯, ପୂର୍ବାହ୍ନ ୧୧ଟା।
- ଶତାବ୍ଦୀର କଳାକାର ପକ୍ଷରୁ ଯାତ୍ରା ପ୍ରଦର୍ଶନ, ବିଜୁ ନାଟ୍ୟ କେନ୍ଦ୍ର, ଭିଆଇପି ଏରିଆ, ନୟାପଲ୍ଲୀ, ସନ୍ଧ୍ୟା ୬ଟା ୩୦।

ସଂକ୍ଷେପରେ

'ମ୍ୟାଡ୍ ମୁଲ' ବାର୍ ସିଲ୍

ଭୁବନେଶ୍ୱର,୧୧।୯(ବ୍ୟୁରୋ): ଭୁବନେଶ୍ୱର ଜନପଥରେ ଥିବା 'ମ୍ୟାଡ୍ ମୁଲ' ବାର୍‌କୁ ଶନିବାର କମିଶନରେଟ ପୋଲିସ ଓ ବିଏମ୍‌ସି ପକ୍ଷରୁ ସିଲ୍ କରାଯାଇଛି। ରାତି ୧୦ଟା ପରେ ବାର୍ ଖୋଲି କୋଭିଡ୍ କଟକଣା ଉଲ୍ଲଂଘନ କରାଯାଇ ବ୍ୟବସାୟ ଚାଲିଥିବାରୁ ଏଭଳି କାର୍ଯ୍ୟନୁଷ୍ଠାନ ନିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଉକ୍ତ ବାର୍ ବନ୍ଦ ରହିବ ବୋଲି ବିଏମ୍‌ସି କହିଛି । ସୂଚନା ଅନୁଯାୟୀ, ଖାରବେଳନଗର ଥାନାଞ୍ଚଳରେ 'ମ୍ୟାଡ୍ ମୁଲ' ବାର୍ ରହିଛି। ରାତି ୧୦ଟା ପୂର୍ବରୁ ସବୁ ଦୋକାନ ବଜାର ବନ୍ଦ କରିବାକୁ ନିର୍ଦ୍ଦେଶ ରହିଛି। ହେଲେ ଶନିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ବାର୍‌ରେ ଗ୍ରାହକଙ୍କ ଗହଳି ଦେଖିବାକୁ ମିଳିଥିଲା। ବହୁ ଯୁବତୀ ଓ ଯୁବକ ମଦ୍ୟପାନ ସହ ମଉଜ ମଜଲିସ କରୁଥିବା ନଜରକୁ ଆସିଥିଲା। ଏ ସମ୍ପର୍କରେ ଖବର ମିଳିବା ପରେ ପୋଲିସ୍ ଓ ବିଏମ୍‌ସିର ମିଳିତ ଟିମ୍ ସେଠାରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି କେତେଜଣ ଗ୍ରାହକ ଓ କର୍ମଚାରୀ ଲୁଚି ପଳାଇଥିବାବେଳେ ଆଉ କେତେଜଣ ନିଶାସକ୍ତ ଅବସ୍ଥାରେ ସେମିତି ଖାଉଥିଲେ। ଏହାପରେ ପୋଲିସ ପକ୍ଷରୁ ବାର୍ ମାଲିକଙ୍କୁ ତାଗିଦ କରାଯାଇଥିଲା। ଏଥିସହ ବିଏମ୍‌ସି ଉକ୍ତ ବାର୍‌କୁ ସିଲ୍ କରିଥିଲା।

ପିଇଓଙ୍କୁ ମାଡ଼ ମାରି ଜିଆର୍‌ଏସ୍ ଗିରଫ

ବାରଙ୍ଗ,୧୧।୯(ଡି.ଏନ୍.ଏ.); ଜଣେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ ମାଡ଼ ମାରିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣେ ଜିଆର୍‌ଏସ୍‌ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଟାଙ୍ଗୀବନ୍ତ ଅଞ୍ଚଳର ସୁନାକର ଜେନା। ଏ ନେଇ ପୋଲିସ ଏକ ମାମଲା(ନଂ.୯୨/୨୧) ରୁଜୁ କରିଛି। ପୋଲିସ ସୂଚନା ମୁତାବକ, ଭୁବନେଶ୍ୱର ବ୍ଲକ ଦାଦା ପଞ୍ଚାୟତର ପିଇଓ ଯୋଗେନ୍ଦ୍ର ବେହେରାଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ମିଥ୍ୟା ବିଲ୍ କରିବାକୁ ପଞ୍ଚାୟତ ଜିଆର୍‌ଏସ୍ ସୁନାକର ବାରମ୍ବାର ବାଧ କରିଥିଲେ। ଏଥିରେ ପିଇଓ ବେହେରା ରାଜି ନ ହେବାରୁ ଜିଆର୍‌ଏସ୍ ଜେନା ରାଗିଯାଇଥିଲେ। ଗତ ୪ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟରେ ଜିଆର୍‌ଏସ୍ କେତେଜଣ ଲୋକଙ୍କୁ ଏକାଠି କରି ପିଇଓ ବେହେରାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମିଥ୍ୟା ବିଲ୍ କରିବାକୁ ଧମକ ଦେଇଥିଲେ। ତଥାପି ପିଇଓ ରାଜି ନ ହେବାରୁ ଜିଆର୍‌ଏସ୍ ଜେନା ତାଙ୍କୁ ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ହତ୍ୟା ଧମକ ଦେଇଥିଲେ। ପରେ ଏ ନେଇ ପିଇଓ ବେହେରା ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ହୋଇଥିବା ଜାଣି ଜିଆର୍‌ଏସ୍ ଫେରାର ହୋଇଯାଇଥିଲେ। ତେବେ ଶନିବାର ସକାଳୁ ଜିଆର୍‌ଏସ୍ ଜେନା ନିଜ ଘରେ ଥିବା ବିଶେଷ ସୂତ୍ରରୁ ପୋଲିସ ଜାଣିବା ପରେ ଚଢ଼ାଉ କରି ଗିରଫ କରିଥିଲେ।

ସାଇଣ୍ଟିଫିକ୍ ଟିମ୍‌ର ଘଟଣାସ୍ଥଳ ଅନୁଧ୍ୟାନ

ପୁତ୍ର ହତ୍ୟାକାରୀଙ୍କୁ ଜଙ୍ଗଲରେ ଖୋଜୁଛି ପୋଲିସ

ବାରଙ୍ଗ,୧୧।୯(ଡି.ଏନ୍.ଏ.): ବାରଙ୍ଗ ଥାନା ଅନ୍ତର୍ଗତ ବେଣ୍ଟୁଆ(କଲ୍ୟାଣନଗର) ଗ୍ରାମରେ ଶୁକ୍ରବାର ରାତିରେ ଘଟିଥିବା ହତ୍ୟାକାଣ୍ଡର ଅଭିଯୁକ୍ତ ବାପା ଯଦୁମଣି ମୁଣ୍ଡା ଏବେ ବି ଫେରାର ରହିଛି। ଅନ୍ୟପଟେ ଶନିବାର ସକାଳେ ସାଇଣ୍ଟିଫିକ ଟିମ୍ ଉକ୍ତ ଗ୍ରାମରେ ପହଞ୍ଚି ଘଟଣାସ୍ଥଳରେ ଅନୁଧ୍ୟାନ କରି ଫେରିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲେ ମଧ୍ୟ ହତ୍ୟାକାରୀ ବାପାର ସୁରାକ ଅଦ୍ୟାବଧି ପାଇପାରି ନାହିଁ। ଯଦୁମଣିଙ୍କୁ ଧରିବା ପାଇଁ ପୋଲିସ ଜଙ୍ଗଲରେ ଖୋଜାଖୋଜି କରୁଛି। ଶୁକ୍ରବାର ଟଙ୍କାକୁ ନେଇ ଯଦୁମଣି ପୁଅ ଶିବଶଙ୍କରଙ୍କୁ ଗୁଳିକରି ହତ୍ୟା କରିଥିଲେ।

ଫେକ୍ ଆଇଡି, ଫେକ୍ ପ୍ରେମ, ପ୍ରିୟଙ୍କା

ଭୁବନେଶ୍ୱର, ୧୧।୯(ବ୍ୟୁରୋ)

ଠକେଇ ପାଇଁ ଫେସବୁକ୍‌ରେ ଫେକ୍ ଆକାଉଣ୍ଟ ଖୋଲିଥିଲେ। ସୁନ୍ଦରୀ ଯୁବତୀଙ୍କ ଫଟୋ ଛାଡ଼ି ଫେକ୍ ପ୍ରେମ ଜାଲରେ ଫସାଉଥିଲେ। କେତେବେଳେ ନିଜକୁ ଡାକ୍ତର ତ ଆଉ କେତେବେଳେ ବ୍ୟାଙ୍କ ମ୍ୟାନେଜର କହି ଯୁବକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଲୁଟୁଥିଲେ । ଠକେଇ ଟଙ୍କାରେ ଓୟୋ ହୋଟେଲର ରୁମ୍ ଭଡ଼ା ନେଇ ର୍ୟାକେଟ ଚଳାଇଥିଲେ। ଅୟସ ଜୀବନ ବିତାଇବା ସହ ଏକାଧିକ ଯୁବତୀଙ୍କୁ ଏଥିରେ ସାମିଲ କରିଥିଲେ। ଶହୀଦନଗର ଥାନାରେ ଅଭିଯୋଗ ସଂଖ୍ୟା ବଢିବା ପରେ ଶେଷରେ ପୋଲିସ ମାଷ୍ଟରମାଇଣ୍ଡ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଲୁଗାଁ ନାଚୁଣିର ପ୍ରିୟଙ୍କା ପ୍ରିୟଦର୍ଶିନୀ ପରିଡ଼ା। ତାଙ୍କ ନିକଟରୁ ୧ ଲକ୍ଷ ୩୩ ହଜାର ଟଙ୍କା, ୩ ବ୍ୟାଙ୍କ ପାସବୁକ୍, ୩ ଏଟିଏମ, ୨ ମୋବାଇଲ ଫୋନ୍ ଜବତ କରିଛି। ପଚରାଉଚରା ପରେ ଶୁକ୍ରବାର ପୋଲିସ କୋର୍ଟ ଚାଲାଣ କରିଥିଲା। ଜାମିନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ତାଙ୍କୁ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରାଯିବ ବୋଲି ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି। ଏଥିସହ ମହିଳାଙ୍କ ନିକଟରୁ ଜବତ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ପୋଲିସ ଯାଞ୍ଚ କରୁଛି। ଅନ୍ୟ ଆକାଉଣ୍ଟରୁ ତାଙ୍କ ପାଖକୁ ବିପୁଳ ଟଙ୍କା ଆସିଥିବା ଜଣାପଡିଛି। ଯେଉଁଗୁଡିକ ପୋଲିସ ସନ୍ଦେହକୁ ଯାଉଛି ଉକ୍ତ ଆକାଉଣ୍ଟ ନମ୍ବରକୁ ପୋଲିସ ଯୋଗାଯୋଗ କରୁଛି। ସୂଚନା ମୁତାବକ, ୟୁନିଟ୍-୧ ଅଞ୍ଚଳର ଶକ୍ତି ସ୍ୱରୂପ ମହାପାତ୍ର ଗତ ଜୁନ୍ ୭ରେ ପ୍ରିୟଙ୍କାଙ୍କ ନାମରେ ଶହୀଦନଗର ଥାନାରେ ଠକେଇ ଅଭିଯୋଗ କରିଥିଲେ। ପ୍ରିୟଙ୍କା ଏକ ଫେକ୍ ଫେସବୁକ୍ ଆକାଉଣ୍ଟ ଖୋଲି ତାଙ୍କୁ ଏକ ଘରୋଇ ମେଡ଼ିକାଲ କଲେଜରେ ନାମ ଲେଖାଇବାକୁ କହି ୬ ଲକ୍ଷ ୬୫ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗ କରିଥିଲେ। ଏହାର ଗୋଟିଏ ସପ୍ତାହ ଭିତରେ ପୁଣି ୨ଟି ଠକେଇ ଅଭିଯୋଗ ହୋଇଥିଲା। ପ୍ରିୟଙ୍କା ୨ଜଣ ଛାତ୍ରଙ୍କୁ ପ୍ରେମ ଜାଲରେ ଫସାଇ ଠକେଇ କରିଥିଲେ। ପ୍ରାୟ ୧୩ ଲକ୍ଷ ଟଙ୍କା ଠକେଇ ଅଭିଯୋଗ ପରେ ପ୍ରିୟଙ୍କାକୁ ଧରିବାକୁ ଥାନାଧିକାରୀ ଜାଲ ବିଛାଇଥିଲେ। ଥାନାର ଜଣେ ଏସ୍‌ଆଇ ନିଜ ପରିଚୟ ଲୁଚାଇ ପ୍ରିୟଙ୍କାଙ୍କ ଫେକ୍ ଫେସବୁକ୍ ଆକାଉଣ୍ଟରେ ଏକ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଇଥିଲେ। ତାହାକୁ ଗ୍ରହଣ କରିବା ପରେ ପ୍ରିୟଙ୍କା ଚିରାଚରିତ ଶୈଳୀରେ ତାଙ୍କୁ ଫସେଇବାକୁ ଚେଷ୍ଟା କରିଥିଲେ। ପରେ ପ୍ରିୟଙ୍କାକୁ ପୋଲିସ ନିଜ ଜାଲରେ ଫସାଇ ଶୁକ୍ରବାର ଗିରଫ କରିଥିଲା।

ପୋଲିସ ଜବତ କରିଥିବା ଜାଲ୍ ଫେସ୍‌ବୁକ ଆଇଡି ଓ ଗିରଫ ଅଭିଯୁକ୍ତ ପ୍ରିୟଙ୍କା।

ବୋକା ବଜାଇ ଲକ୍ଷ ଲକ୍ଷ ଟଙ୍କା ଠକେଇ

- ଫେସ୍‌ବୁକ୍‌ରେ ଖୋଲିଥିଲେ ୧୫୦ରୁ ଊର୍ଦ୍ଧ୍ୱ ଫେକ୍ ଆଇଡି
- ସୁନ୍ଦରୀ ଯୁବତୀଙ୍କ ଫଟୋ ଲଗାଇ ଧନୀ ଯୁବକଙ୍କୁ ଲୁଟୁଥିଲେ
- ଠକେଇ ପାଇଁ ଓୟୋ ରୁମ୍‌କୁ ଭଡ଼ା ନେଇଥିଲେ
- ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ, ରିମାଣ୍ଡରେ ଆସିବେ

ଭୁବନେଶ୍ୱରରେ ଚାକିରି କରୁଥିବା ଘରେ କହୁଥିଲେ

ପ୍ରିୟଙ୍କା ୬ବର୍ଷ ତଳୁ ଘର ଛାଡ଼ି ଭୁବନେଶ୍ୱରକୁ ଚାଲି ଆସିଥିଲେ। ଏଠାରେ ଏକ ଘରୋଇ ସଂସ୍ଥାରେ ମୋଟା ଅଙ୍କର ଦରମା ପାଉଛନ୍ତି ବୋଲି ପରିବାର ଲୋକଙ୍କୁ କହୁଥିଲେ। ପୂର୍ବରୁ ସେ ଭଡ଼ା ଘରେ ରହୁଥିଲେ। ଗତ ୨ ବର୍ଷ ଧରି ରାଜଧାନୀର ଏକ 'ଓୟୋ' ହୋଟେଲରେ ରହି ର୍ୟାକେଟ ଚଳାଉଥିଲେ। ତାଙ୍କ ମୋବାଇଲ୍ ଫୋନ୍ ଯାଞ୍ଚରୁ ପୋଲିସ ଜାଣିବାକୁ ପାଇଛି, ସେ ପାଖାପାଖି ୧୫୦ରୁ ଅଧିକ ନକଲି ଫେସ୍‌ବୁକ୍ ଆକାଉଣ୍ଟ ଖୋଲିଛନ୍ତି। ଏଥିରେ ପ୍ରାୟ ହଜାରେରୁ ଊର୍ଦ୍ଧ୍ୱ ଯୁବକ, ବିବାହିତ ବ୍ୟକ୍ତିଙ୍କ ସହ ଫେକ୍ ଚାଟିଂ କରି ଷ୍ଟୋରି ଠକେଇ କରିଛନ୍ତି।

ସତର୍କ କଲେ ଡିସିପି

ଉକ୍ତ ମହିଳାଙ୍କ ଦ୍ୱାରା ଠକେଇର ଶିକାର ବ୍ୟକ୍ତିମାନେ ଥାନାରେ ଅଭିଯୋଗ କରିବା ସହ ସତର୍କ ରହିବାକୁ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଯଦି କେହି ଅଜଣା ଆଇଡିରୁ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାନ୍ତି, ଆପଣମାନେ ପ୍ରଥମେ ତା'ର ସମ୍ପୂର୍ଣ୍ଣ ତଥ୍ୟ ଜାଣିବା ପରେ ବନ୍ଧୁତା କରନ୍ତୁ । ଯଦି ସନ୍ଦେହ ଲାଗେ ତା'ହେଲେ ସେହି ଆଇଡିକୁ ବ୍ଲକ୍ କରିଦିଅନ୍ତୁ। ଏହାଦ୍ୱାରା ଆପଣମାନେ ଠକଙ୍କ ଶିକାରରୁ ରକ୍ଷା ପାଇପାରିବେ ବୋଲି ଡିସିପି କହିଛନ୍ତି।

ବିଶିଷ୍ଟ ସାହିତ୍ୟିକ ଓ ଔପନ୍ୟାସିକ ଡ. ବିଭୂତି ପଟ୍ଟନାୟକଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଉଛି।

ଡ. ବିଭୂତି ପଟ୍ଟନାୟକଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ମାନ'

ଭୁବନେଶ୍ୱର, ୧୧।୯(ବ୍ୟୁରୋ)

ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ପକ୍ଷରୁ ଶନିବାର ଲେଖକ, କବି, ସାହିତ୍ୟିକ, କଳାକାରଙ୍କୁ ନେଇ ଏକ ବନ୍ଧୁମିଳନ ତଥା ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ଓ ଔପନ୍ୟାସିକ ଡ. ବିଭୂତି ପଟ୍ଟନାୟକଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଛି। ପୁରସ୍କାର ବାବଦରେ ୧ ଲକ୍ଷ ଟଙ୍କା, ଉତ୍ତରୀୟ ଓ ଉପଢ଼ୌକନ ପ୍ରଦାନ କରାଯାଇଛି। ସେହିପରି ବିଶିଷ୍ଟ କଥାକାର ଭୀମ ପୃଷ୍ଟିଙ୍କୁ ପ୍ରଥମ 'ବିଭୂତି ପଟ୍ଟନାୟକ ଉପନ୍ୟାସ ସମ୍ମାନ' ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ୨୫ହଜାର ଟଙ୍କା ସହ ଉପଢ଼ୌକନ ଦିଆଯାଇଛି। ରୋଜାଲିନ ମହାନ୍ତି, ସଞ୍ଜୟ ପଣ୍ଡା ଓ ମାଧବାନନ୍ଦ ପାତ୍ରଙ୍କୁ 'କାଦମ୍ବିନୀ ନବଉନ୍ମେଷ ଗଳ୍ପ ସମ୍ମାନ', ଶିବ ସୁନ୍ଦର ରାଉତ, ଆଶିଷ ମିଶ୍ର, ସୁଭଦ୍ରା ପ୍ରିୟଦର୍ଶିନୀ ନାୟକଙ୍କୁ 'କାଦମ୍ବିନୀ ନବଉନ୍ମେଷ କବିତା ସମ୍ମାନ', ବିଶିଷ୍ଟ ଚିକିତ୍ସକ ଡା. ହରିଶ ଚୌଧୁରୀଙ୍କୁ 'କାଦମ୍ବିନୀ ସେବା ସମ୍ବର୍ଦ୍ଧନା' ପ୍ରଦାନ କରାଯିବା ସହ ପ୍ରାଚୀ ମହାପାତ୍ରଙ୍କୁ 'କାଦମ୍ବିନୀ ପ୍ରଚ୍ଛଦଶିଳ୍ପୀ ସମ୍ମାନ', ସଦାନନ୍ଦ ତ୍ରିପାଠୀଙ୍କୁ 'କାଦମ୍ବିନୀ ନବଉନ୍ମେଷ ଗଳ୍ପ ବିଚାରକ' ଓ ଡ. ଜୟନ୍ତୀ ରଥଙ୍କୁ 'କାଦମ୍ବିନୀ ନବଉନ୍ମେଷ କବିତା ବିଚାରକ' ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କାଦମ୍ବିନୀ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଶିଷ୍ଟ କଥାକାର ଶାନ୍ତନୁ କୁମାର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ସାହିତ୍ୟିକା ନିରୁପମା ଆଚାର୍ଯ୍ୟ, ଡ. ସଂଘମିତ୍ରା ମିଶ୍ର, ସାହିତ୍ୟିକ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କାଦମ୍ବିନୀ ଓ କୁନିକଥାର ସେପ୍ଟେମ୍ବର ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଡ. ଇତି ସାମନ୍ତଙ୍କ ସମ୍ପାଦିତ କ୍ଷୁଦ୍ରଗଳ୍ପ ସଂକଳନ 'କାଳଜୟୀ କଥା' ଓ 'କାଦମ୍ବିନୀ ପରିକ୍ରମା'କୁ ଉନ୍ମୋଚନ କରାଯାଇଥିଲା।

ଛାତ୍ରୀଙ୍କ ବଳାତ୍କାର ଭିଡିଓ ଭାଇରାଲ: ଅଭିଯୁକ୍ତ ଗିରଫ

ମାହାଙ୍ଗା, ୧୧।୯(ସ୍ୱ.ପ୍ର.)

ମାହାଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ କରି ଭିଡିଓ କରାଯାଇଛି। ଏହାକୁ ଦେଖାଇ ସମ୍ପୃକ୍ତ ନାବାଳିକାଙ୍କୁ ବ୍ଲାକ୍‌ମେଲ୍ କରି ଶାରୀରିକ ସମ୍ପର୍କ ରଖିବା ପରେ ଉକ୍ତ ଭିଡିଓକୁ ଭାଇରାଲ କରିଦିଆଯାଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ମାମଲା (ନଂ.୨୦୦/୨୧) ରୁଜୁ ହୋଇଛି। ଏନେଇ ପୋଲିସ ଉକ୍ତ ଅଞ୍ଚଳର ରାକେଶ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟତମ ଅଭିଯୁକ୍ତ ଗଣେଶ୍ୱର ସେଠୀ ଫେରାର ହୋଇଯାଇଛନ୍ତି। ରାକେଶ ସମ୍ପୃକ୍ତ ନାବାଳିକାଙ୍କୁ ଏକ ଘରକୁ ଡାକିନେଇ ବଳାତ୍କାର ଉଦ୍ୟମ କରିଥିଲେ। ଗଣେଶ୍ୱର ମୋବାଇଲ ଜରିଆରେ ଏହାର ଭିଡିଓ ଉତ୍ତୋଳନ କରିଥିଲେ। ଏହାପରେ ଅଭିଯୁକ୍ତମାନେ ନାବାଳିକାଙ୍କୁ ବ୍ଲାକମେଲ୍ କରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ଏହି ଭିଡିଓକୁ ଭାଇରାଲ କରି ଦେଇଥିଲେ। ଏବିଷୟରେ ପୀଡ଼ିତା ବାପାଙ୍କୁ ଜଣାଇଥିଲେ। ତାଙ୍କ ବାପା ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ କହିଥିଲେ। ଏହାପରେ ଶିଶୁ ସୁରକ୍ଷା ଜିଲା ସଂଯୋଜକ ନାରାୟଣ ଶୁକ୍ଳାଙ୍କ ନେତୃତ୍ୱରେ ଏକ ଟିମ୍ ମାହାଙ୍ଗା ପୋଲିସ ସହାୟତାରେ ଗ୍ରାମରେ ପହଞ୍ଚି ପୀଡ଼ିତାଙ୍କୁ ଉଦ୍ଧାର କରିଛି।

ଉଦ୍ଭାବକ, ଗବେଷକ ସୃଷ୍ଟିରେ ସହାୟକ ହେବ 'ସାଇ-ଟେଡ୍'

ଭୁବନେଶ୍ୱର, ୧୧।୯(ବ୍ୟୁରୋ)



ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ବାର୍ଷିକ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମେଳା 'ସାଇ-ଟେଡ୍'ର ପଞ୍ଚମ ସଂସ୍କରଣ ଶନିବାର ଅନଲାଇନ୍‌ରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କୁ ପରିବର୍ତ୍ତିତ ସମୟର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସହିତ ପରିଚିତ କରାଇବାରେ ଏହା ଏକ ସଫଳ ପ୍ରୟାସ। ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ ଉପରେ ରୁଚି ରଖୁଥିବା ଛାତ୍ରୀଛାତ୍ରଙ୍କୁ ଏହା ଭବିଷ୍ୟତର ନୂତନ ଉଦ୍ଭାବକ, ଗବେଷକ, କନ୍‌ସଲ୍‌ଟାଣ୍ଟ ଏବଂ ଡିଜାଇନର୍ ହେବାକୁ ପ୍ରେରଣା ଯୋଗାଇବ ବୋଲି ଅତିଥିମାନେ କହିଛନ୍ତି। ଏଥିରେ ଦେଶର ୩ଶହ ସରକାରୀ ଓ ବେସରକାରୀ ସ୍କୁଲରୁ ୭୫୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୧୨୦ରୁ ଅଧିକ ପ୍ରୋଜେକ୍ଟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। କାର୍ନେଗୀ ମେଲୋନ୍ ୟୁନିଭର୍ସିଟି ଆମେରିକାର ପ୍ରଫେସର ମାଇକେଲ୍ ଡି. ସ୍ମିଥ୍, କୁଇନ୍‌ସ୍ ସ୍କୁଲ୍ ଅଫ୍ ମେଡିସିନ ଅଫିସ୍ ଅଫ୍ ଗ୍ଲୋବାଲ୍ ହେଲ୍‌ଥ କାନାଡ଼ାର ସହ ପ୍ରତିଷ୍ଠାତା ତଥା ସହ ନିର୍ଦ୍ଦେଶକ ଡ. କରେନ୍ ୟଟସ୍, ୟୁନିଭର୍ସିଟି ଅଫ୍ କାଲିଫର୍ନିଆ ଆମେରିକାର ଭାଇସ୍ ଚାନ୍ସେଲର ଡ. ପ୍ରଶାନ୍ତ ମହାପାତ୍ର, ସାର୍ ଏଚ୍.ଏନ୍. ରିଲାଏନ୍ସ ଫାଉଣ୍ଡେଶନ ହସ୍ପିଟାଲର ଡାଇରେକ୍ଟର ଆଣ୍ଡ୍ ୱାର୍ଲ୍ଡ ବେରିଆଟ୍ରିକ୍ ସର୍ଜନ୍ ଡ. ମୁଫାଜଲ୍ ଲକଡ଼ୱାଲା, ମେଡ଼ିକା ସୁପର ସ୍ପେଶାଲିଷ୍ଟ ହସ୍ପିଟାଲର ସିନିୟର ଭାଇସ୍ ଚେୟାରମ୍ୟାନ୍, ନିର୍ଦ୍ଦେଶକ ଏବଂ କାର୍ଡିଆକ୍ ସର୍ଜରି ବିଭାଗ ମୁଖ୍ୟ ଡ. କୁନାଲ୍ ସରକାର ଓ ସ୍କୁଲ୍‌ର ସିନିୟର ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ। ସାଇ ଇଣ୍ଟରନ୍ୟାଶନାଲ ଗ୍ରୁପ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ 'ସାଇ ଟେଡ୍'ରେ ବିଭିନ୍ନ ୱାର୍କଶପ୍ ଯଥା ଟେଡ୍ ଟକ୍, ଟେଡ୍ କ୍ୟୁ, ଟେକ୍ ଫେୟାର, ଏରୋମଡେଲିଂ, ରୋବୋଟିକ୍ସ କୋଡ଼ିଂ, ଫରେନ୍ସିକ୍ ସାଇନ୍ସ, ମୁନ୍ ୱାକିଙ୍ଗ୍ ଏବଂ ବିଭିନ୍ନ ପ୍ରକାରର ଖେଳ ଆୟୋଜିତ ହୋଇଥିଲା। କମେଡିଆନ କୁମାର ବରୁନ୍ ଷ୍ଟେଜ୍ ଶୋ'ରେ ମନୋରଞ୍ଜନ କରିଥିଲେ।

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ବାପି

@ ଲିପି

@ ନାରାୟଣ

@ ଅନୁରାଧା

@ ପ୍ରଶାନ୍ତ

@ ପ

ସଂକ୍ଷେପରେ

୧୫ରୁ ମହାନଦୀରେ ନୌକାୟନ

କଟକ ଅଫିସ, ୧୧।୯: ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟ ପକ୍ଷରୁ ଆସନ୍ତା ୧୫ରୁ ୨୭ ତାରିଖ ପର୍ଯ୍ୟନ୍ତ ମହାନଦୀର ସାତକୋଶିଆ ଘାଟଠାରୁ ପାରାଦୀପ ପର୍ଯ୍ୟନ୍ତ ୨୫୩ କିମି ବ୍ୟାପୀ ନୌକାୟନ କରାଯିବ। ଏଥିରେ କଟକ ଗ୍ରୁପର ୩(ଓଡ଼ିଶା) ନାଭାଲ ଏନ୍‌ସିସି ୟୁନିଟ୍‌ର ୬୦ କ୍ୟାଡେଟ ସାମିଲ ହେବେ। ଏଥିରେ ସେଫ୍ଟି ବୋଟ୍ ସମେତ ୩ଟି ଡିକେ ହ୍ୱାଲର ସାମିଲ ହେବେ। କ୍ୟାଡେଟମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଅନୁଶାସନ, ସାହସ ବୃଦ୍ଧି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅଭିଯାନ ସମୟରେ କ୍ୟାଡେଟମାନେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି, ଫିଟ୍ ଇଣ୍ଡିଆ ରନ୍, ବେଟି ବଚାଓ ବେଟି ପଢାଓ, ସ୍ୱଚ୍ଛ ଭାରତ, ଟିବି, ଏଚ୍‌ଆଇଭି ସଚେତନତା ବାର୍ତ୍ତା ଦେବେ। ଏଥିସହ ରହଣି ସ୍ଥଳର ଦୁଇଟି ସ୍ଥାନରେ ଚାରାରୋପଣ କରାଯିବ ବୋଲି କଟକସ୍ଥିତ ଏନ୍‌ସିସି ଗ୍ରୁପ ହେଡ୍‌କ୍ୱାର୍ଟର ପକ୍ଷରୁ ଶନିବାର ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦିଆଯାଇଛି।

ଚନ୍ଦ୍ରଶେଖର ହାଇସ୍କୁଲର ଭିତ୍ତିଭୂମି ଅନୁଧ୍ୟାନ କଲା ଉଚ୍ଚସ୍ତରୀୟ କମିଟି

କଟକ ସଦର,୧୧।୯(ଡି.ଏନ.ଏ.): କିଶନନଗର ଥାନା ଇଶାଣୀ-ବ୍ରହ୍ମପୁର ପଞ୍ଚାୟତର ଚନ୍ଦ୍ରଶେଖର ହାଇସ୍କୁଲକୁ ମୋ ସ୍କୁଲ ଅଭିଯାନରେ ସାମିଲ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କ ସମେତ ଏକ ଉଚ୍ଚସ୍ତରୀୟ କମିଟି ଶନିବାର ଉକ୍ତ ହାଇସ୍କୁଲ ପରିଦର୍ଶନରେ ଆସି ଭିତ୍ତିଭୂମିର ଅନୁଧ୍ୟାନ କରିବା ସହ ଶ୍ରେଣୀଗୃହ ଓ ବଗିଚା ବୁଲି ଦେଖିଥିଲେ। ଏହି କମିଟିରେ କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କର, ନିଶ୍ଚିନ୍ତକୋଇଲି ବିଡିଓ କର୍ଣ୍ଣଦେବ ସମାଦାର, ବ୍ଲକ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ସହକାରୀ ନିର୍ବାହାଯନ୍ତ୍ରୀ ଅଶୋକ କୁମାର ନାୟକ, ପ୍ରଧାନ ଶିକ୍ଷକ ଅଶୋକ କୁମାର ସ୍ୱାଇଁ ଓ ସରପଞ୍ଚ ଚାରୁଲତା ସେଠୀ ପ୍ରମୁଖ ସାମିଲ ହୋଇଥିଲେ। ଇ-ଶିକ୍ଷା ସହ ସ୍ମାର୍ଟ କ୍ଲାସ୍‌ରୁମ୍ ନିର୍ମାଣ କାମ ଶୀଘ୍ର ଆରମ୍ଭ କରାଯିବ ବୋଲି ମିଶ୍ର ସୂଚନା ଦେଇଥିଲେ। ପୁରାତନ ଛାତ୍ର ସୁଶାନ୍ତ କୁମାର ସେଠୀ, ଶିକ୍ଷାବିତ୍ ପ୍ରଦୀପ୍ତ କୁମାର ଆଚାର୍ଯ୍ୟ, ଜୟଦେବ ମିଶ୍ର, ସୁଧୀର ରଞ୍ଜନ ଆଚାର୍ଯ୍ୟଙ୍କ ସହ କମିଟିର ସଦସ୍ୟମାନେ ହାଇସ୍କୁଲର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ।

ପ୍ରଫେସର ଅନ୍ନଦା ପ୍ରସାଦ ପଟ୍ଟନାୟକଙ୍କ ପରଲୋକ

କଟକ ଅଫିସ, ୧୧।୯: କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପୂର୍ବତନ ଅଧୀକ୍ଷକ ତଥା ପ୍ଲାଷ୍ଟିକ ସର୍ଜରୀ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଅନ୍ନଦା ପ୍ରସାଦ ପଟ୍ଟନାୟକ(୬୨)ଙ୍କର ଶନିବାର ପରଲୋକ ହୋଇଛି। ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଡା. ପଟ୍ଟନାୟକଙ୍କର ପରଲୋକ ଘଟିଛି। ପ୍ରାୟ ୧ ବର୍ଷ ହେଲା ସେ କ୍ୟାନ୍ସରରେ ପୀଡିତ ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ। ସୂଚନାଯୋଗ୍ୟ, ଡା. ପଟ୍ଟନାୟକ ଓଡ଼ିଶା ପ୍ଲାଷ୍ଟିକ ସର୍ଜରୀ ଆସୋସିଏଶନ୍‌ର ପୂର୍ବତନ ସଭାପତି ଥିଲେ।

ପୂର୍ବତନ ମନ୍ତ୍ରୀ ମୁସ୍ତାଫିଜ ଅହମ୍ମଦଙ୍କ ଶ୍ରାଦ୍ଧବାର୍ଷିକୀ

କଟକ ଅଫିସ, ୧୧।୯: କଟକ ତେଲେଙ୍ଗାବଜାରସ୍ଥିତ ରଘୁନାଥଜୀଉ ମନ୍ଦିରଠାରେ ପୂର୍ବତନ ମନ୍ତ୍ରୀ ମୁସ୍ତାଫିଜ ଅହମ୍ମଦଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଶନିବାର ପାଳିତ ହୋଇଯାଇଛି। ଏଥିରେ ଡା. ରବି ରଞ୍ଜନ ସାହୁ ଅଧ୍ୟକ୍ଷତା କରି କହିଥିଲେ, ମୁସ୍ତାଫିଜ ଧର୍ମ, ମତ ନିର୍ବିଶେଷରେ ଭାଇଚାରାର ସହର କଟକରେ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ସମାଜବାଦୀ ନେତା ବିଶ୍ୱନାଥ ପଣ୍ଡିତଙ୍କ ମାର୍ଗଦର୍ଶନ ଓ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ସେ ଅନୁପ୍ରାଣିତ ଥିଲେ। ଏଥିରେ ଶ୍ୟାମସୁନ୍ଦର ସାହୁ, ଅଶୋକ ସାହୁ, ବିଚିତ୍ରାନନ୍ଦ ମିଶ୍ର, ଡ. ବସନ୍ତ କୁମାରୀ ନନ୍ଦ, ଗୋପାଳ ଚନ୍ଦ୍ର ମିଶ୍ର, ସୁରେନ୍ଦ୍ର ନାଥ ଛୋଟରାୟ, ସୁଷମା ବାରିକ, ମିଲନ କୁମାର ବଡୁ, ମାଧବ ମିଶ୍ର ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ। ଅଧ୍ୟାପିକା ଅରୁଣା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

ଜାଲ୍ ଡକ୍ୟୁମେଣ୍ଟରେ ୬୦ ଲକ୍ଷ ଋଣ ଜାଲିଆତି

କଟକ ଅଫିସ,୧୧।୯

ଜାଲ୍ ଡକ୍ୟୁମେଣ୍ଟ ଦେଇ ବ୍ୟାଙ୍କରୁ ଋଣ ନେବା ଘଟଣାରେ ଲାଲବାଗ ଥାନା ପୋଲିସ ଶନିବାର ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସିଡିଏ ସେକ୍ଟର-୯ ଅଞ୍ଚଳର ବାପି ଓରଫ ସତ୍ୟଶଙ୍କର ଶତପଥୀ, ସିଡିଏ ସେକ୍ଟର-୧୦ ଅଞ୍ଚଳର ରାଜୁ ଓରଫ ରାଜକିଶୋର ସ୍ୱାଇଁ ଓ ନିଆଳି ଥାନା ରତନପୁରର କ୍ଷେତ୍ରମୋହନ ତ୍ରିପାଠୀ। ସେମାନଙ୍କଠାରୁ ଜାଲ୍ କବଲା, ପଟ୍ଟା, ପାନ୍‌କାର୍ଡ, ଭୋଟ୍ ପରିଚୟ ପତ୍ର, ଡ୍ରାଇଭିଂ ଲାଇସେନ୍ସ, ଗୋଟିଏ ସ୍ମୁଟି, ୨ଟି ମୋବାଇଲ ଫୋନ ଓ ଅନ୍ୟ କାଗଜପତ୍ର ଜବତ କରାଯାଇଥିବା କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ଗତ ୩ ତାରିଖରେ ହାଇକୋର୍ଟ ବାର୍ କାଉନ୍‌ସିଲ ପରିସରସ୍ଥ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ବରିଷ୍ଠ ଶାଖା ପରିଚାଳକ ସୁରେଶ କୁମାର ମହାନ୍ତି ଋଣ ଜାଲିଆତି କରାଯାଇଥିବା ନେଇ ଲାଲବାଗ ଥାନାରେ ଅଭିଯୋଗ କରିଥିଲେ। ସୁରେଶ ଅଭିଯୋଗରେ ଦର୍ଶାଇଥିଲେ, ୨୦୧୯ ଜାନୁୟାରୀ ୨୮ରେ ସତ୍ୟଶଙ୍କର ଚନ୍ଦକା ଥାନା ପାଇକପୁର ମୌଜାର ଏକ ଜମି ବନ୍ଧକ ରଖି ୬୦ ଲକ୍ଷ ଟଙ୍କା ଋଣ ନେଇଥିଲେ। ଏହି ଜାଗାର ମାଲିକ ନୟାଗଡ଼ର ସତ୍ୟବାଦୀ ବଳିୟାରସିଂଙ୍କ ପଟ୍ଟା, ପାନ୍‌କାର୍ଡ, ଭୋଟ୍ ପରିଚୟ ପତ୍ର, ଫଟୋ ଆଦି ଦାଖଲ କରିଥିଲେ। ଋଣ ପ୍ରଦାନର କିଛି ମାସ ପରେ ସତ୍ୟଶଙ୍କର କିସ୍ତି ଖିଲାପ କରିଥିଲେ। ବ୍ୟାଙ୍କ ତରଫରୁ ଗତ ମାର୍ଚ୍ଚ ୩୧ରେ କଟକ ଡେଟ୍ସ ରିକଭରୀ ଟ୍ରିବ୍ୟୁନାଲରେ ସତ୍ୟଶଙ୍କର ଓ ବନ୍ଧକ ଜମିର ମାଲିକ ସତ୍ୟବାଦୀ ବଳିଆର ସିଂଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ସତ୍ୟବାଦୀ ଟ୍ରିବ୍ୟୁନାଲରୁ ନୋଟିସ ପାଇବା ପରେ କହିଥିଲେ, ଉକ୍ତ ଋଣ ବାବଦରେ ସେ କିଛି ଜାଣିନାହାନ୍ତି ବା ଋଣ ସମ୍ପର୍କିତ କାଗଜପତ୍ରରେ ଦସ୍ତଖତ କରିନାହାନ୍ତି। ସତ୍ୟଶଙ୍କର ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଋଣ ଉଠାଇଥିବା ସେ ଅଭିଯୋଗ କରିଥିଲେ।

ତଦନ୍ତବେଳେ ଜଣାପଡିଲା, ସତ୍ୟଶଙ୍କର ବ୍ରିଟାନିଆ କମ୍ପାନୀ ସାମଗ୍ରୀର ବ୍ୟବସାୟ କରୁଥିଲେ। ଏଥିପାଇଁ ଅଧିକ ଅର୍ଥ ଦରକାର ପଡିଲା। ତେଣୁ ସେ ବନ୍ଧକ ଜମି ବଦଳରେ ୬୦ ଲକ୍ଷ ଟଙ୍କା ଋଣ ନିମନ୍ତେ ଜାଲ କାଗଜପତ୍ର ପ୍ରସ୍ତୁତ କରିବାକୁ କ୍ଷେତ୍ରମୋହନ, ରାଜକିଶୋର ଓ ଅନ୍ୟ ଅଭିଯୁକ୍ତଙ୍କ ସହାୟତା ନେଇଥିଲେ। ରାଜକିଶୋର ଓ ଅନ୍ୟ ଅଭିଯୁକ୍ତମାନେ ଜମିମାଲିକଙ୍କ ଜାଲ କାଗଜପତ୍ର ପ୍ରସ୍ତୁତ କରିଥିଲେ। ପଟ୍ଟା, କବଲା, ପାନ୍‌କାର୍ଡ, ଭୋଟ ପରିଚୟପତ୍ର ଆଦି ସମସ୍ତ କାଗଜପତ୍ରରେ ଅସଲି ଜମି ମାଲିକଙ୍କ ନାମ ଅନୁସାରେ ସତ୍ୟବାଦୀ ବଳିୟାରସିଂ ରହିଥିବାବେଳେ ଅଭିଯୁକ୍ତ କ୍ଷେତ୍ରମୋହନଙ୍କ ଫଟୋ ଲାଗିଥିଲା। ଏହି ଜାଲ କାଗଜପତ୍ର ଦେଖାଇ ବାପି ବ୍ୟାଙ୍କରୁ ଋଣ ଆଣିଥିଲେ। ବ୍ୟାଙ୍କ ଅଧିକାରୀମାନେ ଜମି ପରିଦର୍ଶନରେ ଯାଇଥିବାବେଳେ କ୍ଷେତ୍ରମୋହନ ନିଜକୁ ସତ୍ୟବାଦୀ ବୋଲି ପରିଚୟ ଦେଇଥିଲେ। ଏଥିସହ ନିଜକୁ ଗ୍ୟାରେଣ୍ଟର ଭାବେ ଦର୍ଶାଇ ବ୍ୟାଙ୍କ ଡକ୍ୟୁମେଣ୍ଟରେ ଦସ୍ତକତ କରିଥିଲେ। ମୁଖ୍ୟ ଅଭିଯୁକ୍ତ ସତ୍ୟଶଙ୍କର ଋଣ କିସ୍ତି ନ ସୁଝିବାରୁ ବ୍ୟାଙ୍କ ପକ୍ଷରୁ ଲାଲବାଗ ଥାନାରେ ଅଭିଯୋଗ ହୋଇଥିଲା। ଏହି ଋଣ ଜାଲିଆତିରେ ଆଉ କେତେଜଣ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ପୋଲିସ ଜାଣିବାକୁ ପାଇଛି। ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ରିମାଣ୍ଡରେ ଆଣି ଅଧିକ ଜେରା କରାଯିବ ବୋଲି ଡିସିପି ସିଂ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏସିପି ତାପସ ପ୍ରଧାନ, ଲାଲବାଗ ଥାନା ଅଧିକାରୀ ରବିନାରାୟଣ ଭଞ୍ଜ ଉପସ୍ଥିତ ଥିଲେ।

ଜାଲ୍ କାଗଜପତ୍ର, ସ୍ମୁଟି, ମୋବାଇଲ ଜବତ: ୩ ଗିରଫ

ଜବତ ନକଲି ଡକ୍ୟୁମେଣ୍ଟ ଓ ମୋବାଇଲ ।

ଗିରଫ ୩ ଅଭିଯୁକ୍ତ ।

ବିନା ବାଧାବିଘ୍ନରେ ମା'ଙ୍କ ପୂଜାର୍ଚ୍ଚନା କରିବା ଦାବିରେ କଟକ ସାମାଜିକ ସଙ୍ଗଠନ ପକ୍ଷରୁ ଷ୍ଟାଡିୟମ ଛକଠାରେ ବିକ୍ଷୋଭ ପ୍ରଦର୍ଶନ।

କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଗଣେଶ ମହୋତ୍ସବ ପରିପ୍ରେକ୍ଷୀରେ ଶନିବାର କଳାବିକାଶ କେନ୍ଦ୍ର କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

'ଶୋଷଣବିହୀନ ସମାଜ ଗଠନରେ ସାମିଲ ହୁଅନ୍ତୁ ଯୁବକ'

ଖୁଣ୍ଟୁଣୀ,୧୧।୯(ଡି.ଏନ.ଏ.)

ଖୁଣ୍ଟୁଣୀ ଥାନା ଅଧୀନ ରାଧା ଦାମୋଦରପୁର ଜମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆଠଗଡ଼ ପ୍ରଜାମଣ୍ଡଳ ଆନ୍ଦୋଳନର ୮୩ ତମ ପୂର୍ତ୍ତି ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜମେଶ୍ୱର ମିଶ୍ର ସ୍ମୃତି ସଂସଦ ଓ ସ୍ୱାଧୀନତା ସଂଗ୍ରାମୀ ଉତ୍ତର ଦାୟଦ ସଂଘ ପକ୍ଷରୁ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ଅନ୍ୟତମ ଅତିଥି କବିରାଜ ପ୍ରତାପରୁଦ୍ର ବେଉରାୟ, ମୁଖ୍ୟବକ୍ତା ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ସୁରେନ୍ଦ୍ର ପାତ୍ର, ଆଇନଜୀବୀ ଫଣିଭୂଷଣ ରଥ, ବସନ୍ତ କୁମାର ସାହାଣୀ, ରାଧାକିଶୋରପୁର ସରପଞ୍ଚ ଭୁବନେଶ୍ୱର ସ୍ୱାଇଁ ଓ ରଶ୍ମିରଞ୍ଜନ ସାହାଣୀ ପ୍ରମୁଖ ଯୋଗଦେଇଥିଲେ। ସ୍ୱାଧୀନତାର ୭୪ ବର୍ଷ ପରେ ବି ଆମେ ରାଜତନ୍ତ୍ର ଭଳି ଶୋଷିତ ଓ ଲାଞ୍ଛିତ ଅବସ୍ଥାରେ ବଞ୍ଚିଛୁ। ଆଜିର ଯୁବକମାନେ ପ୍ରଜାମଣ୍ଡଳ ଆନ୍ଦୋଳନର ଗରିମାମୟ ଇତିହାସକୁ ଉଜ୍ଜୀବିତ କରିବା ପାଇଁ ଏକ ଶୋଷଣ ବିହୀନ ସମାଜ ଗଠନ ଲାଗି ଆଗେଇ ଆସନ୍ତୁ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ସ୍ୱାଧୀନତା ପାଇଁ ଇଂରେଜ ଶାସକଙ୍କ ବିରୋଧରେ ସଂଗ୍ରାମ କରି କାରାବରଣ କରିଥିବା ମହାନ ଜନନାୟକମାନଙ୍କ ସ୍ମୃତି ଚାରଣ କରାଯାଇଥିଲା। ସୁରେଶ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଜମ୍ବେଶ୍ୱର ସ୍ମୃତି ସଂସଦର ସଭ୍ୟ ଗୋଦାବରୀଶ କର, ଆଶୁତୋଷ କର, ଅକ୍ଷୟ ଜେନା, ଶରତ ରାଉତ, ଗନ୍ଧର୍ବ ପରିଡା, ବିନୋଦ ମାଝୀ, ଗଣେଶ୍ୱର ରଣା ଓ ପଣ୍ଡିତ ମଳୟ କର ପ୍ରମୁଖ ଉପସ୍ଥିତ ଥିଲେ। କୈଳାସ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

ପୂଜା ନିଷ୍ପତ୍ତିକୁ ନେଇ ଶାନ୍ତିପୂର୍ଣ୍ଣ ପ୍ରତିବାଦ

କଟକ ଅଫିସ,୧୧।୯

ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ପାର୍ବଣ କଟକଣା ପ୍ରତିବାଦରେ ଶନିବାର ସ୍ଥାନୀୟ ଷ୍ଟାଡିୟମ ଛକରେ କଟକ ସାମାଜିକ ସଙ୍ଗଠନର କର୍ମକର୍ତ୍ତାମାନେ ହାତରେ ପ୍ଲାକାର୍ଡ ଧରି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଥିଲେ। ସେହିପରି ସହରର କିନ୍ନରମାନେ ଘଣ୍ଟ ଓ ଶଙ୍ଖ ବଜାଇ ପ୍ରତିବାଦ କରିଥିଲେ। ସୂଚନାଯୋଗ୍ୟ, ୪ଫୁଟ ମୂର୍ତ୍ତୀ ଉଚ୍ଚତା ଓ ପରଦା ଆଡୁଆଳରେ ପୂଜା କରିବା ନିଷ୍ପତ୍ତିକୁ ବିରୋଧ କରି କଟକର ୪୦ରୁ ଊର୍ଦ୍ଧ୍ୱ ସାମାଜିକ ସଙ୍ଗଠନ ପକ୍ଷରୁ କିଛିଦିନ ହେବ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଜାରି ରହିଛି।

୫୨୦ କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

କଟକ ଅଫିସ,୧୧।୯

ଶୁକ୍ରବାର ବିଳମ୍ବିତ ରାତିରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ଭୁବନେଶ୍ୱର ସବ୍‌ଜୋନ ପକ୍ଷରୁ କଟକ ମଙ୍ଗୁଳି ନିକଟରେ ଏକ କଣ୍ଟେନର(ନଂ.ଏଚଆର୩୮ୟୁ-୯୫୪୬)ରେ ଚଢାଉ କରାଯାଇ ୫୨୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଗଞ୍ଜେଇ ନେଇ ଯାଉଥିବା ଚାଳକ ହରିୟାଣା ଫରିଦାବାଦର ମୁନା ଲାଲଙ୍କୁ ଗିରଫ କରାଯାଇଛି। ଏଥିସହ ଗାଡି ମଧ୍ୟ ଜବତ ହୋଇଛି। ଏହି ଗଞ୍ଜେଇ ଖୋର୍ଦ୍ଧାରୁ ଦିଲୀ ଯାଉଥିବା ନେଇ ପଚରାଉଚରାବେଳେ ମୁନା କହିଛନ୍ତି।

ଚୋରା ମଦ ବେପାରୀଙ୍କ ଘରେ ମହିଳାଙ୍କ ଚଢ଼ାଉ

ଖୁଣ୍ଟୁଣୀ,୧୧।୯(ଡି.ଏନ.ଏ)

୨୪୦ଲିଟର ମଦ ଜବତ: ଜଣେ ଗିରଫ

କଟକ ଜିଲା ଗୁରୁଡିଝାଟିଆ ଥାନା କୁମାରପୁର ପଞ୍ଚାୟତର ବଳିପୁର ଗ୍ରାମରେ ଦୀର୍ଘଦିନ ଧରି ଚୋରା ଦେଶୀ ମଦ କାରବାର ଚାଲିଛି। ଏହାକୁ ବନ୍ଦ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ମହିଳା ସଙ୍ଗଠନ ପକ୍ଷରୁ ପୋଲିସ ଓ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ଫଳରେ ଶନିବାର ଗ୍ରାମର ମା'ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ମଦ ବିକ୍ରି ବନ୍ଦ କରିବା ପାଇଁ ପଦକ୍ଷେପ ନେଇଥିଲେ। ସେମାନେ ଗ୍ରାମର ୨ ଜଣ ମଦ ବ୍ୟବସାୟୀଙ୍କ ଘରେ ଚଢାଉ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ବ୍ୟବସାୟୀଙ୍କ ଘରୁ ୨୪୦ ଲିଟର ମଦ ଜବତ କରିଥିଲା। ଏହି ଘଟଣାରେ ବ୍ୟବସାୟୀ ରମେଶ ନାଏକଙ୍କୁ ଗିରଫ କରାଯାଇଛି। ଏ ନେଇ ଥାନାରେ ଦୁଇଟି ମାମଲା (ନଂ.୯୮,୯୯/୨୧) ରୁଜୁ ହୋଇଛି।

'ଭାଇଚାରାର ପର୍ବ ନୂଆଁଖାଇ'

କଟକ ଅଫିସ/ନିଶ୍ଚିନ୍ତକୋଇଲି,୧୧।୯

କଟକ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ନୂଆଁଖାଇ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡା. ରବି ରଞ୍ଜନ ସାହୁ ଯୋଗଦେଇ କହିଥିଲେ, ନୂଆଁଖାଇ କେବଳ ପଶ୍ଚିମ ଓଡ଼ିଶାର ପର୍ବ ନୁହେଁ। ଏହା ସଂପ୍ରୀତି ଓ ସଦ୍‌ଭାବନାର ପର୍ବ। ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସୁରେନ୍ଦ୍ରନାଥ ଛୋଟରାୟ ଓ ଅଧ୍ୟାପିକା ଅରୁଣା ସାମନ୍ତରାୟ ଯୋଗଦେଇଥିଲେ। ବିଚିତ୍ରାନନ୍ଦ ମିଶ୍ର, ଗୋପାଳଚନ୍ଦ୍ର ମିଶ୍ର, ଭୁବନାନନ୍ଦ ମହାନ୍ତି, ମୁକେଶ ସୋନୀ, ଲକ୍ଷ୍ମୀ ମିଶ୍ର, ତ୍ରିଲୋଚନ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ମାଧବ ମିଶ୍ର ଧନ୍ୟବାଦ ଦେଇଥିଲେ। ସେହିପରି ବଙ୍ଗାଳି ସାହିସ୍ଥିତ ଶ୍ୟାମଉମା ଭବନରେ ନୂଆଁଖାଇ ଭେଟ୍‌ଘାଟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସଂଗ୍ରାମ କେଶରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟୁତ୍ କୁମାରୀ ଲାଲା ଯୋଗଦେଇ ନୂଆଁଖାଇ ଭାଇଚାରାର ପର୍ବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ସେକ୍ କଲିମୁଲ୍ଲା, ବିଶିଷ୍ଟ ଅତିଥି ଭାବେ ମନୋଜ କୁମାର ଦାସ ଯୋଗ ଦେଇଥିଲେ। ଏହି ଅବସରରେ ସାମାଜିକ କର୍ମୀ ସୁଲତା ପଣ୍ଡାଙ୍କୁ କଳାୟନ କଳିଙ୍ଗ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସୁଶୀଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

କଟକ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦ ଓ ଉତ୍କଳ ସାହିତ୍ୟ କଳା ପରିଷଦର ମିଳିତ ଆନୁକୂଲ୍ୟରେ ଶନିବାର ନୂଆଁଖାଇ ପର୍ବ ପାଳିତ ହୋଇଯାଇଛି । ଏହାକୁ ଡ. ପ୍ରଭାସ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଜୟନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉତ୍କଳ ସାହିତ୍ୟ କଳା ପରିଷଦର ସାଧାରଣ ସମ୍ପଦକ ସିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଶିକ୍ଷାବିତ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ।

ନିଶ୍ଚିନ୍ତକୋଇଲି ବ୍ଲକ ସଦର ମହକୁମାସ୍ଥିତ ଶକ୍ତିପୀଠ ମା'ବେଲେଶ୍ୱରୀଙ୍କ ପୀଠରେ ଶନିବାର ନୂଆଁଖାଇ ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂଜକ ଶୁକଦେବ ଷଡ଼ଙ୍ଗୀଙ୍କ ଦ୍ୱ

ପ୍ରକୃତି ସୁରକ୍ଷା ଲାଗି ଚାରା ରୋପଣ

ପୁରୀ ଅଫିସ- ବିଶ୍ୱମ୍ଭର ବିଦ୍ୟାପୀଠର ୧୯୮୩ ମସିହା ଜୁନିୟର ବ୍ୟାଚ୍ ବନ୍ଧୁ ଗୋଷ୍ଠୀ ଶନିବାର ଏକତ୍ର ହୋଇ ପ୍ରକୃତିର ସୁରକ୍ଷା ପାଇଁ ଚାରା ରୋପଣ କରିଛନ୍ତି। ତାଳବଣିଆ ସହରର ଏକ ଅବିଚ୍ଛେଦ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଏଠାରେ ବହୁ ତାଳଗଛର ସମାହାର, ଯାହାକି ମୃତ୍ତିକା ସଂରକ୍ଷଣ ସହ ପ୍ରକୃତି ଉପଯୋଗୀ କାର୍ଯ୍ୟରେ ବ୍ୟବହୃତ ହୁଏ। ଏହାର ଅବକ୍ଷୟ, ସହର ଓ ସଭ୍ୟତା ପାଇଁ ଏକ ଚିନ୍ତାଜନକ ବିଷୟ। ଏହି କାରଣ ଯୋଗୁ ବିଶ୍ୱମ୍ଭର ବିଦ୍ୟାପୀଠର ଏହି ବନ୍ଧୁମାନେ ଏକତ୍ରିତ ହୋଇ ତାଳବଣିଆରେ ୨୦୦ ଚାରାରୋପଣ କରିଥିଲେ। ଏହି ବନ୍ଧୁ ଗୋଷ୍ଠୀ ଆଗକୁ ମଧ୍ୟ ଏଭଳି ମହତ କାର୍ଯ୍ୟ ହାତକୁ ନେବାକୁ ସଂକଳ୍ପ କରିଛି ।

୧୧।୦୯।୨୦୨୧
୨୬୧୪ ଟଙ୍କା

ଜମିପଟ୍ଟା ଯାଞ୍ଚ ସରିନି, ଖୋଲିଲାଣି ଦୋକାନ

ପୁରୀ ଅଫିସ,୧୧।୯:

- ସ୍ୱର୍ଗଦ୍ୱାର ପାଖରେ ମଦ ଦୋକାନ
- ବିରୋଧ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ

ସ୍ୱର୍ଗଦ୍ୱାରକୁ ଲାଗି ଚୈତନ୍ୟ ଛକଠାରୁ ସାତଲହଡ଼ି ମଠ ମଧ୍ୟରେ ନିକଟରେ ୫ଟି ମଦ ଦୋକାନ ଖୋଲିଛି। ତେବେ ଏହି ଦୋକାନଗୁଡ଼ିକ ବିନା ଜମିପଟ୍ଟା ଯାଞ୍ଚରେ ଖୋଲିଥିବା ନେଇ ସୂଚନା ମିଳିଛି। ଏପରିକି ସେଥିମଧ୍ୟରୁ ୩ଟି ମଦ ଦୋକାନ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହି ଜମିରେ ଖୋଲିଥିବାର ମଧ୍ୟ ସାଧାରଣରେ ଅଭିଯୋଗ ହୋଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିବାବେଳେ ଏହାର ଯଥାଶୀଘ୍ର ଯାଞ୍ଚ କରାଯାଉ ବୋଲି ଦାବି ହେଉଛି। ଏଭଳି ଘଟଣା ପରେ ପୁରୀ ସହରରେ ଥିବା ୧୮ଟି ମଦ ଦୋକାନର ଜମିପଟ୍ଟା ଯାଞ୍ଚକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଘଟଣାକୁ ଗୁରୁତ୍ୱର ସହ ନିଆଯାଇଥିବା ବେଳେ ଏପର୍ଯ୍ୟନ୍ତ ଯାଞ୍ଚ ପ୍ରକ୍ରିୟା କାର୍ଯ୍ୟକାରୀ ହେଉଛି ବୋଲି ରାଜସ୍ୱ ବିଭାଗ କହିଛି।

ସାଧାରଣରେ ମଦ ଦୋକାନ ଲାଇସେନ୍ସ ପାଇଥିବା ବ୍ୟକ୍ତିମାନଙ୍କୁ ଦୋକାନ ଜମିର ପଟ୍ଟାକୁ ଅବକାରୀ ବିଭାଗ ପାଖରେ ଦାଖଲ କରିବାକୁ ପଡ଼େ। ପରେ ଏହାକୁ ଅବକାରୀ ବିଭାଗ ରାଜସ୍ୱ ବିଭାଗକୁ ହସ୍ତାନ୍ତର କରି ପଟ୍ଟାର ଠିକ ଭାବେ ଯାଞ୍ଚ କରିବାର ନିୟମ ରହିଛି। ଯାଞ୍ଚ ପ୍ରକ୍ରିୟାରେ ତ୍ରୁଟି ନ ଥିବା ନେଇ ସ୍ୱଷ୍ଟ ହେଲେ ମଦ ଦୋକାନ ଖୋଲିବା ପାଇଁ ଅନୁମତି ମିଳିବ। ମାତ୍ର ପୁରୀରେ ଏଭଳି ହୋଇ ନ ଥିବା ଦେଖିବାକୁ ମିଳିଛି। ଜମି ପଟ୍ଟାର ଯାଞ୍ଚ ସରିବା ପୂର୍ବରୁ ଅଧିକାଂଶ ମଦ ଦୋକାନ ଖୋଲିଥିବା ଦେଖିବାକୁ ମିଳିଛି। ଏଥିପାଇଁ ଅବକାରୀ ବିଭାଗୀୟ ଅଧିକାରୀମାନେ ଅର୍ଥ ନେଣଦେଣ କରି ରାଜସ୍ୱ ବିଭାଗ ପକ୍ଷରୁ ଅନୁମୋଦନ କରାଇ ନେବାର ଆଶଙ୍କା ରହୁଛି ବୋଲି ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ କହିଛନ୍ତି। ଏ ନେଇ ପୁରୀ ତହସିଲଦାର ରବୀନ୍ଦ୍ର ପ୍ରଧାନ କହିଛନ୍ତି, ପୁରୀ ସହରର ୧୮ଟି ବିଦେଶୀ ମଦ ଦୋକାନୀର ଜମି ପଟ୍ଟା ଯାଞ୍ଚ ପ୍ରକ୍ରିୟା କାର୍ଯ୍ୟକାରୀ ହେଉଛି। ଜମିରେ ବିବାଦ ଥିବା, ଜବରଦଖଲ ହୋଇଥିବା କିମ୍ବା ଜମିର ମାଲିକାନାକୁ ନେଇ କୌଣସି ସମସ୍ୟା ଥିଲେ ତାହା ଯାଞ୍ଚ ପ୍ରକ୍ରିୟାରେ ଜଣାପଡ଼ିବ। ଯାଞ୍ଚ ନ ସରିବା ପର୍ଯ୍ୟନ୍ତ ସ୍ୱଷ୍ଟ ଭାବେ କୌଣସି ଜମି ସମ୍ପର୍କରେ କହିବା ସମ୍ଭବପର ନୁହେଁ। ମଦ ଦୋକାନ ଖୋଲିବା ପାଇଁ ଯେଉଁ ପ୍ରକ୍ରିୟା ରହିଛି ତାହାକୁ ଠିକ ଭାବରେ କାର୍ଯ୍ୟକାରୀ ନ କରାଯିବା ଫଳରେ ଏଭଳି ସମସ୍ୟା ଉପୁଜିଛି। ଅନ୍ୟପକ୍ଷେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଅମରେନ୍ଦ୍ର କୁମାର ଜେନା କହିଛନ୍ତି, ମଦ ଦୋକାନ ଜମିକୁ ନେଇ କୌଣସି ବିବାଦ ହେଲେ ତାହାର ସମାଧାନ କରିବା ଦାୟିତ୍ୱ ଆମର ନୁହେଁ। ଜମି ସମ୍ପର୍କିତ ତଥ୍ୟ ପାଇଁ ରାଜସ୍ୱ ବିଭାଗ ଯାଞ୍ଚ କାର୍ଯ୍ୟକାରୀ କରୁଛି। କାହାରି ଜମିକୁ ନେଇ କୌଣସି ସମସ୍ୟା ଥିଲେ ସମ୍ପୃକ୍ତ ବ୍ୟକ୍ତିର ଲାଇସେନ୍ସ ବାତିଲ ହେବାର ସମ୍ଭାବନା ମଧ୍ୟ ନାହିଁ। ବିବାଦ ଜମି ବଦଳରେ ଏକ ନୂଆ ଜମିରେ ସମ୍ପୃକ୍ତ ଦୋକାନୀ ମଦ ଦୋକାନ ଖୋଲିପାରିବେ। ସେହିପରି ସ୍ୱର୍ଗଦ୍ୱାର ନିକଟରେ ମଦ ଦୋକାନ ଖୋଲିବାକୁ ଘଟଣାକୁ ବିରୋଧ କରି ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ।

ମହାଲକ୍ଷ୍ମୀ ପାଳିଲେ ଋଷି ପଞ୍ଚମୀ

ପୁରୀ ଅଫିସ,୧୧।୯

ଭାଦ୍ରବ ଶୁକ୍ଳ ପଞ୍ଚମୀ ତଥା ଶନିବାର ଶ୍ରୀମନ୍ଦିରରେ ଋଷି ପଞ୍ଚମୀ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀଦେବୀ (ମହାଲକ୍ଷ୍ମୀ) ମାର୍କଣ୍ଡ ଋଷିଙ୍କ ଆଶ୍ରମକୁ ଯାଇ ଋଷି ପଞ୍ଚମୀ ବ୍ରତ ପାଳନ କରିଛନ୍ତି। ସକାଳ ଧୂପ ବାଢ଼ିବା ପରେ ମହାଲକ୍ଷ୍ମୀ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହସ୍ତରେ ସାତ ପାହାଚରେ ଥିବା ପାଲିଙ୍କିରେ ବିଜେ ହୋଇଥିଲେ। ବିମାନ ବଡୁ ସେବାୟତମାନେ ଘଣ୍ଟ, ଛତା ସହ ପାଲିଙ୍କିରେ ଠାକୁରାଣୀଙ୍କୁ ନେଇ ମାର୍କଣ୍ଡ ମନ୍ଦିରକୁ ନେଇ ଭିତର ଗମ୍ଭିରାରେ ବିଜେ କରିଥିଲେ। ସେଠାରେ ମାଜଣା, ବନକଲାଗି ସରିବା ପରେ ପୂଜା ପଣ୍ଡାମାନେ ଋଷି ପଞ୍ଚମୀ ବ୍ରତ କଥା ପାଠ କରିଥିଲେ। ଏହାପରେ ଠାକୁରାଣୀଙ୍କ ନିକଟରେ ଶୀତଳ ଭୋଗ ମଣୋହି କରାଯାଇ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ନୀତି ସମ୍ପନ୍ନ ହେବା ପରେ ମା' ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଏ ସମ୍ପର୍କରେ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ରଜସ୍ୱଳା ନାରୀମାନେ ସ୍ୱତନ୍ତ୍ର ନିୟମରେ ରହିଥାନ୍ତି। କିନ୍ତୁ ଏହି ସମୟରେ ଅଜ୍ଞାତରେ ହୋଇଥିବା ଦୋଷରୁ ମୁକ୍ତି ଲାଗି ସପ୍ତଋଷିଙ୍କୁ ଆରାଧନା କରିବାର ପରମ୍ପରା ରହିଛି। ତେଣୁ ଏହି ବ୍ରତକୁ ଋଷି ପଞ୍ଚମୀ ବୋଲି କୁହାଯାଏ। ସେହି ପରମ୍ପରା ଆଧାରରେ ମହାଲକ୍ଷ୍ମୀ ମାର୍କଣ୍ଡ ଋଷିଙ୍କ ଆଶ୍ରମକୁ ଯାଇ ଋଷି ପଞ୍ଚମୀ ବ୍ରତ ପାଳନ କରନ୍ତି। ଏହିଦିନ ସ୍ୱୟଂ ମହାଲକ୍ଷ୍ମୀ ଠାକୁରାଣୀ ମାନବୀୟ ଲୀଳା କ୍ରମରେ ବ୍ରତ ପାଳନ କରିବା ସହ ପୂଜାଣ୍ଡାଙ୍କୁ ଛଞ୍ଚା ମଧ୍ୟ ଦେଇଥାନ୍ତି।

ଡ. ହେମନ୍ତ ଛୋଟରାୟଙ୍କୁ ଶିଶୁ ଗୌରବ ସମ୍ମାନ

କଣାସ, ୧୧।୯ (ସ୍ୱ.ପ୍ର.)

ପ୍ରସିଦ୍ଧ ପାଲା ଗୁରୁ ଗାୟକ ବିଶାରଦ ମାର୍କଣ୍ଡେୟ ବାହିନୀପତିଙ୍କ ୯୯ତମ ଜୟନ୍ତୀ ସମାରୋହ କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରରେ ଥିବା ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ପଲ୍ଲୀପଲ୍ଲବ ସାହିତ୍ୟ ସଂସଦର ୨ଦିନିଆ କାର୍ଯ୍ୟକ୍ରମର ଅନ୍ତିମ ଅଧିବେଶନରେ ମୃତ୍ୟୁଞ୍ଜୟ ଦକ୍ଷିଣରାୟଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ନୀଳାଚଳ ପ୍ରତିଷ୍ଠାନର ସମ୍ପାଦକ ସୁବାସ ଚନ୍ଦ୍ର ଗଜେନ୍ଦ୍ର ଯୋଗଦେଇଥିଲେ। ସନ୍ଥ ତ୍ରିଲୋକେଶ୍ୱର ଭାରତୀ, ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ବାବାଜି ବନବିହାରୀ ଦାଶ, ଗାୟକ ସୁଦର୍ଶନ ମହାପାତ୍ର, ରବୀନ୍ଦ୍ର ସାମନ୍ତରାୟ, ବସନ୍ତ ରାଉତ, ଚକ୍ରଧର ବାରିକ, କାଶୀନାଥ ପାଣିଗ୍ରାହୀ, ନିରଞ୍ଜନ ବାହିନୀପତି, ପ୍ରମୋଦ ଜେନା, ଅମରେନ୍ଦ୍ର ପଟ୍ଟନାୟକ, ଦିଲୀପ ଚମ୍ପତି, ପଣ୍ଡିତ ଜ୍ୟୋତିପ୍ରକାଶ ମିଶ୍ର ପ୍ରମୁଖ ବାହିନୀପତିଙ୍କର ଦିବ୍ୟଗୁଣ, ଲୋକପ୍ରିୟତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଡ. ହେମନ୍ତ କୁମାର ଛୋଟରାୟଙ୍କୁ ଶିଶୁ ଗୌରବ ସମ୍ମାନ, ଅର୍ଦ୍ଧତ୍ରାଣ ମାନସିଂହ, ରଜକିଶୋର ମୁଦୁଲି, ରମେଶ ଚନ୍ଦ୍ର ଶାସମଲ୍ଲ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସଂସଦର ସମ୍ପାଦକ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଦିଲୀପ ଶ୍ରୀଚନ୍ଦନ, ଉତ୍ସବର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଅଜୟ ସେଠୀ, ଯୁଧିଷ୍ଠିର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ପାଲା ପରିବେଷଣ, ସାଂସ୍କୃତିକ ନୃତ୍ୟ ହୋଇଥିଲା। ସାରଥି ଜେନା ସଂଯୋଜନା କରିଥିବା ବେଳେ ପ୍ରଶାନ୍ତ ପାଟ୍ଟଶାଣୀ ଧନ୍ୟବାଦ ଦେଇଥିଲେ। କୃଷ୍ଣଚନ୍ଦ୍ର ନିଶଙ୍କ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଶ୍ରୀମନ୍ଦିରରେ ଦାହ ଲୀଳା ନୀତି ସମ୍ପନ୍ନ

ପୁରୀ ଅଫିସ,୧୧।୯

ଜନ୍ମାଷ୍ଟମୀ ତିଥିରେ ଶ୍ରୀକୃଷ୍ଣ ଜନ୍ମଠାରୁ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳା କ୍ରମରେ ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିରେ ଶ୍ରୀମନ୍ଦିରରେ ଦାହଲୀଳା ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ସନ୍ଧ୍ୟାଧୂପ ବାଢ଼ିବା ପରେ ମହାଜନ ସେବକମାନେ ଦକ୍ଷିଣୀ ଘରୁ ମଦନମୋହନଙ୍କୁ ରତ୍ନସିଂହାସନ ନିକଟକୁ ବିଜେ କରାଇଥିଲେ। ସେଠାରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ନାଟ ମଣ୍ଡପ ଖଟ ଉପରେ ବିଜେ ହୋଇଥିଲେ। ସେଠାରେ ଦାହଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ପରେ ଶୀତଳ ଭୋଗ ବନ୍ଦାପନା ହୋଇ ଠାକୁର ବାହୁଡ଼ିଥିଲେ। ପୌରଣିକ କଥା ଅନୁଯାୟୀ, ଶ୍ରୀକୃଷ୍ଣ ବୃନ୍ଦାବନରେ ଗୋପାଳ ବାଳକଙ୍କ ସହ ଗୋଚାରଣ କରୁଥିବା ବେଳେ ଏକଦା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହୋଇଥିଲା। ଏହି ସମୟରେ ଗାଈପଲ ନିକଟରେ ଥିବା ସର ବନ ମଧ୍ୟକୁ ପ୍ରବେଶ କରିଥିଲେ। ଭଗବାନ ଶ୍ରୀକୃଷ୍ଣ ଗୋପାଳ ବାଳକଙ୍କ ସହ ଗାଈପଲଙ୍କୁ ଆଣିବାକୁ ଯିବା ସମୟରେ ବନରେ ନିଆଁ ଲାଗିଯାଇଥିଲା। ପରେ ଗୋପାଳ ପିଲାଙ୍କ ଅନୁରୋଧ କ୍ରମେ ଶ୍ରୀକୃଷ୍ଣ ଅଗ୍ନିକୁ ଶାନ୍ତ କରିଥିଲେ ।

ଆଚାର୍ଯ୍ୟ ବିନୋବା ଭାବେଙ୍କ ଜୟନ୍ତୀ ଉତ୍ସବରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ ।

୨ଜଣଙ୍କୁ ବିନୋବା ଭାବେ ଶାନ୍ତି ସମ୍ମାନ ପ୍ରଦାନ

ପୁରୀ ଅଫିସ,୧୧।୯

ଆଚାର୍ଯ୍ୟ ବିନୋବା ଭାବେଙ୍କ ଜୟନ୍ତୀ ପାଳିତ

ଆଚାର୍ଯ୍ୟ ବିନୋବା ଭାବେ ସ୍ମୃତି ପରିଷଦ ପକ୍ଷରୁ ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୨୬ତମ ଜୟନ୍ତୀ ଶନିବାର ସ୍ଥାନୀୟ ଯୁଥ ହଷ୍ଟେଲ ପରିସରରେ ଅନୁଷ୍ଠିତ ହୋଇଛି। ପରିଷଦର ସଭାପତି ଡ. ବଳରାମ ଦାଶ ଅଧ୍ୟକ୍ଷତା କରିଥିଲେ। ମହାରାଷ୍ଟ୍ର ୱାର୍ଦ୍ଧା ପୌନର ଆଶ୍ରାମର ମୁଖ୍ୟ ସୁଶ୍ରୀ ନଳିନୀ ସମ୍ମାନିତ ବକ୍ତା ଭାବେ ଯୋଗଦେଇ କହିଥିଲେ ଆଚାର୍ଯ୍ୟ ବିନୋବା ଭାବେ ଦୀର୍ଘ ୧୩ବର୍ଷ ଧରି ସମ୍ପୂର୍ଣ୍ଣ ଭାରତର କନ୍ୟାକୁମାରୀ ଠାରୁ ଆରମ୍ଭ କରି କାଶ୍ମୀର ପର୍ଯ୍ୟନ୍ତ ଏବଂ ଦ୍ୱାରିକା ଠାରୁ ଆରମ୍ଭ କରି ଆସାମ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ତାଙ୍କ ହୃଦୟ ସାରା ଦୁନିଆ ପାଇଁ ସ୍ନେହ ଶ୍ରଦ୍ଧାରେ ପରିପୂର୍ଣ୍ଣ ଥିଲା। ତାଙ୍କ ଉଦ୍ଦେଶ୍ୟ ଥିଲା ବିତଶାଳୀ ଲୋକଙ୍କଠାରୁ ଜମି ଆଣି ଭୂମିହୀନ ଗରିବ ଙ୍କୁ ପ୍ରଦାନ କରିବା। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଗୌରାଙ୍ଗ ପରିଡା, ଆଇନଜୀବୀ ପୁଷ୍କର ମହାପାତ୍ର, ଡ. କାର୍ତ୍ତିକ ଦାସ, ଡ. ଅଭିମନ୍ୟୁ ଭୂୟାଁ, ବିଜୟଲକ୍ଷ୍ମୀ ସାହୁ, ପ୍ରତିଭା ତ୍ରିପାଠୀ, ପ୍ରଭାକର ମିଶ୍ର, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଭବାନୀ ପ୍ରସାଦ ବଳିୟାର ସିଂହ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ଲେଖକ ବଦ୍ରୀ ମିଶ୍ର ଓ ପ୍ରାବନ୍ଧିକ ସତ୍ୟନାରାୟଣ ମିଶ୍ରଙ୍କୁ ବିନୋବା ଭାବେ ଶାନ୍ତି ସମ୍ମାନ ପ୍ରଦାନ କରାଯାଇଥିଲା। ମୁଧର ଚନ୍ଦ୍ର ମିଶ୍ର, ବିଜୟ ଚରଣ ମହାନ୍ତି, କ୍ରିଷ୍ଣା ମହାପାତ୍ରଙ୍କୁ 'ବିନୋବା ଭାବେ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଅବସରପ୍ରାପ୍ତ ପୋଲିସ୍ ଅଧିକାରୀ ଦେବେନ୍ଦ୍ର ଦାସ, ଅଧ୍ୟାପକ ପ୍ରମୋଦ ପଣ୍ଡା, ଇଂ. ଗିରିଜା ଶଙ୍କର ପାଢ଼ୀ, ଅନ୍ନପୂର୍ଣ୍ଣା ଦେବୀ, ଜ୍ୟୋତିର୍ବିଦ୍ ଅନାମ ଚନ୍ଦ୍ର ସାହୁ, ବିଜୟ ପଣ୍ଡା, ପ୍ରମୋଦା ଦେବୀ, ଗଙ୍ଗାଧର ଆଚାର୍ଯ୍ୟ, ପ୍ରସନ୍ନ ଦାସ, ନୃସିଂହ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ହେମାଙ୍ଗିନୀ ମହାନ୍ତି ଓ ପ୍ରତିମା ସୁଆର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ରାଜ୍ୟସ୍ତରୀୟରେ ଭାଗନେବେ ୧୪ ପ୍ରତିଯୋଗୀ

ପିପିଲି,୧୧।୯(ସ୍ୱ.ପ୍ର.)

ଟାଏକୋଣ୍ଡୋର କଲର ବେଲ୍ଟ ପ୍ରତିଯୋଗିତା

ପିପିଲି ଟିମ୍ ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ କଲର ବେଲ୍ଟ ପ୍ରତିଯୋଗିତା ନିକଟସ୍ଥ ପିପିଲି କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାମାରୀ କରୋନା କଟକଣା କୋହଳ ହେବା ପରେ ସରକାରଙ୍କ ନିୟମ ଅନୁସାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଆସୋସିଏଶନର ୩୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରୁ ୧୪ଜଣ ପ୍ରତିଯୋଗୀ ୟେଲୋ ବେଲ୍ଟ ହାସଲ କରିଥିଲେ। ଆଗାମୀ ଡିସେମ୍ବରରେ ଏହି ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି ବୋଲି ଆସୋସିଏଶନ ପକ୍ଷରୁ ସୂଚନା ମିଳିଛି । ଟାଏକୋଣ୍ଡୋ ଆସୋସିଏଶନର ରାଜ୍ୟ ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ୟେଲୋ ବେଲ୍ଟ ପ୍ରଦାନ କରିଥିଲେ। ପିପିଲି ଟିମ୍ ଟାଏକୋଣ୍ଡୋ ଆସୋସିଏଶନର ପ୍ରଶିକ୍ଷକ ଉପେନ୍ଦ୍ର ଘଡ଼େଇ ଓ ଦେବାଶିଷ୍ ସିଂରାୟନ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

କୋଣାର୍କରେ ହେବ କ୍ରୀଡ଼ା ଛାତ୍ରାବାସ

କୋଣାର୍କ,୧୧।୯(ଡି.ଏନ୍.ଏ.)

ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ଉଦ୍‌ଯାପନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ଭଦ୍‌ଯାପିତ

ଏକ ସୁସ୍ଥ ଭାରତ, ଯୁବ ଭାରତ ଗଠନ ପାଇଁ ଫିଟ ଇଣ୍ଡିଆ ଫ୍ରିଡମ ରନ ନିହାତି ଅପରିହାର୍ଯ୍ୟ ବୋଲି କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି। କୋଣାର୍କରେ ଏଭଳି କାର୍ଯ୍ୟ ହେଉଥିବାରୁ ମନ୍ତ୍ରୀ ପ୍ରଶଂସା କରିବା ସହ ଖୁବଶୀଘ୍ର ଏଠାରେ ଏକ କ୍ରୀଡ଼ା ଛାତ୍ରାବାସ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭାରତ ସରକାରଙ୍କ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ପୁରୀ ଜିଲା ନେହେରୁ ଯୁବକେନ୍ଦ୍ର ସହାୟତାରେ ଫ୍ରେଣ୍ଡସ କ୍ଲବ, ଶିରିପୁର ଓ ସାମାଜିକ ସଂଗଠନ ସମ୍ପର୍କ ମିଳିତ ଆନୁକୂଲ୍ୟରେ ଭାରତ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଚାଲିଥିବା ଫିଟ ଇଣ୍ଡିଆ ଫ୍ରିଡମ ରନ କାର୍ଯ୍ୟକ୍ରମ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସରରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର ସଂଯୋଜକ ଜୟଶଙ୍କର ଯୋଷୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ବେହେରା ଯୋଗଦେଇ ଯୁବ କ୍ରୀଡ଼ା ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ୮୯ଟି ଷ୍ଟାଡିୟମ ସଂକଳ୍ପକୁ ସ୍ମରଣ କରାଇଥିଲେ। ଯୁବ କେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶକ ନବୀନ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କୋଣାର୍କରେ ଏକ କ୍ରୀଡ଼ା ଛାତ୍ରାବାସ ଓ ଦୁଃସାହସିକ କ୍ରୀଡ଼ା ପ୍ରକଳ୍ପ ନିମନ୍ତେ ଏକ ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇବା ପାଇଁ ଉପସ୍ଥିତ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାହିତ୍ୟିକ ତଥା ଗୀତିକାର ବଦ୍ରି ମିଶ୍ର, ପ୍ରବୀର ପ୍ରଧାନ ଓ ଗୋପାଳ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ସମାଜସେବା ପାଇଁ ସାହିତ୍ୟିକ ବଦ୍ରି ମିଶ୍ର, କୋଣାର୍କର ରାମକୃଷ୍ଣ ମହାନ୍ତି, ଗଣେଶ ଚନ୍ଦ୍ର ସ୍ୱାଇଁ, ଏନ.ଏ ଶାହା ଅନ୍‌ସାରୀ ଓ ବାଲୁକାଶିଳ୍ପୀ ସରିତା ଗୋଛାୟତ ପ୍ରମୁଖଙ୍କୁ ମନ୍ତ୍ରୀ ବେହେରା ସମ୍ମାନିତ କରିଥିଲେ। ଏହି ଅବସରରେ ୨୦୦ଜଣ କ୍ରୀଡାବିତ, ସାମାଜିକ କର୍ମୀ, ଯୁବ ସଂଗଠନ ମୁଖ୍ୟ, ସ୍ୱେଚ୍ଛାସେବୀ ପ୍ରମୁଖ ଫିଟ ଇଣ୍ଡିଆ ଫ୍ରିଡ଼ମ ରନରେ ଯୋଗଦେଇ କୋଣାର୍କ ପରିକ

ସଂକ୍ଷେପରେ

ଉପକୃତ ହେବେ ୨.୫ ଲକ୍ଷ ଲୋକ

ଜଳ ବିଶୋଧନ ପ୍ଲାଣ୍ଟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଖୋର୍ଦ୍ଧା ଅଫିସ,୧୧।୯: ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳଯୋଗାଣ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଉଛନ୍ତି। ଖୋର୍ଦ୍ଧା ଜିଲାର ବେଗୁନିଆ, ଖୋର୍ଦ୍ଧା, ଜଟଣୀ ଏବଂ ଚିଲିକା ନିର୍ବାଚନମଣ୍ଡଳୀର ୪୨ ପଞ୍ଚାୟତର ୨୪୨ଗ୍ରାମର ୨.୫ଲକ୍ଷ ଲୋକେ ପାଇବେ ବିଶୁଦ୍ଧ ପାନୀୟଜଳ। ଏନେଇ ଶନିବାର ବିଧାୟକ ରାଜେନ୍ଦ୍ର କୁମାର ସାହୁ ବେଗୁନିଆ ନିକଟ କୁଶପଲ୍ଲା ଗ୍ରାମରେ ଜଳ ବିଶୋଧନ ପ୍ଲାଣ୍ଟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ୬ ଏକର ଜାଗାରେ ନିର୍ମାଣ କରାଯିବାକୁ ଥିବା ବେଳେ ଏଥିପାଇଁ ୩୪୮ କୋଟି ଟଙ୍କା ବ୍ୟୟ କରାଯିବ। ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆସନ୍ତା ଦୁଇ ବର୍ଷ ମଧ୍ୟରେ ଶେଷ ହେବ। କୁଶପଲ୍ଲାରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଦ୍ୱାରା ଅନ୍ୟ ଅଞ୍ଚଳ ବାସିନ୍ଦା ମଧ୍ୟ ଉପକୃତ ହେବେ ବୋଲି ବିଧାୟକ ସାହୁ କହିଛନ୍ତି। ଏଥିସହ କୁଶପଲ୍ଲା ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର, ଖେଳପଡିଆ ଓ ସୌନ୍ଦର୍ଯ୍ୟକରଣର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବିଧାୟକ କହିଥିଲେ, ବେଗୁନିଆ ଏବଂ ବୋଲଗଡ଼ ଠାରେ ମିନି ଷ୍ଟାଡିୟମ ମୁକ୍ତ ଜିମ୍ନାଷ୍ଟିକ(ଶାରୀରିକ କସରତ) ପାଇଁ ବିଧାୟକ ପାଣ୍ଠିରୁ ୭.୫ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। କରୋନା ଯୋଗୁ ବେଗୁନିଆ ଓ ବୋଲଗଡ଼ ବିକାଶ କାର୍ଯ୍ୟ ପଛେଇଯାଇଛି। ସମସ୍ତଙ୍କ ସହଯୋଗ ରହିଲେ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିବ। ଏହି ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ, ଠିକା ସଂସ୍ଥା କର୍ମଚାରୀଙ୍କ ସମେତ ବେଗୁନିଆ ବ୍ଲକର ଅନେକ ସରପଞ୍ଚ, ସମିତିସଭ୍ୟ ଏବଂ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

ପିସିସି ଗଣମାଧ୍ୟମ ସଂଯୋଜକଙ୍କ ପିତୃ ବିୟୋଗ

ଭୁବନେଶ୍ୱର,୧୧।୯(ବ୍ୟୁରୋ): ପ୍ରଦେଶ କଂଗ୍ରେସ କମିଟି (ପିସିସି) ଗଣମାଧ୍ୟମ ବିଭାଗ ସଂଯୋଜକ ଦୀପକ କୁମାର ମହାପାତ୍ରଙ୍କ ବାପା ରମେଶ ଚନ୍ଦ୍ର ମହାପାତ୍ରଙ୍କର ୭୭ ବର୍ଷ ବୟସରେ ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଜଣେ ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ଭାବରେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ସେକ୍ସନ ଅଫିସର ଭାବେ ସରକାରୀ ଚାକିରିରୁ ଅବସର ଗ୍ରହଣ ପରେ ଅନେକ ସମାଜସେବା କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଥିଲେ। ସ୍ୱର୍ଗତ ମହାପାତ୍ରଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ପ୍ରାଥମିକ ଉପଚାର ଦ୍ୱାରା ଦୁର୍ଘଟଣା ମୃତ୍ୟୁ କମିବ

ବିଶ୍ୱ ପ୍ରାଥମିକ ଉପଚାର ଦିବସ

ଭୁବନେଶ୍ୱର, ୧୧।୯ (ବ୍ୟୁରୋ)

ପ୍ରାଥମିକ ଉପଚାର ମାଧ୍ୟମରେ ଜଣେ ଅସୁସ୍ଥ ବା ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଜୀବନ ସୁରକ୍ଷା କରାଯିବା ସହ ସୁରକ୍ଷିତ ଭାବେ ଡାକ୍ତରଖାନାରେ ପହଞ୍ଚାଯାଇ ପାରିବ। ସାଧାରଣତଃ ଆଶୁ ଉପଚାର ମାଧ୍ୟମରେ ଆହତଙ୍କ ଅବସ୍ଥାରେ ଉନ୍ନତି ଆଣିବା ସହିତ ଉଚିତ ପଦ୍ଧତିରେ ସ୍ଥାନାନ୍ତରୀକରଣ ପ୍ରାଥମିକ ଉପଚାରର ପ୍ରାରମ୍ଭିକ ଲକ୍ଷ୍ୟ। ଦୁର୍ଘଟଣାସ୍ଥଳରେ ଉପସ୍ଥିତ ବ୍ୟକ୍ତିଙ୍କୁ ଏହି ଦିଗରେ ପ୍ରଶିକ୍ଷଣ ଦିଆଯାଇ ପାରିଲେ ପରବର୍ତ୍ତୀ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରାଯାଇପାରିବ ବୋଲି ମତ ପ୍ରକାଶ ପାଇଛି। ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ଶନିବାର 'ବିଶ୍ୱ ପ୍ରାଥମିକ ଉପଚାର ଦିବସ' ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା ସଭାପତିତ୍ୱ କରି ପ୍ରାଥମିକ ଉପଚାର କ୍ଷେତ୍ରରେ ରେଡକ୍ରସ ସୋସାଇଟିର ଅବଦାନ ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ପରିବହନ ଆୟୁକ୍ତ ଅରୁଣ ବୋଥ୍ରା ଯୋଗଦେଇ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିଭିନ୍ନ ଯୋଜନା ଉପରେ ମତ ରଖିବା ସହ ପ୍ରଶିକ୍ଷଣର ସୁଫଳ ପାଇଁ ରେଡକ୍ରସର ସହଯୋଗ କାମନା କରିଥିଲେ। ଅନ୍ୟତମ ଅତିଥି ଭାବେ ସହ ଆୟୁକ୍ତ ସଂଜୟ ବିଶ୍ୱାଳ ସଡକ ସୁରକ୍ଷା ଓ ପ୍ରାଥମିକ ଉପଚାରର ବିଭିନ୍ନ ଦିଗ ଉପରେ କହିଥିଲେ।

ଏହି ଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ଓଡିଆ ଭାଷାରେ ଉପଚାର ପୁସ୍ତିକା 'ପ୍ରାଥମିକ ସହାୟତା ସୂଚନା'କୁ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ କଟକ ଓ ଭୁବନେଶ୍ୱର ଯୁବ ଏବଂ କନିଷ୍ଠ ରେଡକ୍ରସର ପରାମର୍ଶଦାତା ଓ ସ୍ୱେଚ୍ଛାସେବୀମାନେ ଅଂଶ ଗ୍ରହଣ କରିଥିଲେ। ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

ପ୍ରାଥମିକ ଉପଚାରର ବିଭିନ୍ନ କୌଶଳର ପ୍ରଶିକ୍ଷଣ ଦିଆଯାଉଛି।

ଉପଚାର ପୁସ୍ତିକା 'ପ୍ରାଥମିକ ସହାୟତା ସୂଚନା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ତାଲିମ ନେଲେ ଟ୍ରାଫିକ କର୍ମଚାରୀ

ଭୁବନେଶ୍ୱର, ୧୧।୯(ବ୍ୟୁରୋ)

ଦୁର୍ଘଟଣା ଆହତଙ୍କୁ କିପରି ତ୍ୱରିତ ପ୍ରାଥମିକ ଚିକିତ୍ସା କରାଯାଇ ଜୀବନ ରକ୍ଷା କରାଯାଇପାରିବ ସେନେଇ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶନିବାର 'ବିଶ୍ୱ ପ୍ରାଥମିକ ଉପଚାର' ଦିବସ ପାଳିତ ହୋଇଛି। ଏହି ଅବସରରେ କମିଶନରେଟ ଟ୍ରାଫିକ ପୋଲିସ ଓ ସେଣ୍ଟ୍ ଜନ୍ ଆମ୍ବୁଲାନ୍ସ ଆନୁକୂଲ୍ୟରେ ଏଜି ଛକସ୍ଥିତ ଟ୍ରାଫିକ ଥାନା-୧ରେ ଟ୍ରାଫିକ କର୍ମଚାରୀଙ୍କ ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ସେଣ୍ଟ ଜନ୍ ଆମ୍ବୁଲାନ୍ସ ନିର୍ଦ୍ଦେଶକ ବନଶ୍ରୀ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଦୁର୍ଘଟଣାଗ୍ରସ୍ତଙ୍କୁ ଠିକ୍ ମୟରେ ସହାୟତା କରିବା ସହିତ ଆବଶ୍ୟକ ପ୍ରାଥମିକ ଉପଚାର କରାଯାଇ ତୁରନ୍ତ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇ ପାରିଲେ ଅନେକ ଜୀବନ ରକ୍ଷା କରାଯାଇପାରିବ ବୋଲି ସେ କହିଥିଲେ।

ସେଣ୍ଟ୍ ଜନ୍ ଆମ୍ବୁଲାନ୍ସର ସମ୍ପାଦକ ଡ. ସନତ ପଟ୍ଟନାୟକ, ଅତିରିକ୍ତ କମିଶନର କାଳିପ୍ରସାଦ ମିଶ୍ର, ସହକାରୀ କମିଶନର ପୁରୁଷୋତ୍ତମ ବଳ, ଅତିରିକ୍ତ ଟ୍ରାଫିକ ପୋଲିସ ଉପାୟୁକ୍ତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଅତିରିକ୍ତ ପୋଲିସ ଆୟୁକ୍ତ ସ୍ୱସ୍ତିକ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସେଣ୍ଟ୍ ଜନ ଆମ୍ବୁଲାନ୍ସ ସଂସ୍ଥାର ତାଲିମ କମିଶନର ଡ.ପ୍ରମୋଦ ମହାପାତ୍ର କିପରି ଦୁର୍ଘଟଣାଗ୍ରସ୍ତଙ୍କୁ ପ୍ରାଥମିକ ଉପଚାର ପ୍ରଦାନ କରି ଜୀବନ ରକ୍ଷା କରାଯାଇପାରିବ ସେ ନେଇ ତାଲିମ ପ୍ରଦାନ କରିଥିଲେ। ଟ୍ରାଫିକ ପୋଲିସ କନଷ୍ଟେବଳଙ୍କ ସମେତ ସେଣ୍ଟ ଜନ୍ ଆମ୍ବୁଲାନ୍ସ ସଂସ୍ଥାର କର୍ମଚାରୀ ସାମିଲ ଥିଲେ।

ତାଲିମ କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଅନ୍ୟମାନେ।

ସୁଦର୍ଶନ କ୍ରାଫ୍ଟ ବୁଲି ଦେଖିଲେ ରାଜ୍ୟପାଳ

ପୁରୀ ଅଫିସ,୧୧।୯

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଚାରି ଦିନିଆ ପୁରୀ ଗସ୍ତରେ ଅଛନ୍ତି। ଗସ୍ତର ୩ୟ ଦିନରେ ଅର୍ଥାତ୍ ଶନିବାର ପୁରୀ ଷ୍ଟେଶନ ରୋଡସ୍ଥିତ ସୁଦର୍ଶନ କ୍ରାଫ୍ଟସ୍ ଭ୍ରମଣରେ ଯାଇଥିଲେ। ପରିବାର ସହ ରାଜ୍ୟପାଳ ବିଭିନ୍ନ କଳା ଓ ସ୍ଥାପତ୍ୟକୁ ଦେଖି ଅତ୍ୟନ୍ତ ଖୁସି ହୋଇଥିବା ବେଳେ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ ମହାମହିମଙ୍କୁ ବୁଲାଇ ଦେଖାଇଥିଲେ। ଏହି ଅବସରରେ ଉପସ୍ଥିତ ସଂସ୍କୃତ ପ୍ରେମୀମାନେ ରାଜ୍ୟପାଳଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ତୁଳସୀ ଚାରା ଓ ବୁଦ୍ଧ ମୂର୍ତ୍ତି ଦେଇ ସମ୍ମାନିତ କରିଛନ୍ତି। ରାଜ୍ୟପାଳ ଗଣେଶୀ ଲାଲ କହିଛନ୍ତି, ଏଭଳି କଳାସ୍ଥାପତ୍ୟକୁ ଦେଖିପାରିବା ତାଙ୍କର ସୌଭାଗ୍ୟ। କଳାପ୍ରେମୀ ଲୋକଙ୍କ ଗହଣରେ ଏଭଳି ପରିଭ୍ରମଣ ଚମତ୍କାର ମନେ ହୁଏ। ପଥର ମୂର୍ତ୍ତିରେ କାରିଗରୀ ଦେଖି ରାଜ୍ୟପାଳ ଆଚମ୍ବିତ ହେବା ସହ କାରୀଗରଙ୍କ ସହ ଆଲୋଚନା କରିଛନ୍ତି। ଶିଳ୍ପୀଙ୍କ କାର୍ଯ୍ୟକଳାପକୁ ପ୍ରଶଂସା କରିବା ସହ ସମସ୍ତ ପ୍ରକାର ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ କହିଛନ୍ତି। ତେବେ ଫେରିବା ବେଳେ ବୁଦ୍ଧଙ୍କ ମନ୍ଦିରରେ ରାଜ୍ୟପାଳ ଧୂପ ଆଳତି କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁଦର୍ଶନ ସାହୁଙ୍କ ସମେତ ତାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ସାହୁ, ଜ୍ୟେଷ୍ଠପୁତ୍ର ରବିନାରାୟଣ ସାହୁ, ପୁତ୍ରବଧୂ ବନ୍ଦିତା ସାହୁ, ଶିଳ୍ପୀ ଭାସ୍କର ମହାରଣା, ସାହିତ୍ୟିକ ଶ୍ୟାମପ୍ରକାଶ ସେନାପତି, ସଙ୍ଗଠକ ଶ୍ରେୟସ ସାହୁ ଓ ରବୀନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

ଶ୍ରୀଲିଙ୍ଗରାଜଙ୍କ ଯାତ୍ରୀ ନିବାସ ସମ୍ପତ୍ତି ପୁନରୁଦ୍ଧାର ପାଇଁ ଶନିବାର ଲିଙ୍ଗରାଜ ମନ୍ଦିର ଆଗରେ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ପ୍ରତିବାଦ କରାଯାଉଛି।

'ମୁହୂର୍ତ୍ତର ମାନଚିତ୍ର' ପୁସ୍ତକ ଉନ୍ମୋଚିତ

ବାଲକାଟୀ,୧୧।୯(ଡି.ଏନ୍.ଏ.)

ଲେଖକ, ଗାଳ୍ପିକ ତଥା ଚଳଚ୍ଚିତ୍ର ସଂଳାପ ଲେଖକ ଡ. ରଜନୀ ରଞ୍ଜନ ଦାଶଙ୍କ ରଚିତ ପୁସ୍ତକ 'ମୁହୂର୍ତ୍ତର ମାନଚିତ୍ର' ଶନିବାର ଉନ୍ମୋଚିତ ହୋଇଯାଇଛି। ବାଲିଅନ୍ତସ୍ଥିତ ପୂର୍ତ୍ତ ବିଭାଗର ସରଦେଇପୁର ଡାକବଙ୍ଗଳାରେ ବାଲିଅନ୍ତା ପ୍ରେସ୍ କ୍ଲବ ଆନୁକୂଲ୍ୟରେ ଏହି ପୁସ୍ତକ ଉନ୍ମୋଚନ ଉତ୍ସବ ଆୟୋଜନ କରାଯାଇଥିଲା। କ୍ଲବର ସଭାପତି ସୋମନାଥ ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଗାଳ୍ପିକ ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗଦେଇ କ୍ଷୁଦ୍ରଗଳ୍ପ ପୁସ୍ତକ ମୁହୂର୍ତ୍ତର ମାନଚିତ୍ରରେ ଲେଖକଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଭାବେ କବି ଡ.ଅଜୟ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ମାନସ ରଞ୍ଜନ ସାମଲ ଯୋଗଦେଇଥିଲେ। କବି ବିପିନ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବାଲିପାଟଣା ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା, ପୂର୍ଣ୍ଣଚନ୍ଦ୍ର ମହାରଣା, ଅରୁଣ ମହାନ୍ତି, ରମାକାନ୍ତ ଗୋଛାୟତ, ବିଦ୍ୟାଧର ଗୁରୁ, ବଙ୍କିମ ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ପକ୍ଷୀଘର ପ୍ରକାଶନୀ ପକ୍ଷରୁ ବନୋଜ ତ୍ରିପାଠୀଙ୍କ ଦ୍ୱାରା ଏହି ପୁସ୍ତକ ପ୍ରକାଶିତ ହୋଇଛି। ଶେଷରେ ଖବରଦାତା ଅଭିମନ୍ୟୁ ନାୟକ ଧନ୍ୟବାଦ ଦେଇଥିଲେ।

ଡ. ରଜନୀ ରଞ୍ଜନ ଦାଶଙ୍କ ରଚିତ ପୁସ୍ତକ 'ମୁହୂର୍ତ୍ତର ମାନଚିତ୍ର'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

'ସମାଜ ସେବା ପାଇଁ ନିଜକୁ ଉତ୍ସର୍ଗ କର'

ପୁରୀ ଅଫିସ, ୧୧।୯

ଯୁଥ୍ ଫର ଆକ୍ସନ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଶନିବାର ପୁରୀ ଜିଲା ଓ ପୌରାଞ୍ଚଳର କର୍ମକର୍ତ୍ତା ଚୟନ ବୈଠକ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ରାଜ୍ୟ ଉପସଭାପତି ଭବାନୀ ଦାସ ମହାପାତ୍ର ନେତୃତ୍ୱରେ ଯୁଥ୍ ଫର ଆକ୍ସନର ଏହି ବୈଠକ ସଂସ୍କୃତି ଭବନ ସଭାକକ୍ଷରେ ଅନୁଷ୍ଠିତ ହୋଇଥିଲା। ସଂସ୍ଥାର ଅଧ୍ୟକ୍ଷ ତଥା ଏମ୍‌ପି ଅପରାଜିତା ଷଡଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମସ୍ତ ସଦସ୍ୟଙ୍କୁ ସମ୍ମାନିତ କରିବା ସହ ସମାଜସେବା ପାଇଁ ନିଜକୁ ଉତ୍ସର୍ଗୀକୃତ କରିବାକୁ ଆହ୍ୱାନ ଦେଇଥିଲେ। ଅସହାୟ, ଗରିବଙ୍କୁ ସହଯୋଗର ହାତ ବଢଇବା ହେଉଛି ଏହି ସଂସ୍ଥାର ଲକ୍ଷ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସଂଯୋଜକ ଦେବାଶିଷ ନାୟକ, ସହ ସଂଯୋଜକ ସୁଜିତ ସିଂହ, ପୂର୍ବ ଓଡ଼ିଶା ସଭାପତି ରାଜେନ୍ଦ୍ର ନାୟକ, ରାଜ୍ୟ ସମ୍ପାଦକ ରବୀନ୍ଦ୍ର ସ୍ୱାଇଁ, ପୁରୀ ଜିଲା ସଭାପତି ତାପସ ରଞ୍ଜନ ନାୟକ ଏବଂ ରାଜ୍ୟ ସମ୍ପାଦକ ପ୍ରଣୟ କରଣ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ଜିଲା ପଦାଧିକାରୀ, ବ୍ଲକ୍ ସଭାପତି ଏବଂ ସାଧାରଣ ସମ୍ପାଦକଙ୍କ ନାମ ଘୋଷଣା କରାଯାଇ ସମର୍ଥିତ କରାଯାଇଥିଲା।

ଏକାମ୍ର ନିର୍ବାଚନମଣ୍ଡଳୀରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ

ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଚାରା ବଣ୍ଟନ କରୁଛନ୍ତି।

ଭୁବନେଶ୍ୱର,୧୧।୯(ବ୍ୟୁରୋ)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ୱାର୍ଡ ନଂ. ୪୮ ଓୟୁଏଟି କଲୋନୀଠାରେ ଅଣଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ବୃକ୍ଷ ରୋପଣ ଓ ଚାରା ବିତରଣ କାର୍ଯ୍ୟକ୍ରମରେ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ଓୟୁଏଟିର କୁଳପତି ପବନ ଅଗ୍ରୱାଲ ଉପସ୍ଥିତ ଥିଲେ। ସଂଘର ସଭାପତି ଜ୍ୟୋତି ରଞ୍ଜନ ସେନାପତି, ସମ୍ପାଦକ ରଞ୍ଜନ ସାମନ୍ତରାୟ, ପୂର୍ବତନ କର୍ପୋରେଟର ବିନୟିନୀ ଜେନା, ପ୍ରତାପ ସାହୁ, ସୁଜିତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ନିର୍ମିତ ୱାର୍ଡ ନଂ. ୪୯ର କୋଳଥିଆ ରାଜୀବ ନଗର ଆବାସିକ କଲ୍ୟାଣ ସମିତିର କମ୍ୟୁନିଟି ସେଣ୍ଟର, ଖଣ୍ଡଗିରି ବିହାର କୋଳଥିଆ ଏବଂ ଖଣ୍ଡଗିରି ବିହାର ଖଣ୍ଡଗିରିର କମ୍ୟୁନିଟି ସେଣ୍ଟରକୁ ମନ୍ତ୍ରୀ ପଣ୍ଡା ଉଦ୍‌ଘାଟନ କରିବା ସହ ଭାରତ ମାତା ମହିଳା ମହାସଂଘ ପକ୍ଷରୁ ଏକ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମରେ କୋଳଥିଆ ଗ୍ରାମ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ, ମୁଜାହିଦ ହୁସେନ, ହୃଦୟବଲ୍ଲଭ ସାମନ୍ତରାୟ, ମହିଳା ମହାସଂଘର ସଭାପତି ବବିତା ନାୟକ, ବିଭିନ୍ନ କଲୋନୀର କର୍ମକର୍ତ୍ତାମାନଙ୍କ ମଧ୍ୟରେ ନୃସିଂହ ଚରଣ ଦାସ, ଜୟକୃଷ୍ଣ ପ୍ରଧାନ, ଉପେନ୍ଦ୍ର ପାଢ଼ୀ, ବିଦ୍ୟାଧର ବେହେରା, ରମେଶ ନାୟକ,କୈଳାସ ପାତ୍ର, ପ୍ରସନ୍ନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଖାଲଖମାରେ ବାସୁଦେବ ନଗର ରାସ୍ତା

ପୁରୁଣା ଭୁବନେଶ୍ୱର,୧୧।୯(ଡି.ଏନ୍.ଏ.)

ସରକାର ଗମନାଗମନ ସୁବିଧା ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏବେ ବି ଅନେକ ରାସ୍ତା ଭଲ ନ ଥିବାରୁ ଲୋକେ ଯାତାୟାତରେ ହଇରାଣ ହେଉଛନ୍ତି। କେଉଁଠି ଠିକାଦାରଙ୍କ ମନମାନୀ ତ'ଆଉ କେଉଁଠି ବିଭାଗୀୟ ଅଧିକାରୀଙ୍କ ପରିଚାଳନାରେ ତ୍ରୁଟି ଯୋଗୁ ଅନେକ ପ୍ରକଳ୍ପ ବ୍ୟର୍ଥ ଯାଉଛି। ଭୁବନେଶ୍ୱରର ଟଙ୍କପାଣି ରୋଡ ସାଇମନ୍ଦର ସମ୍ମୁଖ ବାସୁଦେବ ନଗର ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତାରେ ଖାଲଖମା ହେବାରୁ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉପରେ ବାସୁଦେବ କଲୋନୀର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପରିବାର ନିର୍ଭର କରିଥାନ୍ତି। ଅସରାଏ ବର୍ଷା ହେଲେ ରାସ୍ତାରେ ହୋଇଥିବା ଖାଲଖମାରେ ପାଣି ଭର୍ତ୍ତି ହୋଇଯିବାରୁ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏଥିସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏନେଇ ସ୍ଥାନୀୟ ବାସିନ୍ଦା ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଭୁବନେଶ୍ୱର ବ୍ଲକ ବିଡିଓ ରମେଶ ଚନ୍ଦ୍ର ସେଠୀ କହିଛନ୍ତି, ଲିଖିତ ଅଭିଯୋଗ ଆସିଲେ

ଏ ସପ୍ତାହର ପ୍ରଶ୍ନ

୧– ସାମ୍ବାଦିକମାନଙ୍କ ଲାଗି..... ରାଜ୍ୟ ସରକାରଙ୍କ ପକ୍ଷରୁ ପତ୍ରକାର 'କଲ୍ୟାଣ କୋଶ' କାର୍ଯ୍ୟକାରୀ କରାଯାଇଛି ?
୨– ୱାର୍ଲ୍ଡ ଷ୍ଟାମ୍ପ ଏକ୍‌ଜିବିଶନ୍‌'ଫିଲାନିପ୍ପନ ୨୦୨୧' ..... ଠାରେ ଆୟୋଜିତ ହୋଇଥିଲା ?
୩– ନିକଟରେ..... ରାଜ୍ୟରେ ୟୁନିଭର୍ସିଟି ଅଫ୍ ହେଲ୍‌ଥ ସାଇନ୍ସେସ୍ ବିଲ୍ ୨୦୨୧ ଲାଗୁ ହୋଇଛି ?
୪– ରାଜ୍ୟ ସଭାର ନୂଆ ସେକ୍ରେଟାରି ଜେନେରାଲ୍ ଭାବେ..... ନିଯୁକ୍ତ ହୋଇଛନ୍ତି ?
୫– ନ୍ୟାଶନାଲ୍ ସ୍କଲ୍ ଇଣ୍ଡଷ୍ଟ୍ରି ଡେ' ..... ତାରିଖରେ ପାଳନ କରାଯାଏ ?

ଗତ ଥରର ଉତ୍ତର

୧ – ଏମା ମ୍ୟାକେଅନ୍
୨ – ଇକ୍ୱିଟାସ୍ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ
୩ – ଭାରତ
୪ – ଚୀନ ଦେଶର ଜୀବ
୫ – ତାହିରା ସଫ୍‌ଦାର୍

ଉତ୍ତରଦାତା

ଏନ୍. ଭାଲୁ ପାତ୍ର, ସୋରଡା

ଶେଖ୍ ୟାକୁବ୍, ଗୋପ, ପୁରୀ

ସୂଚନା: ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

ଯୁବ ପ୍ରତିଭା

ଇଣ୍ଟରନ୍ୟାଶନାଲ୍ ମଡେଲ୍ ହେବାକୁ ଲକ୍ଷ୍ୟ

ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇବାକୁ ସେ ଖୁବ୍ ଭଲ ପାଆନ୍ତି। ଯେଉଁଥିପାଇଁ କ୍ୟାମେରା ସହ ତାଙ୍କର ବିତେ ଅଧିକ ସମୟ। ଏହି ନିଶା ହିଁ ଏବେ ତାଙ୍କୁ ଜଣେ ସଫଳ ମଡେଲ୍ ଭାବେ ନିଜର ଏକ ସତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସହଯୋଗ କରିଛି। ସେ ହେଉଛନ୍ତି ଢେଙ୍କାନାଳ ଜିଲା ଉତ୍ତର ମଧୁବନସ୍ଥିତ କୁଞ୍ଜକାନ୍ତରେ ରହୁଥିବା ମଧୁମିତା ଏବଂ ବିଶ୍ୱଜିତ୍ ରାଉତରାୟଙ୍କ ଝିଅ ସ୍ୱପ୍ନା ପ୍ରିୟଦର୍ଶିନୀ। ପିଲାଦିନୁ ନୃତ୍ୟ ପ୍ରତି ତାଙ୍କର ବିଶେଷ ରୁଚି ରହିଥିଲା। ତେଣୁ ସେ ମାତ୍ର ୫ ବର୍ଷ ବୟସରୁ ହିଁ ଓଡ଼ିଶୀ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ଏହାପରେ ସମ୍ବଲପୁରୀ, କଣ୍ଟେମ୍ପରାରି ଏବଂ ବ୍ୟାଲେଟ୍ ଡ୍ୟାନ୍ସ ଫର୍ମ ମଧ୍ୟ ଶିଖିଥିଲେ। ଏହା ସହ ଆକ୍ଟିଂ ଏବଂ ମଡେଲିଂରେ ମଧ୍ୟ ଆରମ୍ଭରୁ ତାଙ୍କର ଆଗ୍ରହ ରହିଆସିଛି। ଜଣେ ଶିଶୁ କଳାକାର ଭାବେ ସେ ଦେଶର ବିଭିନ୍ନ ସ୍ଥାନରେ ନିଜ ଅଭିନୟର ଯାଦୁ ଦେଖାଇ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଛନ୍ତି ଆଉ ସାଉଁଟିଛନ୍ତି ଅନେକ ପ୍ରଶଂସା ଓ ପୁରସ୍କାର। ଏହାବ୍ୟତୀତ ସେ ଏକ ତେଲୁଗୁ ଡ୍ୟାନ୍ସ ରିଆଲିଟି ଶୋ'ଏବଂ ଡ୍ୟାନ୍ସ ବେବି ଡ୍ୟାନ୍ସ ନାମକ ଡ୍ୟାନ୍ସ ଶୋ ଆଦିରେ ଅଂଶଗ୍ରହଣ କରି ବେଶ୍ ଲୋକପ୍ରିୟତା ହାସଲ କରିପାରିଛନ୍ତି। ୨୦୧୫ରେ କିଟ୍ ଲିଟଲ୍ ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଫାଷ୍ଟ ରନର୍ସ ଅପ୍ ହେବା ସହ ଆଲୀ କ୍ଲବ୍ ମିସ୍ ଏବଂ ମିଷ୍ଟର ଟିନ୍ ଇଣ୍ଡିଆରେ ସେକେଣ୍ଡ ରନର୍ସଅପ୍ ହୋଇଥିଲେ। ୨୦୧୮ରେ ସେ ମିସ୍ ଟୁରିଜମ୍ ଆଣ୍ଡ କଲ୍ଚର ୟୁନିଭର୍ସ ପ୍ରତିଯୋଗିତାରେ ଭାରତକୁ ରିପ୍ରେଜେଣ୍ଟ କରି ୩ୟ ରନର୍ସ ଅପ ଏବଂ ମିସ୍ ଫଟୋଜେନିକ୍ ଆୱାର୍ଡ ପାଇଥିଲେ। ମଡେଲିଙ୍ଗ୍ ଦୁନିଆରେ ଅହୁରି ଉନ୍ନତି କରିବା ଲକ୍ଷ୍ୟ ନେଇ ସେ ୨୦୧୯ଠାରୁ ମୁମ୍ବାଇରେ ରହୁଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ନୀତା ଲୁଲା, ରୋହିତ ବର୍ମାଙ୍କ ଭଳି ଅନେକ ଲୋକପ୍ରିୟ ଫ୍ୟାଶନ୍ ଡିଜାଇନରଙ୍କ ପାଇଁ ମଡେଲିଙ୍ଗ୍ କରିସାରିଛନ୍ତି। ଏହା ସହ ଲାକ୍‌ମେ ଫ୍ୟାଶନ୍ ୱିକ୍ ଏବଂ ବ୍ଲେଣ୍ଡର ପ୍ରାଇଡ୍ ମ୍ୟାଜିକାଲ୍ ରନ୍‌ୱେ ଆଦିରେ ମଧ୍ୟ କାର୍ଯ୍ୟ କରି ମଡେଲିଂରେ ଥିବା ନିଜ ଦକ୍ଷତା ପ୍ରଦର୍ଶନ କରିସାରିଛନ୍ତି। ବର୍ତ୍ତମାନ ସେ ଏମ୍‌ଟିଭିରେ ପ୍ରସାରିତ ରିଆଲିଟି ଶୋ' ସୁପର ମଡେଲ୍ ସିଜନ୍–୨ରେ ଶ୍ରେଷ୍ଠ ୯ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଅଛନ୍ତି। ସେ ଏକମାତ୍ର ଓଡ଼ିଆ ଝିଅ ଭାବେ ଏହି ଶୋ'ରେ ଅଂଶଗ୍ରହଣ କରି ନିଜ ରାଜ୍ୟର ବିଭିନ୍ନ ପାରମ୍ପରିକ ପୋଷାକକୁ ଫ୍ୟାଶନ୍ ଦୁନିଆରେ ସାମିଲ୍ କରିବାର ପ୍ରଚେଷ୍ଟା ଚଳାଛନ୍ତି। ସେ କୁହନ୍ତି, 'ବାପା ପେସାରେ ଜଣେ ବ୍ୟାଙ୍କର୍ ହୋଇଥିବାରୁ ଓଡ଼ିଶାର ବିଭିନ୍ନ ଜିଲା ସମେତ ହାଇଦ୍ରାବାଦ, ରାୟପୁର ସହ ଦେଶର ବିଭିନ୍ନ ସ୍ଥାନରେ ରହିଛି, ଯାହାଦ୍ୱାରା ବିଭିନ୍ନ ସ୍ଥାନର ନୃତ୍ୟଶୈଳୀ ଶିଖିବା ସହ ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ମିଳିଛି। ବିଭିନ୍ନ ନ୍ୟାଶନାଲ୍ ଚ୍ୟାନେଲ୍‌ରେ ପ୍ରସାରିତ ଶୋ'ଗୁଡ଼ିକରେ ଅଂଶଗ୍ରହଣ କରି ଯେତିକି ସଫଳତା ନ ପାଇଛି ତା'ଠାରୁ ଯଥେଷ୍ଟ ଅଧିକ ଶିଖିବାର ମଉକା ପାଇଛି। ତେବେ ଏ ସବୁ ମଧ୍ୟରେ ବର୍ତ୍ତମାନ ଅଂଶଗ୍ରହଣ କରିଥିବା ଶୋ'ରେ ରଙ୍ଗବତୀ ଗୀତରେ ଷ୍ଟେଜ୍ ଉପରେ ମଲାଇକା ଅରୋରା, ମିଲିନ୍ଦ ସୋମନ୍, ଅନୁଶା ଦାଣ୍ଡେକର ଭଳି ସେଲିବ୍ରିଟି ଜଜ୍‌ଙ୍କ ସହ ଡ୍ୟାନ୍ସ କରିବାର ଅନୁଭୂତି ଥିଲା ନିଆରା, ଯାହାର ଭିଡିଓ ଭାଇରାଲ୍ ହେବା ଦ୍ୱାରା ଦର୍ଶକଙ୍କଠାରୁ ମିଳିଥିବା ପ୍ରଶଂସା କୌଣସି ପୁରସ୍କାର ଠାରୁ କମ୍ ନ ଥିଲା।' ନିଜର ପ୍ରତ୍ୟେକ ସଫଳତା ପଛରେ ମା'ବାପାଙ୍କୁ ପ୍ରେରଣାର ଉତ୍ସ ମାନୁଥିବା ସ୍ୱପ୍ନା ଭବିଷ୍ୟତରେ ଜଣେ ଇଣ୍ଟରନ୍ୟାଶନାଲ ମଡେଲ୍ ହେବାର ଲକ୍ଷ୍ୟ ରଖିଛନ୍ତି।

– ପୌର୍ଣ୍ଣମାସୀ

ସ୍ୱପ୍ନା ପ୍ରିୟଦର୍ଶିନୀ

ମନ୍‌ସୁନ୍ ଟ୍ରିପ୍

ବର୍ଷାକୁ କାହାର ବା ଅପେକ୍ଷା ନ ଥାଏ। ସେ ଖରାରେ ଶୁଖି ଶୁଖି ଫାଟି ଆଁ କରିଥିବା ଟାଙ୍ଗରା ଭୂଇଁ ହେଉ କି ଗରମ ଗୁଳୁଗୁଳିରେ ଅତିଷ୍ଠ ହୋଇ ପଡ଼ିଥିବା ଜୀବଜଗତ, ସଭିଏଁ ଆତ୍ମସନ୍ତୋଷ ଲାଭ କରନ୍ତି ଅସରାଏ ବର୍ଷାର ସ୍ପର୍ଶରେ। ଆଉ ଏହି ବର୍ଷାରେ ବି ବୁଲିବାକୁ ଭଲ ପାଆନ୍ତି ଅନେକେ । ଯାହା ମଧ୍ୟରେ ଯୁବପିଢ଼ିଙ୍କ ସଂଖ୍ୟା ସର୍ବାଧିକ । ଆଉ ଏହି ନିଶାରେ ନା ଥାଏ ସେମାନଙ୍କୁ ଭିଜିବାର ଡର ନା ସ୍ୱାସ୍ଥ୍ୟ ସମସ୍ୟାକୁ ଖାତିର...

ଥଣ୍ଡା ଥଣ୍ଡା ପବନ ସାଙ୍ଗକୁ ବର୍ଷା ଛିଟା, ଦେହ ଆଉ ମନରେ ଭରିଦିଏ ଅପୂର୍ବ ଆନନ୍ଦ। ଏମିତି ପାଗରେ ସାଙ୍ଗସାଥିଙ୍କ ସହ ଏକାଠି ବୁଲିବାର ମଜା ନେବାରେ ସବୁଠୁ ଆଗରେ ଯୁବପିଢ଼ି। ହେଲେ କେବେ କେବେ ଏହି ମଜା ଅନେକଙ୍କ ଲାଗି ସଜା ପାଲଟିଯାଏ। ତେଣୁ ମନ୍‌ସୁନ୍ ଟ୍ରିପ୍‌ରେ ଯିବା ବେଳେ ବିଶେଷକରି ଏହି କରୋନା କାଳରେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସଜାଗ ରହିବା ବେଶ୍ ଗୁରୁତ୍ୱପୂର୍ଣ୍ଣ...

ପାଖରେ ରଖନ୍ତୁ ଏମର୍ଜେନ୍ସି କିଟ୍: ରେନି ଡେ' ଟ୍ରିପ୍‌ରେ ଯାଉଥିଲେ ସାଙ୍ଗରେ ଅଧିକ ଦୁଇ ତିନି ହଳ ଶୁଖିଲା ଡ୍ରେସ୍, ଟାୱାଲ ଆଦି ନିଶ୍ଚୟ ରଖନ୍ତୁ। ଯାହାଦ୍ୱାରା ହଠାତ୍ ଓଦା ହୋଇଗଲେ ତୁରନ୍ତ ବଦଳାଇ ଶୁଖିଲା ପୋଷାକ ପିନ୍ଧିପାରିବେ। ବୁଲିବା ବେଳେ କଟନ, ଜିନ୍ସ ଆଦି ଭଳି ଭାରି ପୋଷାକ ପରିବର୍ତ୍ତେ ଶୀଘ୍ର ଶୁଖିପାରୁଥିବା ଭଳି ହାଲୁକା ସିନ୍ଥେଟିକ୍ ପୋଷାକ ବ୍ୟବହାର କରନ୍ତୁ । ପାଖରେ ଛତା, ରେନିକୋଟ୍ ଆଦି ମଧ୍ୟ ରଖିବାକୁ ଭୁଲନ୍ତୁ ନାହିଁ। ବର୍ଷା ସଂସ୍ପର୍ଶରେ ଆସିବା ଦ୍ୱାରା ଅନେକଙ୍କୁ ଥଣ୍ଡା, କାଶ ଜ୍ୱର ଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ମନ୍‌ସୁନ୍ ଟ୍ରିପ୍‌ରେ ଥିବା ବେଳେ ହଠାତ୍ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ସଙ୍ଗେ ସଙ୍ଗେ ମେଡିକାଲ ସୁବିଧା ପାଇବା କଷ୍ଟ କର ହୋଇଥିବାରୁ ସାଙ୍ଗରେ ମେଡିକାଲ କିଟ୍ସ। ବର୍ତ୍ତମାନ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମାସ୍କ, ସାନିଟାଇଜର ଆଦି ମଧ୍ୟ ରଖିବା ନିହାତି ଆବଶ୍ୟକ।

ଖାଦ୍ୟ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦିଅନ୍ତୁ: ବାହାରେ ରାନ୍ଧି ଖାଇବାରେ ଯୁବପିଢ଼ିଙ୍କୁ ମିଳିଥାଏ ଖୁବ୍ ଆନନ୍ଦ। ହେଲେ ମନ୍‌ସୁନ୍ ଟ୍ରିପ୍‌ରେ ଯାଇଥିଲେ ବେଳେ ବେଳେ ପ୍ରବଳ ବର୍ଷା ପବନ ଯୋଗୁ ବାହାରେ ରାନ୍ଧିବା ହୋଇଯାଏ ମୁସ୍କିଲ୍। ଆଉ ଏଭଳି ପରିସ୍ଥିତିରେ ଯଦି ଆଖ ପାଖରେ ହୋଟେଲ୍ ନ ଥାଏ କିମ୍ବା ବର୍ଷା ପାଇଁ କଷ୍ଟମର ନ ଆସିବାକରୁ ହୋଟେଲ୍ ବନ୍ଦ ଥାଏ ତେବେ ଭୋକରେ ରହିବାକୁ ପଡ଼ିଥାଏ। ଏ ପରିସ୍ଥିତି ଯେପରି ନ ଉପୁଜେ ସେଥିପାଇଁ ବିକଳ୍ପ ବ୍ୟବସ୍ଥା ଅର୍ଥାତ୍ କିଛି ଶୁଖିଲା ଖାଦ୍ୟ ପାଖରେ ନିଶ୍ଚୟ ରଖନ୍ତୁ। ତା'ଛଡ଼ା ଏଦିନେ ସାଧାରଣତଃ ପାଣି ଅପରିଷ୍କାର ରହୁଥିବା ବିଭିନ୍ନ ରୋଗ ସଂକ୍ରମଣର ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ପାଖରେ ପାଣି ବୋତଲ ରଖନ୍ତୁ। ରାସ୍ତାକଡ଼ରେ ମିଳୁଥିବା ଖାଦ୍ୟରେ ଅସଂଖ୍ୟ ମାଛି ଏବଂ ରୋଗଜୀବାଣୁ ହେଉଥିବାରୁ ଯଥାସମ୍ଭବ ଏହାଠାରୁ ଦୂରେଇ ରୁହନ୍ତୁ।

ଦୁଃସାହସିକ କାର୍ଯ୍ୟଠୁ ଦୂରେଇ ରୁହନ୍ତୁ: ଯୁବପିଢି ସର୍ବଦା ବିଭିନ୍ନ ଦୁଃସାହସିକ କାର୍ଯ୍ୟ କରି ଏହାର ମଜା ନେବାକୁ ଆଗଭର। ହେଲେ ବର୍ଷାଦିନ ଏଥିପାଇଁ ଆଦୌ ଅନୁକୂଳ ନୁହେଁ। ଏଦିନେ ବୁଲିବାକୁ ଯାଉଥିଲେ ରିଭର ରାଫ୍ଟିଙ୍ଗ୍, ବୋଟିଂ ଆଦି ନ କରିବା ଭଲ। କାରଣ ବର୍ଷାରେ ନଈ ପାଣିର ସ୍ରୋତ କ୍ଷୀପ୍ର ଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କା ବେଶି।

ପାହାଡ଼ ଚଢା ବା ହିଲ୍ ଟ୍ରାକିଂରେ ରୁଚି ରଖନ୍ତି ତେବେ ଏଦିନେ ଏପରି କରିବା ବିପଜ୍ଜନକ। କାରଣ ଏହିଦିନେ ବର୍ଷା ଯୋଗୁ ପାହାଡିଆ ପଥର ଚଟାଣଗୁଡିକରେ ଶିଉଳି ହୋଇ ଗୋଡ ଖସିଯିବାର ଆଶଙ୍କା ଅଧିକ। ସେହିପରି ସମୁଦ୍ରକୂଳ ବୁଲିଯାଉଥିଲେ ସତର୍କତା ଅବଲମ୍ବନ କରନ୍ତୁ। ଏଦିନେ ଅନେକ ସମୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ଗାଧୋଇବା କିମ୍ବା ଲହଡି ଭାଙ୍ଗିବା ସୁରକ୍ଷା ଦୃଷ୍ଟିରୁ ଆଦୌ ଠିକ୍ ନୁହେଁ।

ବାଛନ୍ତୁ ନିରାପଦ ସ୍ଥାନ: ହିଲ୍ ଷ୍ଟେଶନ୍ ବୁଲିବାକୁ ଅନେକେ ଭଲ ପାଆନ୍ତି। ହେଲେ ମନ୍‌ସୁନ୍ ଟ୍ରିପ୍ ପାଇଁ ଏହା ଆଦୌ ନିରାପଦ ନୁହେଁ। କାରଣ ବର୍ଷା ପାଣିରେ ପାହାଡିଆ ଘାଟି ରାସ୍ତା ଗୁଡିକ ଖସଡା ହୋଇ ରହିଥାଏ। ତେଣୁ ଗାଡି ଚଲାଇବା ବେଳେ ବିଶେଷ ଧ୍ୟାନ ରଖିବା ଆବଶ୍ୟକ। ତା'ଛଡ଼ା ଏଦିନେ ବଣ ବୁଦା ଅଧିକ ଘଞ୍ଚ ହୋଇଯିବା ସହ ବିଷଧର କୀଟ, ପତଙ୍ଗ ଏବଂ ସାପ ଆଦିଙ୍କ ସଂଖ୍ୟା ବଢିଯାଇଥାଏ। କେବଳ ଏତିକି ନୁହେଁ ଏଦିନେ ଅନେକ ପାହାଡିଆ ନଈଗୁଡିକରେ ହଠାତ୍ ପାଣି ଭର୍ତ୍ତି ହୋଇଯିବା ଏବଂ ପୋଲ ଉପରେ ପାଣି ଚାଲିବା କିମ୍ବା ଭାଙ୍ଗିଯିବା କାରଣରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯିବା ଭଳି ଘଟଣା ଦେଖିବାକୁ ମିଳିଥାଏ। ତେଣୁ ମନ୍‌ସୁନ୍ ଟ୍ରିପ୍ ପାଇଁ ଏଭଳି ସ୍ଥାନ ନ ବାଛିବା ଭଲ। ତଥାପି ଯଦି ଯିବାକୁ ପ୍ଲାନ୍ କରୁଛନ୍ତି ତେବେ ଆବଶ୍ୟକ ସତର୍କତା ଅବଲମ୍ବନ କରିବା ସହିତ ଗାଇଡ୍‌ଙ୍କୁ ସାଙ୍ଗରେ ନିଶ୍ଚୟ ନିଅନ୍ତୁ।

ଫଟୋ, ଭିଡିଓ ନେବା ବେଳେ ରୁହନ୍ତୁ ସତର୍କ: ବିଭିନ୍ନ ବିପଦପୂର୍ଣ୍ଣ ସ୍ଥାନରେ ଠିଆ ହୋଇ ସେଲ୍ଫି ନେବା ଯୋଗୁ ଅନେକଙ୍କ ପ୍ରାଣହାନି ଘଟୁଥିବାର ନଜିର ରହିଛି। ବିଶେଷକରି ବର୍ଷାଦିନେ ପାଣି, କାଦୁଅ ଏବଂ ଶିଉଳିରେ ଗୋଡ ଖସି ଦୁର୍ଘଟଣା ଘଟିବାର ଆଶଙ୍କା ଅଧିକ ଥିବାରୁ ନଈକୂଳ, ପଥର, ପାହାଡ, ଡଙ୍ଗା ଆଦି ସ୍ଥାନରେ ଠିଆ ହୋଇ ଫଟୋ, ଭିଡିଓ ଆଦି ନ ନେବା ଭଲ।

ଇଲେକଟ୍ରୋନିକ୍ସ ସାମଗ୍ରୀକୁ ଯତ୍ନରେ ରଖନ୍ତୁ: ଏଦିନେ ଅନେକ ସ୍ଥାନରେ ବର୍ଷାଯୋଗୁ ବିଦ୍ୟୁତ କାଟ୍ ହେଉଥିବାରୁ ମୋବାଇଲ୍ ବ୍ୟାଟେରି ଲୋ ହୋଇଗଲେ ଚାର୍ଜ କରିବା ଅସମ୍ଭବ ହୋଇପଡେ। ତେଣୁ ପରିବାର ସହିତ ଯୋଗାଯୋଗ ରଖିବା ଲାଗି ମୋବାଇଲ୍‌ର ଚାର୍ଜ ଯେପରି କମି ନ ଯାଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। କେବଳ ଏତିକି ନୁହେଁ ଏହା ସହିତ ସାଙ୍ଗରେ କ୍ୟାମେରା, ମ୍ୟୁଜିକ ପ୍ଲେୟାର ଭଳି ଇଲେକ୍ଟ୍ରୋନିକ୍ ସାମଗ୍ରୀ ନେଉଥିଲେ ଏହା ଯେପରି ପାଣି ସଂସ୍ପର୍ଶରେ ଆସି ଖରାପ ନ ହୋଇଯାଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

ଯାହା କୁହନ୍ତି ଏମାନେ...

ସୁଜାତା ସାହୁ(ଶିକ୍ଷୟିତ୍ରୀ,ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶିଆଳଝୁଡଙ୍ଗି, ଉତ୍କେଲା, କଳାହାଣ୍ଡି)– ବର୍ଷା ଦିନେ ସାଧାରଣତଃ ଆମେ ବାହାରକୁ କମ ଯାତ୍ରା କରିଥାଉ। ତଥାପି ଆମେ ଆମ ସାଙ୍ଗରେ ଆବଶ୍ୟକ ଜିନିଷ ସବୁ ନେବା ଦରକାର। ପାଖରେ କିଛି ଦରକାରୀ ଔଷଧ ସହ ଶୁଖିଲା ଖାଦ୍ୟ ଓ ପାଣି ରଖିବା ନିହାତି ଆବଶ୍ୟକ। ବୁଲିବା ସମୟରେ ପାଖରେ ଯଦି ଛତା ଓ ରେନକୋଟ ଥାଏ, ତେବେ ଆମ ବୁଲିବାର ମଜା ବଢିଯାଏ। ଆଉ ହଁ, ଯେହେତୁ ଏବେ କରୋନା ସମୟ, ଆମକୁ ବେଶି ଗହଳି ସ୍ଥାନଠୁ ମଧ୍ୟ ଦୂରେଇ ରହିବାକୁ ହେବ।

ସୁଜାତା

ପ୍ରଦୋଷ ପ୍ରିୟଦର୍ଶୀ ସାହୁ(ଫାର୍ମାସି ୨ୟ ବର୍ଷ, ଜେ. ଆଇ.ଟି.ଏମ୍, ବଲାଙ୍ଗୀର)– ମୋ ପାଇଁ ବର୍ଷା ଦିନେ ବାହାରେ ବୁଲିବାର ମଜା ଟିକେ ଅଧିକ ନିଆରା। ସାଙ୍ଗସାଥିମାନଙ୍କ ସହ ମୁଁ ଏହାର ଭରପୂର ମଜା ନିଏ। ତଥାପି ମନରେ ଡର ଥାଏ ବାହାର ଖାଦ୍ୟ ଖାଇବା ଓ ଜ୍ୱରକୁ ନେଇ। ମୁଖ୍ୟତଃ ଏହି ଦିନେ ବୁଲାବୁଲି ସରିବା ପରେ ଆମେ ଜ୍ୱରରେ ପଡିଥାଉ। ସେଥିପାଇଁ ଏଦିନେ ବୁଲିବାକୁ ଗଲେ ଶରୀରର ଯତ୍ନ ନେବାକୁ ହେବ। ବାହାର ଖାଦ୍ୟଠାରୁ ଯେତେ ଦୂର ସମ୍ଭବ ଦୂରେଇ ରହିବା ହିଁ ଆମ ପାଇଁ ଭଲ। ଏହା ସହ କରୋନାର ସମସ୍ତ ନିୟମାବଳୀକୁ ମଧ୍ୟ ମାନିବାକୁ ପଡିବ।

ପ୍ରଦୋଷ

ଶୁଭଙ୍କର ଜେନା(ଭୁବନେଶ୍ୱର)– ବର୍ଷା ଦିନେ ଚାରିଆଡ଼େ ଖାଲି ବର୍ଷା, ପବନ ଓ ସନ୍ତସନ୍ତିଆ ପାଗ ଥାଏ। ତେଣୁ ଏହି ଋତୁରେ ଶରୀର ଅସୁସ୍ଥ ହେବାର ଅନେକଗୁଡ଼ିଏ କାରଣ ରହିଛି। ତେବେ ଏହା ପ୍ରତି ଆମେ ଯତ୍ନବାନ ହେବ ଆବଶ୍ୟକ। ବର୍ଷା ଦିନେ ବାହାରକୁ ଗଲେ ରାସ୍ତାକଡ଼ ଖାଦ୍ୟ ଖାଇବା ଅନୁଚିତ। ବିଶେଷ କରି ରାସ୍ତା କଡ଼ରେ ମିଳୁଥିବା ଦୋକାନମାନଙ୍କରେ ତେଲଭାଜି ଖାଇବା ଦ୍ୱାରା ଶରୀର ଅସୁସ୍ଥ ହେବାର ବହୁ ଆଶଙ୍କା ରହିଛି। ଏବେ କରୋନା କାଳ ଚାଲିଥିବାରୁ ବର୍ଷା ଦିନେ ବାହାରେ ବୁଲିବା ବା ଭିଜିବା ଆମ ପାଇଁ ବିପଦଜନକ ହୋଇପାରେ, ଯାହାକୁ ଅଖିଆଗରେ ରଖି ବାହାରକୁ ବାହାରିଲେ ଛତା କିମ୍ବା ରେନିକୋଟ ନେବା ସହ ଜନଗହଳିପୂର୍ଣ୍ଣ ଜାଗାଠୁ ଦୂରେଇ ରହୁଛି। ସର୍ବଦା ମାସ୍କ ବ୍ୟବହାର କରୁଛି ଏବଂ ସାନିଟାଇଜର ପାଖରେ ରଖିବାକୁ ଆଦୌ ଭୁଲୁନି।

ଶୁଭଙ୍କର

ଉପମା ଦତ୍ତ(ବାଲେଶ୍ୱର, ଭୋଗରାଇ)–ବର୍ଷା ଦିନରେ ବୁଲିବାକୁ ଭଲଲାଗେ। ହେଲେ ଏବେ ଆମକୁ କରୋନା ପାଇଁ ସତର୍କତା ପ୍ରତି ଦୃଷ୍ଟି ଦେବାକୁ ପଡିବ। ପ୍ରାୟତଃ ବର୍ଷା ଦିନରେ ଥଣ୍ଡା, କାଶ, ଜ୍ୱର ଭଳି ବିଭିନ୍ନ ଭାଇରସ ଜନିତ ରୋଗ ହୋଇଥାଏ। ତେଣୁ ବର୍ଷା ଦିନରେ ବାହାରକୁ ବାହାରିଲେ ପ୍ରଥମେ ସାନିଟାଇଜର ଏବଂ ମାସ୍କ ନେଇଥାଏ। ବର୍ଷା ଦିନେ ରାସ୍ତାରେ ଅପରିଷ୍କାର ପାଣି ଜମେ, ନାଳ ନର୍ଦ୍ଦମା ଭର୍ତ୍ତି ହୋଇ ରାସ୍ତା ଉପରକୁ ପାଣି ମାଡ଼ି ଆସେ, ତେଣୁ ସେ ପାଣିରେ ଓଦା ହୋଇ ଯେପରି ସ୍ୱାସ୍ଥ୍ୟ ସମସ୍ୟା ନ ଉପୁଜେ ସେଥିପ୍ରତି ଯତ୍ନଶୀଳ ରୁହେ। ସେହିପରି ଆମେ ମାର୍କେଟ କିମ୍ବା ଜନଗହଳିପୂର୍ଣ୍ଣ ଜାଗାକୁ ଯିବା ବେଳେ ସାମାଜିକ ଦୂରତା ବଜାଇ ରଖେ। ଏହା ବ୍ୟତୀତ ଦୂର ସ୍ଥାନକୁ ବୁଲିବାକୁ ଗଲେ ସାଙ୍ଗରେ ଆବଶ୍ୟକ ପୋଷାକ, ଖାଦ୍ୟ, ମେଡିକାଲ୍ କିଟ୍ ଆଦି ରଖେ। ଏଦିନେ ଚାରିଆଡେ ପାଣି କାଦୁଅ ଯୋଗୁ ଖସଡା ଥିବାରୁ ସୁରକ୍ଷା ଦୃଷ୍ଟିରୁ ପାହାଡିଆ କିମ୍ବା ଗଭୀର ନଦୀ, ଝରଣା ଆଦି ସ୍ଥାନକୁ ଯାଇ ନ ଥାଏ।

ଉପମା

ଜାଣନ୍ତୁ ଦୁନିଆ

ମୃତ୍ୟୁର ସହର

ସାରା ପୃଥିବୀରେ ଅନେକ ସହର ରହିଛି, ହେଲେ ଏମିତି ବି କିଛି ସହର ରହିଛି ଯେଉଁଠି ସର୍ବଦା ଥାଏ ମୃତ୍ୟୁର ଭୟ। ସେଠାରେ କେଉଁ ମୁହୂର୍ତ୍ତରେ କିଏ କାହାକୁ ଏବଂ କେଉଁ କାରଣରୁ ହତ୍ୟା କରିଛି ଜାଣିବା ଆଗରୁ ଶୁଣିବାକୁ ମିଳେ ଆଉ ଏକ ହତ୍ୟା ଘଟଣା। ଆସନ୍ତୁ ଜାଣିବା ସର୍ବାଧିକ ହତ୍ୟା ଘଟଣା ଦେଖିବାକୁ ମିଳୁଥିବା ଏଭଳି ଏକ ସହର ଲସ୍ କ୍ୟାବସ୍ ସମ୍ପର୍କରେ...

ମେକ୍ସିକୋରେ ଥିବା ଏହି ସହରଟି ଖୁବ୍ ସୁନ୍ଦର। ହେଲେ ଅନେକ ବିଳାସପୂର୍ଣ୍ଣ ହୋଟେଲ୍, ଆକର୍ଷଣୀୟ ରେଷ୍ଟୁରାଣ୍ଟ ଏବଂ ଘର ଥିଲେ ସୁଦ୍ଧା ଏ ସହରରେ ରହିବା ବିପଦପୂର୍ଣ୍ଣ। କାରଣ ଏଠାରେ ପ୍ରତି ଏକ ଲକ୍ଷରେ ୧୧୧.୧୩ ପ୍ରତିଶତ ଲୋକଙ୍କ ମୃତ୍ୟୁ ଘଟିଥାଏ ହତ୍ୟା କାରଣରୁ। ଯେଉଁଥିପାଇଁ ନିକଟରେ ଏହାକୁ ପୃଥି

ସଂକ୍ଷେପରେ

ଗୁଳିକାଣ୍ଡ ଘଟଣା: ଗୁରୁତର ଯୁବକ ମୃତ

ରାଉରକେଲା ଅଫିସ,୧୧।୯: ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ରିମ୍‌ଝିମ୍ ବସ୍ତିରେ ଶୁକ୍ରବାର ସନ୍ଧ୍ୟାରେ ଗୁଳିକାଣ୍ଡ ଘଟଣାରେ ଗୁରୁତର ହୋଇଥିବା ଯୁବକ ଜିତେନ୍ଦ୍ର ସା ଓରଫ ଗୋରେ (୩୯)ଙ୍କ ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ପୋଲିସ ଉକ୍ତ ଘଟଣାର ତଦନ୍ତ କରି ଶନିବାର ଥାନାରେ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅନ୍ୟମାନଙ୍କୁ ଧରିବା ପାଇଁ ଚଢାଉ ଅଭିଯାନ ଜାରି ରହିଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଛି। ମୃତ୍ୟୁ ପୂର୍ବରୁ ଗୋରେ ୫ଅଭିଯୁକ୍ତଙ୍କ ନାମ ପ୍ରକାଶ କରିଥିଲେ। ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ କରାଯିବ ବୋଲି ରାଉରକେଲା ଏସ୍‌ପି ମୁକେଶ ଭାମୁ କହିଛନ୍ତି।

ରେଲ୍‌ୱେ ଗୋଦାମରୁ ୬କୁଇଣ୍ଟାଲ ତମ୍ବାତାର ଚୋରି: ୨ ଗିରଫ

ବଜାର ମୂଲ୍ୟ ୨୭ ଲକ୍ଷ ଟଙ୍କା

କୋରାପୁଟ,୧୧।୯(ସ୍ୱ.ପ୍ର.): କୋରାପୁଟ ରେଲ୍‌ୱେ ଷ୍ଟେଶନ ନିକଟରେ ଥିବା ରେଲ୍‌ୱେ ଗୋଦାମରୁ ପ୍ରାୟ ୨୭ଲକ୍ଷ ଟଙ୍କାର ମୂଲ୍ୟବାନ ତମ୍ବାତାର ଚୋରି ହୋଇଯାଇଛି। ଚୋରି ତମ୍ବାତାର ୬ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ହେବ। ଏହାର ଆନୁମାନିକ ମୂଲ୍ୟ ୨୭ ଲକ୍ଷ ଟଙ୍କା ହେବ ବୋଲି ଜଣାଯାଇଛି। ଏନେଇ କୋରାପୁଟ ଆର୍‌ପିଏଫ୍ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି। ଘଟଣାରେ ସାମିଲ ଥିବା ସନ୍ଦେହରେ ପୂର୍ବରୁ କୋରାପୁଟ ମିଶନ କମ୍ପାଉଣ୍ଡ ଓ ରେଲ୍‌ୱେ କଲୋନୀ ଅଞ୍ଚଳରୁ ୨ ଜଣଙ୍କୁ ଗିରଫ କରାଯାଇଥିଲା। ଶନିବାର ୫ ଜଣ ମହିଳାଙ୍କୁ ଅଟକ ରଖାଯାଇ ସେମାନଙ୍କୁ ପଚରାଉଚରା କରାଯାଉଥିବା ରେଲ୍‌ୱେ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ଚୋରି ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୬ ମଧ୍ୟରେ ହୋଇଥିବା ଏବଂ ଏଥିରେ ୨୦ରୁ ଊର୍ଦ୍ଧ୍ୱ ମହିଳା ସାମିଲ ଥିବା ଆର୍‌ପିଏଫ୍ ସନ୍ଦେହ କରୁଛି। ଖବରଲେଖା ହେବା ବେଳକୁ ଆର୍‌ପିଏଫ୍ ପୋଲିସ ଚୋରି ହୋଇଥିବା ତମ୍ବା ତାରରୁ ଦେଢ କୁଇଣ୍ଟାଲ ଜବତ କରିଛି। ସାଲୁର ଆର୍‌ପିଏଫ୍ ଇନ୍ସପେକ୍ଟର ମନୋଜ କୁମାରଙ୍କ ନେତୃତ୍ୱରେ କୋରାପୁଟ ଆର୍‌ପିଏଫ୍‌ର ୨ଟି ଟିମ୍ ଏହାର ତଦନ୍ତ ଚଳାଇଛି।

କଟୁରିରେ ହାଣି ଲୁଟ୍ ଘଟଣା: ଅଭିଯୁକ୍ତ ଗିରଫ, ବାଇକ ଜବତ

ଭୁବନେଶ୍ୱର,୧୧।୯(ବ୍ୟୁରୋ): ଖାରବେଳ ନଗର ଥାନା ଅନ୍ତର୍ଗତ ସତ୍ୟନଗର ଅଞ୍ଚଳରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ କଟୁରିରେ ଆକ୍ରମଣ କରି ଟଙ୍କା, ବାଇକ, ମୋବାଇଲ୍ ଫୋନ୍ ଆଦି ଲୁଟ କରିବା ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ହେଲେ ୟୁନିଟ୍-୩ ଅଞ୍ଚଳର ରାଜା ବେହେରା। ତାଙ୍କ ନିକଟରୁ ଲୁଟ୍ ବାଇକକୁ ଜବତ କରିଛି। ଏହି ଘଟଣାରେ ଖାରବେଳନଗର ଥାନା ପୋଲିସ ପୂର୍ବରୁ ୨ଜଣଙ୍କୁ ଗିରଫ କରିଥିଲା। ତେବେ ଫେରାର ଥିବା ଅନ୍ୟ ୪ ଅଭିଯୁକ୍ତ ରାଜ୍ୟ ବାହାରେ ଥିବାରୁ ତାଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ପୋଲିସ କହିଛି। ସୂଚନା ମୁତାବକ, ଗତ ୨୦୨୦ ଜାନୁୟାରୀ ୧୫ରେ ଏହି ଥାନା ଅଧିନ ସତ୍ୟନଗର ଅଞ୍ଚଳରେ ରହୁଥିବା ରାକେଶ କୁମାର ମୁଦୁଲି ଘରକୁ ଫେରୁଥିଲେ। ଏହି ସମୟରେ ୭ ଜଣ ଅଭିଯୁକ୍ତ କଟୁରିରେ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ଲୁଟ୍ କରିଥିଲେ।

ସ୍ୱଚ୍ଛତା ଲାଗି ଗଣେଶ ମୂର୍ତ୍ତି ସ୍ଥାପନ

ପୁରୁଣା ଭୁବନେଶ୍ୱର, ୧୧।୯(ଡି.ଏନ୍.ଏ.): ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ପାଇଁ ପୁରୁଣା ଭୁବନେଶ୍ୱର ଅଞ୍ଚଳର ପରକରଣ ସାହି ମହିଳାମାନେ ଗଣେଶଙ୍କ ମୂର୍ତ୍ତି ସ୍ଥାପନ କରିଛନ୍ତି। ସୂଚନା ମୁତାବକ, ଏହି ସାହି ନିକଟରେ କେତେଜଣ କୁତ୍କୁତ୍କ ଆବର୍ଜନା ଗଦା କରୁଥିଲେ। ଏହାକୁ ବିରୋଧ କରିବାରୁ ନିଜ ନିଜ ଭିତରେ ତିକ୍ତତା ବୃଦ୍ଧି ପାଉଥିଲା। ସାହିର ମହିଳାମାନେ ଉକ୍ତ ସ୍ଥାନରେ ଏକ ତୁଳସୀ ଚଉରା ଏବଂ ଗଣେଶ ମୂର୍ତ୍ତୀ ସ୍ଥାପନ କରି ପୂଜା ଆରମ୍ଭ କରିଛନ୍ତି। ମହିଳାମାନଙ୍କ ପୂଜା ଆରମ୍ଭ ପରେ ସେଠାରେ ସ୍ୱଚ୍ଛତା ପ୍ରତି ଲୋକେ ସଚେତନ ହୋଇଛନ୍ତି। ଅନୁରୂପଭାବେ କୋଭଡ୍ କଟକଣା ନେଇ କୃତ୍ରିମ ରାସାୟନିକ ରଙ୍ଗ ଭୟାବହତାକୁ ଲକ୍ଷ୍ୟ କରି ଧଉଳି ଛକଠାରେ ରମାକାନ୍ତ ଶତପଥୀ ପଥରର ଏକ ଗଣେଶ ମୂର୍ତ୍ତି ସ୍ଥାପନ କରି ପୂଜା ଆରମ୍ଭ କରିଛନ୍ତି।

'ସୀମା ସୁରକ୍ଷାରେ ରାଜ୍ୟ ସରକାର ଫେଲ୍'

ଆନ୍ଧ୍ର ମନ୍ତ୍ରୀଙ୍କ ଓଡ଼ିଶାରେ ଅନଧିକାର ପ୍ରବେଶ ପ୍ରସଙ୍ଗ

ପଡ଼ୋଶୀ ରାଜ୍ୟ ସହ କଥା ହୋଇ ମୁଖ୍ୟମନ୍ତ୍ରୀ ବିବାଦର ସମାଧାନ କରନ୍ତୁ: ଭାଜପା

ଭୁବନେଶ୍ୱର,୧୧।୯(ବ୍ୟୁରୋ)

ଓଡ଼ିଶାର ସୀମା ଅସୁରକ୍ଷିତ ହୋଇପଡ଼ିଛି। ଦକ୍ଷିଣ, ପଶ୍ଚିମ ଏବଂ ଉତ୍ତର ପୂର୍ବାଞ୍ଚଳ ସୀମାରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ବିଭିନ୍ନ ସମୟରେ ପ୍ରବେଶ କରି ଓଡ଼ିଶାର ଅଞ୍ଚଳକୁ ନିଜ ଅକ୍ତିଆରକୁ ନେବା ପାଇଁ ଅପଚେଷ୍ଟା କରି ଆସୁଛନ୍ତି। ରାଜ୍ୟ ସରକାର ସୀମା ସୁରକ୍ଷା ଦିଗରେ ଉପଯୁକ୍ତ ପଦକ୍ଷେପ ନେଉନାହାନ୍ତି। ସୀମା ବିବାଦ ନେଇ ରାଜ୍ୟ ସରକାର କୋର୍ଟ କଚେରିରେ ନିଜର ତଥ୍ୟ ଦେଇ ନ ପାରିବା ଯୋଗୁ ଏଭଳି ପରିସ୍ଥିତି ଉପୁଜୁଥିବା ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର ଅଭିଯୋଗ କରିଛନ୍ତି।

ଶନିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବକ୍ସିପାତ୍ର କହିଛନ୍ତି ଯେ, ଗତ ୨ ବର୍ଷ ଧରି ପଡ଼ୋଶୀ ରାଜ୍ୟ ଓଡ଼ିଶାର ଗଜପତି ଜିଲାର ମାଣିକପାଟଣା ଏବଂ ବାଲେଶ୍ୱରର ଉଦୟପୁର ଅଞ୍ଚଳରେ ଅନଧିକାର ପ୍ରବେଶ କରିଛନ୍ତି। ୭ ଦିନ ତଳେ ଗଜପତି ଜିଲାର ରାଇଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତର ମାଣିକପାଟଣା ଗ୍ରାମରେ ଆନ୍ଧ୍ର ସରକାର ଅଙ୍ଗନୱାଡି କେନ୍ଦ୍ର ଖୋଲିଥିଲେ। ଜିଲା ପ୍ରଶାସନ ଗତ ୭ ତାରିଖରେ ଅଙ୍ଗନୱାଡି କେନ୍ଦ୍ରକୁ ସିଲ୍ କଲେ। ଆନ୍ଧ୍ର ସରକାରଙ୍କୁ ନାଲିଆଖି ଦେଖାଇବା ସହ ଗିରଫ କରିବାର ଭୟ ଦେଖାଇଥିଲେ। ଏନେଇ ରାଜ୍ୟ ସରକାରଙ୍କ ଗୋଇନ୍ଦା ବିଭାଗ ଫେଲ୍ ମାରିଛି। ଦୁର୍ଭାଗ୍ୟର କଥା ଏହି ଘଟଣାକୁ ୪୮ ଘଣ୍ଟା ବିତିଲା ପରେ ବି ଓଡ଼ିଶା ସରକାର ଆନ୍ଧ୍ର ମନ୍ତ୍ରୀ ଏବଂ ଅଫିସରଙ୍କ ବିରୋଧରେ ଏତଲା ରୁଜୁ କଲେ ନାହିଁ। ଓଡ଼ିଶା ସରକାରଙ୍କୁ ସହଯୋଗ କରୁଥିବା ସେହି ଗ୍ରାମର ଗୁରୁନାଥ ଶବରଙ୍କୁ ଗିରଫ କରାଗଲା। ଏହାର ପ୍ରତିବାଦରେ ସେପ୍ଟେମ୍ବର ୯ରେ ଆନ୍ଧ୍ର ମନ୍ତ୍ରୀ ଏସ୍.ଅପଲା ରାଜୁ ସାଙ୍ଗରେ ତହସିଲଦାର, ସବ୍‌କଲେକ୍ଟର, ଡିଏସ୍‌ପି ଏବଂ ୪ ପ୍ଲାଟୁନ ପୋଲିସ ନେଇ ମାଣିକପାଟଣାରେ ପହଞ୍ଚି ଦାଦାଗିରି କରିଥିଲେ। ଆନ୍ଧ୍ରମନ୍ତ୍ରୀ ଓଡ଼ିଶା ଅଫିସରଙ୍କୁ ନାଲିଆଖି ଦେଖାଇବା ସହ ଗିରଫ କରିଛି। କବି ଗଙ୍ଗାଧର ମେହେରଙ୍କ ଅମରକୃତି ଓଡ଼ିଆ ଭାଷା ଓ ସାହିତ୍ୟକୁ କାଳଜୟୀ କରିଛି। ସମ୍ବଲପୁର ହେଉଛି ସଂଗ୍ରାମ ଓ ସଂସ୍କୃତିର ମହାନ୍‌ପୀଠ। ଦେଶ ଓ ଜାତି ପାଇଁ ବୀର ସୁରେନ୍ଦ୍ର ସାଏଙ୍କ ତ୍ୟାଗ ଓ ସଂଗ୍ରାମ ତାଙ୍କୁ କିମ୍ବଦନ୍ତୀ କରି ଗଢ଼ିଛି। ସେ ଥିଲେ ଅଜେୟ।

ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପର୍ଯ୍ୟଟନ, ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ମା' ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ କୁମାର ବାବୁ, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ସମ୍ବଲପୁର ଜିଲାପାଳ ଶୁଭମ୍ ସାକସେନା, ଓଟିଡିସି ଜେନେରାଲ ମ୍ୟାନେଜର ଶାନ୍ତନୁ କୁମାର ମହାନ୍ତି, ସମ୍ବଲପୁର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ(ଡିଆରଡିଏ), ସମ୍ବଲପୁର ଉପଜିଲାପାଳ ମୟୂର ସୂର୍ଯ୍ୟବଂଶୀ, ଜିଲା ପର୍ଯ୍ୟଟନ ଅଧିକାରୀ ହେମନ୍ତ ପ୍ରଧାନଙ୍କ ସମେତ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ।

ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ' ନିମନ୍ତେ ୭.୫କୋଟିଟଙ୍କା ବ୍ୟୟ କରାଯାଇଛି। ପ୍ରାୟ ୩୭ ମିନିଟର ଏହି ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'କୁ ଉଭୟ ଓଡ଼ିଆ ଓ ହିନ୍ଦୀ ଭାଷାରେ ଶ୍ରଦ୍ଧାଳୁମାନେ ଉପଭୋଗ କରିପାରିବେ।

ନୂଆଁଖାଇ ଅବସରରେ ପଶ୍ଚିମ ଓଡ଼ିଶାର କଳାକାରମାନଙ୍କୁ ନେଇ ଭର୍ଚୁଆଲ ମୋଡ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ 'ନୂଆଁଖାଇ ଭେଟଘାଟ' ଅନୁଷ୍ଠିତ ହେଉଛି। ପଶ୍ଚିମ ଓଡ଼ିଶାର ୫ ଜିଲାର ୯ଟି ଟିମ୍ ଏହି ଲୋକନୃତ୍ୟ, କଳା ଓ ସଂସ୍କୃତିର ପ୍ରଦର୍ଶନ କରିଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗ ଓ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି)ର ଉଦ୍ୟମରେ ଏହି ନୂଆଁଖାଇ ଭେଟଘାଟରେ ପଶ୍ଚିମ ଓଡ଼ିଶାର କଳାକାରମାନେ ନିଜ ଅଞ୍ଚଳର ପାରମ୍ପରିକ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ। ଯାହାକୁ ସମସ୍ତେ ଟେଲିଭିଜନ ମାଧ୍ୟମରେ ଦେଖିବାର ସୁଯୋଗ ପାଇପାରିବେ।

ଓଡ଼ିଶାରେ ସୀମା ବିବାଦ ଗୃହ କମିଟି ବସିଥିଲା। ଏହି କମିଟିର ଅଧ୍ୟକ୍ଷ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସୀମାନ୍ତ ଜିଲାରୁ ପ୍ରତିନିଧିତ୍ୱ କରୁଛନ୍ତି। ପ୍ରଥମ ବୈଠକରେ କମିଟିର ସଦସ୍ୟମାନେ ସୀମା ବିବାଦକୁ ନେଇ ଚିନ୍ତାପ୍ରକଟ କରିଥିଲେ। ଏହା ଭିତରେ ୮ ମାସ ବିତିଥିଲେ ବି ଗୋଟିଏ ଦିନ ପାଇଁ ଗୃହ କମିଟି ସୀମା ବିବାଦ ଅଞ୍ଚଳକୁ ବୁଲି ଦେଖିଲେ ନାହିଁ। ସୀମା ବିବାଦକୁ ନେଇ ଓଡ଼ିଶା ମୁଖ୍ୟମନ୍ତ୍ରୀ ପଡ଼ୋଶୀ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ମଧ୍ୟ କଲେ ନାହିଁ। ତେଣୁ ତୁରନ୍ତ ପଡ଼ୋଶୀ ରାଜ୍ୟ ସହ କଥା ହୋଇ ମୁଖ୍ୟମନ୍ତ୍ରୀ ବିବାଦର ସମାଧାନ କରନ୍ତୁ ବୋଲି ବକ୍ସିପାତ୍ର ଦାବି କରିଛନ୍ତି। ଆଗାମୀ ଦିନରେ ଭାଜପାର ସୀମା ସୁରକ୍ଷା କମିଟି ସୀମା ବିବାଦ ନେଇ ବିଚାରବିମର୍ଶ କରିବ। ଏହାସହ ସଂସଦ ଓ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଯିବ ବୋଲି ବକ୍ସିପାତ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ପାରଳାଖେମୁଣ୍ଡି ବିଧାୟକ ତଥା ଗଜପତି ଜିଲା ଭାଜପା ସଭାପତି କେ.ନାରାୟଣ ରାଓ ଉପସ୍ଥିତ ଥିଲେ।



ମା' ସମଲେଶ୍ୱରୀ ପୀଠରେ ଲାଇଟ୍ ଆଣ୍ଡ ସାଉଣ୍ଡ

ଖର୍ଚ୍ଚ ହୋଇଛି ୭.୫ କୋଟି

'ନୂଆଁଖାଇ ଭେଟଘାଟ'ରେ କଳା ଓ ସଂସ୍କୃତିର ଝଲକ ଦେଖାଇଲେ କଳାକାର

ଭୁବନେଶ୍ୱର,୧୧।୯(ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ମା' ସମଲେଶ୍ୱରୀ ମନ୍ଦିରରେ ଲାଇଟ୍ ଆଣ୍ଡ ସାଉଣ୍ଡ୍ ଶୋ'କୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ 'ନୂଆଁଖାଇ ଜୁହାର' ଜଣାଇବା ସହ ଏହି ଲାଇଟ୍ ଆଣ୍ଡ ସାଉଣ୍ଡ୍ ଶୋ'କୁ ଆସୁଥିବା ଭକ୍ତମାନଙ୍କୁ ସମ୍ବଲପୁର ତଥା ଓଡ଼ିଶାର ଗୌରବମୟ ଇତିହାସ ବିଷୟରେ ପରିଚିତ କରାଇବ ବୋଲି କହିଛନ୍ତି।

ଭର୍ଚୁଆଲରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଭିଡିଓ ବାର୍ତ୍ତାରେ କହିଛନ୍ତି, ସମ୍ବଲପୁରୀ ଭାଷାରେ ମିଠାସ୍ ରହିଛି। ସମ୍ବଲପୁରୀ ଭାଷାରେ ଆମର ବନ୍ଧୁମାନେ ଯେତେବେଳେ କଥା ହୁଅନ୍ତି ତାହା ତାଙ୍କୁ ବହୁତ ଭଲ ଲାଗେ। ସମ୍ବଲପୁରୀ ଗୀତ ସାରା ଦେଶରେ ପ୍ରସିଦ୍ଧ। ସମ୍ବଲପୁରୀ ନୃତ୍ୟ ଓ ଗୀତ ଅତି ମନଛୁଆଁ। ସମ୍ବଲପୁରୀ ଶାଢ଼ି କେବଳ ଓଡ଼ିଶାରେ ନୁହେଁ, ସାରା ଭାରତର ଗୌରବ ବୃଦ୍ଧି କରିଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଓଡ଼ିଶା ସଂଗ୍ରହାଳୟ ଅଧିକାରୀ ଡକ୍ଟର ଅଜୟ କୁମାର ମହାନ୍ତି, ସମ୍ବଲପୁର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ(ଡିଆରଡିଏ), ସମ୍ବଲପୁର ଉପଜିଲାପାଳ ମୟୂର ସୂର୍ଯ୍ୟବଂଶୀ, ଜିଲା ପର୍ଯ୍ୟଟନ ଅଧିକାରୀ ହେମନ୍ତ ପ୍ରଧାନଙ୍କ ସମେତ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ।

ଯୋଜନାର ସମୀକ୍ଷାକଲେ କେଭିଆଇସି ସଦସ୍ୟ

ଖୁବ୍‌ଶୀଘ୍ର ଓଡ଼ିଶାରେ ହେବ ୨ ପ୍ରକଳ୍ପ

ଭୁବନେଶ୍ୱର,୧୧।୯

ଦେଶର ଭାଗ୍ୟ ଓ ଭବିଷ୍ୟତ ଗ୍ରାମର ବିକାଶ ଉପରେ ନିର୍ଭର କରୁଛି। ଭାରତ ଏକ ଗ୍ରାମୀଣ ରାଷ୍ଟ୍ର ହୋଇଥିବାରୁ ସରକାର ଗାଁର ବିକାଶ ସହ ଗ୍ରାମାଞ୍ଚଳ ସ୍ତରରେ ନିଯୁକ୍ତି ସୃଷ୍ଟିକୁ ଗୁରୁତ୍ୱ ଦେଉଥିବା କେନ୍ଦ୍ର ସରକାରଙ୍କ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ମନ୍ତ୍ରଣାଳୟ ଅଧୀନ ଖଦି ଓ ଗ୍ରାମୋଦ୍ୟୋଗ ଶିଳ୍ପ କମିଶନ (କେଭିଆଇସି)ର ବରିଷ୍ଠ ସଦସ୍ୟ (ଇଷ୍ଟର୍ନ ଜୋନ) ମନୋଜ କୁମାର ସିଂ ୪ଦିନିଆ ସମୀକ୍ଷା କାର୍ଯ୍ୟକ୍ରମର ଏକ ଖବରଦାତା ସମ୍ମିଳନୀରେ ମତବ୍ୟକ୍ତ କରିଛନ୍ତି। କମିଶନଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସହ ପ୍ରକଳ୍ପର ଅଗ୍ରଗତି ଏବଂ ଯୋଜନାର ବିଭିନ୍ନ ଦିଗ ସମ୍ପର୍କରେ ପ୍ରତିବର୍ଷ ତର୍ଜମା କରାଯାଇଥାଏ। ସେହିଭଳି ସରକାରଙ୍କ ନିକଟରୁ ମିଳୁଥିବା ଅର୍ଥରାଶି ହିତାଧିକାରୀ ନିକଟରେ ଠିକ୍ ଭାବେ ପହୁଞ୍ଚିଛି କି ନାହିଁ ସେସବୁ ବିଷୟରେ ମଧ୍ୟ ସମୀକ୍ଷା କରାଯାଇ ସରକାରଙ୍କୁ ଏକ ରିପୋର୍ଟ ଦିଆଯାଇଥାଏ। ଉକ୍ତ ରିପୋର୍ଟ ଅନୁସାରେ ସରକାର ପଦକ୍ଷେପ ଗ୍ରହଣକରି ଆବଶ୍ୟକ ସହଯୋଗ ଓ ସହାୟତା ଯୋଗାଇ ଦେଇଥାନ୍ତି ବୋଲି ସିଂ କହିଛନ୍ତି। ୯ରୁ ଜାରି ରହିଥିବା ଏହି ସମୀକ୍ଷା ବୈଠକରେ ଯୋଗଦେଇ ମନୋଜ ଓଡ଼ିଶା କେଭିଆଇସି ଶାଖାରେ ଜାରି ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ସମୀକ୍ଷା କରିଥିଲେ। ଏହି ଅବସରରେ ସେ କହିଥିଲେ, ଓଡ଼ିଶା କେଭିଆଇସି ପୂର୍ବାପେକ୍ଷା ଅଧିକ କ୍ରିୟାଶୀଳ ହୋଇଛି। ଗାଁରୁ ନେଇ ସହର ପର୍ଯ୍ୟନ୍ତ କେଭିଆଇସି ତା'ର ଉପକାରିତା ଓ ଖଦି ଏବଂ ଗ୍ରାମୋଦ୍ୟୋଗର ବିଭିନ୍ନ କାର୍ଯ୍ୟକ୍ରମର ଲାଭ କିପରି ହିତାଧିକାରୀଙ୍କ ଅଭିବୃଦ୍ଧିରେ ସହାୟକ ହୋଇପାରିବ ସେ ନେଇ ମଧ୍ୟ ଓଡ଼ିଶା ସରକାରଙ୍କ ବିଭିନ୍ନ ସଂସ୍ଥା ସହ ମିଳିତ ଭାବେ କେଭିଆଇସି କାର୍ଯ୍ୟ କରୁଛି ବୋଲି ସେ ମତବ୍ୟକ୍ତ କରିଥିଲେ।

ଖବରଦାତା ସମ୍ମିଳନୀରେ କେଭିଆଇସି ସଦସ୍ୟ ମନୋଜ ସିଂ(ମଝି) ଓ ଅନ୍ୟମାନେ।

ସେହିପରି ଏହି ସମୀକ୍ଷା କାର୍ଯ୍ୟକ୍ରମ ସମ୍ପର୍କରେ କେଭିଆଇସି ଓଡ଼ିଶା ଶାଖାର ନିର୍ଦ୍ଦେଶକ ସମୀର କୁମାର ମହାନ୍ତି କହିଛନ୍ତି, କମିଶନଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ବିସ୍ତୃତ ଆଲୋଚନା କରାଯାଇଛି। ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ କିପରି ରାଜ୍ୟର ପ୍ରତି ଅଞ୍ଚଳର ବ୍ୟକ୍ତି ଓ ସଂସ୍ଥାଗୁଡିକ ପାଇପାରିବେ ସେ ନେଇ ଆମେ ମିଳିତ ଭାବେ ଖଦି ବୋର୍ଡ ଓ ଜିଲା ଶିଳ୍ପ କେନ୍ଦ୍ର ସହାୟତାରେ କାର୍ଯ୍ୟ ଜାରି ରଖିଛି। କେଭିଆଇସିର ବିଭିନ୍ନ ଯୋଜନାରେ ମିଳୁଥିବା ସବ୍‌ସିଡି ସହ ବିଭିନ୍ନ ହିତାଧିକାରୀଙ୍କର ଅଭିବୃଦ୍ଧି ଘଟିଛି ସେସବୁ ବିଷୟରେ ମଧ୍ୟ ବ୍ୟାପକ ଆଲୋଚନା କରାଯାଇଛି। ଆଗାମୀ ଦିନରେ ଓଡ଼ିଶାରେ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକଳ୍ପ କେନ୍ଦ୍ର ସରକାର କେଭିଆଇସି ମାଧ୍ୟମରେ କରିବେ ବୋଲି ସୂଚନା ମିଳିଛି। ବିଶେଷକରି ହାତୀମାନଙ୍କ ସୁରକ୍ଷା ପାଇଁ ଏକ ବିଶେଷ କାର୍ଯ୍ୟକ୍ରମ ସହ ପ୍ରାକୃତିକ ରଙ୍ଗ ଉତ୍ପାଦନ ୟୁନିଟ ଓ ଟ୍ରେନିଂ ସେଣ୍ଟର ମଧ୍ୟ ଓଡ଼ିଶାରେ ହେବ ବୋଲି ଜଣାପଡ଼ିଛି। କେଭିଆଇସି ସହିତ କିପରି ଭାବେ ଅଧିକରୁ ଅଧିକ ଲୋକ ଓ ସଂସ୍ଥା ଜଡିତ ହୋଇପାରିବେ ସେ ନେଇ ଜିଲା ପ୍ରଶାସନ ସହଯୋଗରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ମହାନ୍ତି ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ସହଯୋଗୀ ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ସମେତ କେଭିଆଇସିର ଅଧିକାରୀ ଓ କର୍ମଚାରୀମାନେ ଏଥିରେ ଉପସ୍ଥିତ ଥିଲେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଦକ୍ଷିଣା ପବନ ସବୁରି ହିତ
ଉତ୍ତରା ପବନ ଆଣଇ ଶୀତ
ପୂବେଇ ପବନ ଧାନକୁ ଭଲ
ପଶ୍ଚିମା ପବନ ଜରର ମୂଳ।

ଦକ୍ଷିଣା ପବନ ଦେ

ବିକ୍ରି ହୋଇପାରେ ୟୁରେକା ଫୋର୍ବସ

ଦେଶର ପ୍ରମୁଖ ୱାଟର ପ୍ୟୁରିଫାୟର ଓ ଭାକ୍ୟୁମ କ୍ଲିନର ନିର୍ମାଣକାରୀ କମ୍ପାନୀ ୟୁରେକା ଫୋର୍ବସ ବର୍ତ୍ତମାନ ବିକ୍ରିହେବାକୁ ଯାଉଛି ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଏହି କମ୍ପାନୀକୁ ଆମେରିକାର ଏକ ଘରୋଇ ଇକ୍ୱିଟି ଫାର୍ମ ଏଡ୍‌ଭେଣ୍ଟ ଇଣ୍ଟରନ୍ୟାଶନାଲ ପ୍ରାୟ ୫ ହଜାର କୋଟି ଟଙ୍କାରେ କ୍ରୟ କରିବ ବୋଲି ସୂଚନା ମିଳିଛି।

ସଂକ୍ଷେପରେ

ଗାଡ଼ି ବୀମା କଭର ମହଙ୍ଗା ହୋଇପାରେ

ନୂଆଦିଲ୍ଲୀ,୧୧।୯: ଆଗାମୀ ମାସଗୁଡିକରେ ନୂଆ ଗାଡ଼ି କିଣିବା ୧୦% ମହଙ୍ଗା ହୋଇପାରେ। ବୀମା ପଲିସିର ଡିଜାଇନ ଏବଂ ମୋଟର ବୀମା କଭର ମଡେଲ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଏଭଳି ଯଦି ନୂଆ ନିୟମ ଆସେ ତେବେ ଗାଡ଼ି ଲାଗି ବୀମା କଭର ନେବା ମହଙ୍ଗା ହେବ। ଯାହାର ପ୍ରଭାବ ଯାନର କ୍ରୟ ଉପରେ ପଡିବ ବୋଲି କୁହାଯାଉଛି। ମାଡ୍ରାସ ହାଇକୋର୍ଟ ନିକଟରେ ଏକ ଶୁଣାଣି କରିଛନ୍ତି। ଏହା ଅନୁସାରେ ଯାନ ମାଲିକ ଏବେ ବର୍ଷର ଟୁ ବର୍ଷର କଭର ନେବା ବାଧ୍ୟତାମୂଳକ ହେବ। ତୃତୀୟ ପକ୍ଷ ବୀମା ପଲିସି ବାଦ୍ ମୋଟର ଅନ୍ ଡ୍ୟାମେଜ ବୀମା ମଧ୍ୟ କ୍ରୟ କରିବାକୁ ପଡିବ। ସହ ଯାତ୍ରୀଙ୍କ ଲାଗି ଦୁର୍ଘଟଣା କଭର ମଧ୍ୟ କ୍ରୟ କରିବାକୁ ହେବ। ଏଗୁଡିକ ଯୋଡିଲେ ଗାଡ଼ି ମାଲିକଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡିବ। ଫଳରେ ଗାଡ଼ି ବୀମା କଭର ମହଙ୍ଗା ହୋଇପାରେ ବୋଲି ଆକଳନ କରାଯାଇଛି।

ଟିପିସିଓଡିଏଲ୍‌ର ସବୁଜ ଅଭିଯାନ

ଭୁବନେଶ୍ୱର,୧୧।୯: ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଟାଟା ପାୱାରର ଉଚ୍ଚ ପ୍ରଶଂସିତ କ୍ଲବ୍ ଏନର୍ଜି ଓ ବୃକ୍ଷ ମିତ୍ରଙ୍କ ଜରିଆରେ ସବୁଜ ଅଭିଯାନ କାର୍ଯ୍ୟକ୍ରମକୁ ଏହାର କାର୍ଯ୍ୟକ୍ଷେତ୍ରରେ ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନର ପ୍ରସାର କରିବା ଲାଗି ଟିପିସିଓଡିଏଲ୍ ପକ୍ଷରୁ ଜବାହର ନବୋଦୟ ବିଦ୍ୟାଳୟ, ମୁଣ୍ଡଳୀ ଓ କେନ୍ଦ୍ରୀୟ ବିଦ୍ୟାଳୟ-୨, କଟକ ଭଳି ଦୁଇଟି ସ୍କୁଲ ସହିତ ସହଯୋଗିତା ସ୍ଥାପନ କରାଯାଇଛି। ପ୍ରାୟ ୫୦୦ ଛାତ୍ରୀଛାତ୍ରଙ୍କ ଯୋଗଦାନରେ ଶକ୍ତି ସଂରକ୍ଷଣ ମଡ୍ୟୁଲ ଉପରେ ଏକ ଭର୍ଚୁଆଲ୍ ଅଧିବେଶନର ଆୟୋଜନ ମଧ୍ୟ କରାଯାଇଥିବା ଟିପିସିଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଏମ୍. ସେନ୍‌ବାଗମ୍ ସୂଚନା ଦେଇଛନ୍ତି।

କମିପାରେ ଖାଇବା ତେଲ ମୂଲ୍ୟ

ନୂଆଦିଲ୍ଲୀ,୧୧।୯

ଗତ ୧୪ ମାସ ମଧ୍ୟରେ ଭାରତୀୟ ବଜାରର ଖୁଚୁରା ଖାଇବା ତେଲ ମୂଲ୍ୟ ପ୍ରାୟ ୭୦% ବୃଦ୍ଧି ଘଟିଛି। ଏହାକୁ ନେଇ ବିରୋଧୀ ସରକାରଙ୍କୁ ଘେରିଥିବା ବେଳେ ସରକାର ମଧ୍ୟ ଉକ୍ତ ଘଟଣାକୁ ଗୁରୁତ୍ୱର ସହ ନେଇଥିବା ଜଣାପଡ଼ିଛି। ଗତ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀ ଅନୁସାରେ ଅଶୋଧିତ ପାମ୍ ତେଲର ଆମଦାନୀ ଶୁଳ୍କ ୧୦% ରୁ ୨.୫%କୁ ହ୍ରାସ କରାଯାଇଛି। ସେହିପରି ଅଶୋଧିତ ସୋୟା ଓ ସୂର୍ଯ୍ୟମୁଖୀ ତେଲର ଆମଦାନୀ ଶୁଳ୍କ ୭.୫%ରୁ ୨.୫%କୁ ହ୍ରାସ ଘଟିଛି । ଏଥି ସହିତ ବିଶୋଧିତ ଗ୍ରେଡ୍ ପାମୋଲିନ ତେଲ, ସୋୟା ତେଲ ଏବଂ ସୂର୍ଯ୍ୟମୁଖୀ ତେଲ ଉପରେ ମୂଳ ଆମଦାନୀ ଶୁଳ୍କ ୩୭.୫%ରୁ ୩୨.୫%କୁ ଖସି ଆସିଛି। ଆମଦାନୀ ଶୁଳ୍କ ହ୍ରାସ ପରେ ଅଶୋଧିତ ପାମୋଲିନ ତେଲ, ଅଶୋଧିତ ସୋୟା ତେଲ ଏବଂ ସୂର୍ଯ୍ୟମୁଖୀ ତେଲ ଉପରେ ସମୁଦାୟ ୨୪.୭୫% ଟିକସ ଲାଗୁ ହେବ ବୋଲି ଜଣାପଡ଼ିଛି। ଏଥିରେ ୨.୫% ବେସ୍ ଆମଦାନୀ ଶୁଳ୍କ ରହିଥିବା ବେଳେ ଅନ୍ୟାନ୍ୟ ଟ୍ୟାକ୍ସ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ତେବେ ସରକାରଙ୍କ ଏହି ପଦକ୍ଷେପ ଯୋଗୁ ବଜାରରେ ବିଭିନ୍ନ ବର୍ଗର ଖାଇବା ତେଲର ମୂଲ୍ୟ ହ୍ରାସ ହେବ ବୋଲି ଅନୁମାନ କରାଯାଉଛି। ସେହିପରି ବିଭିନ୍ନ ରାଷ୍ଟ୍ରରୁ ଆମଦାନୀ ଜରିଆରେ ଦେଶର ଖାଇବା ତେଲର ଦୁଇତୃତୀୟାଂଶ ଚାହିଦା ପୂରଣ ହୋଇଥାଏ। ଭାରତ ଏହାର ଘରୋଇ ବ୍ୟବହାର ପାଇଁ ଇଣ୍ଡୋନେସିଆ ଏବଂ ମାଲେସିଆ ଭଳି ଦେଶରୁ ପାମୋଲିନ ତେଲ ଆମଦାନୀ କରିଥାଏ। କେନ୍ଦ୍ର ସରକାରଙ୍କ ଉକ୍ତ ନିର୍ଦ୍ଦେଶାବଳୀ ଶନିବାର ଠାରୁ ସାରା ଦେଶରେ ଲାଗୁ କରାଯିବା ନେଇ ଖାଦ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆମଦାନୀ ଶୁଳ୍କ ହ୍ରାସ ଯୋଗୁ ଏହିସବୁ ତୈଳର ଖୁଚୁରା ମୂଲ୍ୟରେ ପ୍ରତି ଲିଟର ପିଛା ପ୍ରାୟ ୪ରୁ ୫ ଟଙ୍କା ହ୍ରାସ ହୋଇପାରେ ବୋଲି ସଲଭେଣ୍ଟ ଏକ୍ସପୋର୍ଟର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ (ଏସ୍‌ଇଏଆଇ) ଙ୍କ କାର୍ଯ୍ୟକାରୀ ନିର୍ଦ୍ଦେଶକ ବି.ଭି. ମେହେଟା କହିଛନ୍ତି। ଭାରତରେ ସରକାର ଶୁଳ୍କ ହ୍ରାସ କରିବା ପରେ ମଧ୍ୟ ଅନ୍ତର୍ଜାତୀୟ ବଜାରରେ ମୂଲ୍ୟ ବୃଦ୍ଧି ହେବାର ବି

ସୀମା ଶୁଳ୍କ ହ୍ରାସ କଲେ ସରକାର

ଦେଖାଯାଇଛି। ଏଣୁ ଶୁଳ୍କ ହ୍ରାସ ଯୋଗୁ ବେଶି ନ ହେଲେ ବି ଖାଉଟିଙ୍କୁ ଲିଟର ପିଛା ୨ରୁ ୩ଟଙ୍କା ଶସ୍ତାରେ ଏହା ନିଶ୍ଚିତ ମିଳିପାରେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଓଡ଼ିଶା ବ୍ୟବସାୟ ମହାସଂଘର ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ସରକାର ଯଦି ସତରେ ଉକ୍ତ ନିଷ୍ପତ୍ତିକୁ ଯଥାଶୀଘ୍ର ରାଜ୍ୟରେ ଲାଗୁ କରିବା ସହ ବଜାର ଦର ଉପରେ ନଜର ରଖିବେ ତା' ହେଲେ ରାଜ୍ୟର କୋଟି କୋଟି ଖାଉଟି ଏହାଦ୍ୱାରା ବେଶ୍ ଉପକୃତ ହୋଇପାରିବେ। ଗତ କିଛି ମାସ ମଧ୍ୟରେ ବିଭିନ୍ନ ବର୍ଗର ତେଲ ଯଥା ସୋରିଷ ତେଲ ଲିଟର ପିଛା ୮୦ ଟଙ୍କା ଥିବା ବେଳେ ଏବେ ୧୯୦ ଟଙ୍କା, ପାମୋଲିନ ୬୫ ଟଙ୍କା ଥିବା ବେଳେ ଏବେ ୧୭୫ ଟଙ୍କା, ସୂର୍ଯ୍ୟମୁଖୀ ତେଲ ୮୫ ଟଙ୍କା ଥିବା ବେଳେ ଏବେ ୧୭୫ ଟଙ୍କାରେ ବିକ୍ରି ହେଉଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

ବିଓଆଇର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୧।୯

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ), ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ବ୍ୟାଙ୍କର ୧୧୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ସ୍ଥାନୀୟ କଳିଙ୍ଗନଗରଠାରେ ଏହି ଅବସରରେ ଚାରା ରୋପଣ କରାଯାଇଥିଲା। ଆଞ୍ଚଳିକ ପ୍ରବନ୍ଧକ ପ୍ରିୟବ୍ରତ ପଟ୍ଟନାୟକ, ଉପ ଆଞ୍ଚଳିକ ପ୍ରବନ୍ଧକ କମଳଲୋଚନ ସେଠୀ, ଶ୍ରୀଜିତ୍ ବେହେରା, ପ୍ରଦୀପ୍ତ ରଞ୍ଜନ ରାୟ, ଗାୟତ୍ରୀ କମ୍ପା (ସହାୟକ ମହାପ୍ରବନ୍ଧକ) ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ୧୮୦ ଜଣ ଆଦିବାସୀ ବାଳିକାଙ୍କୁ ବ୍ୟାଙ୍କ ପକ୍ଷରୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରାଯିବା ସହ ସେମାନଙ୍କ ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତିଷ୍ଠା ଦିବସ ଅବସରରେ ବ୍ୟାଙ୍କର ସମ୍ବଲପୁର ଆଞ୍ଚଳ ଏକ ନୂତନ ପରିସରକୁ ସ୍ଥାନାନ୍ତରିତ ହୋଇଥିଲା। ଏହା ଆଞ୍ଚଳିକ ପ୍ରବନ୍ଧକ ପ୍ରିୟବ୍ରତ ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ଅଧୀନରେ ଥିବା ୯୧ଟି ଶାଖା, କର୍ମଚାରୀ ନିୟୋଜନ କାର୍ଯ୍ୟକ୍ରମ ଅଧୀନରେ ଗ୍ରାହକ ସମ୍ମିଳନୀର ଆୟୋଜନ କରି ପ୍ରତିଷ୍ଠା ଦିବସରେ ଅଂଶଗ୍ରହଣ କରିଥିଲେ।

୧୦.୩% ଛୁଇଁଲା ବେରୋଜଗାରୀ ହାର

ନୂଆଦିଲ୍ଲୀ,୧୧।୯

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ବେରୋଜଗାରୀ ଡାଟା ସଂକ୍ରାନ୍ତ ରିପୋର୍ଟ ପ୍ରକାଶ ପାଇଛି। ଦେଶର ସହରାଞ୍ଚଳରେ ଗତ ଗୋଟିଏ ବର୍ଷ ମଧ୍ୟରେ ବେରୋଜଗାରୀ ହାର ୨.୪% ବଢିଛି। ଅକ୍ଟୋବରରୁ ଡିସେମ୍ବର ୨୦୨୦ ମଧ୍ୟରେ ଏହା ୧୦.୩% ରହିଛି। ୨୦୧୯ର ଏହି ଅବଧିରେ ବେରୋଜଗାରୀ ହାର ୭.୮% ସ୍ତରରେ ରହିଥିଲା। ଜୁଲାଇଠାରୁ ସେପ୍ଟେମ୍ବର ୨୦୨୦ ମଧ୍ୟରେ ଉକ୍ତ ହାର ୧୩.୩% ସ୍ତରରେ ରହିଥିଲା। କରୋନା କଟକଣା ଉଠିବାରୁ ନିଯୁକ୍ତି ସ୍ଥିତିରେ ଉନ୍ନତି ଆସୁଥିବା ଜଣାପଡିଛି। ୨୦୨୦ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ସହରାଞ୍ଚଳର ଶ୍ରମଶକ୍ତି ଯୋଗଦାନ ୩୭.୩% ସ୍ତରରେ ରହିଥିଲା। ଏହାର ପୂର୍ବବର୍ଷ ସମାନ ସମୟ ଅବଧିରେ ଏହା ଉନ୍ନତ ଥିଲା। ୪୩,୬୯୩ ପରିବାରକୁ ନେଇ ଏନ୍‌ଏସ୍‌ଓ ସର୍ଭେ କରିଥିବା ବେଳେ ଏଥିରେ ୧.୭୧ ଲକ୍ଷ ଲୋକଙ୍କୁ ସାମିଲ କରାଯାଇଥିଲା।

ୟୁନିୟନ ବ୍ୟାଙ୍କର ହିନ୍ଦୀ ପକ୍ଷ

ବ୍ରହ୍ମପୁର,୧୧।୯

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁର ପକ୍ଷରୁ ହିନ୍ଦୀ ପକ୍ଷ ପାଳିତ ହୋଇଯାଇଛି। ବ୍ୟାଙ୍କର ଉପ କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିବା ସହ ଏଥିରେ ବ୍ୟାଙ୍କର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅମିତ ଦୀକ୍ଷିତ, ସହାୟକ ପ୍ରବନ୍ଧକ (ରାଜଭାଷା) ଉଦ୍‌ଘାଟନ କାର୍ଯ୍ୟକ୍ରମରେ କହିଥିଲେ, ହିନ୍ଦୀ ପକ୍ଷ ଅବସରରେ କାର୍ଯ୍ୟାଳୟ ଏବଂ ଶାଖାର କର୍ମଚାରୀମାନଙ୍କ ନିମନ୍ତେ ବିଭିନ୍ନ ପ୍ରକାର ପ୍ରତିଯୋଗିତାର ଆୟୋଜନ କରାଯିବ।

ଏଚ୍‌ଡିଏଫ୍‌ସି ପକ୍ଷରୁ ଡିଜିଟାଲ ମେଗା ଋଣ ମେଳା

ଭୁବନେଶ୍ୱର,୧୧।୯

ରାଜ୍ୟର ମହିଳାମାନଙ୍କର ଉନ୍ନତି ସହିତ ସେମାନଙ୍କର ଆର୍ଥିକ ଓ ସାମାଜିକ ଅବସ୍ଥାର ବିକଶ ପାଇଁ ସରକାର ଅନେକ କାର୍ଯ୍ୟକ୍ରମ କରୁଛନ୍ତି। ସରକାରଙ୍କ ଏହି ଆଶା ଓ ଉଦ୍ଦେଶ୍ୟ ପୂରଣ ପାଇଁ ରାଜ୍ୟର ପ୍ରମୁଖ ଘରୋଇ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନକାରୀ ସଂସ୍ଥା ଏଚ୍‌ଡିଏଫ୍‌ସି ବ୍ୟାଙ୍କ କିଛି ପରିମାଣରେ ସହଯୋଗ ଓ ସହାୟତା ମହିଳାମାନଙ୍କୁ ଯୋଗାଇ ଦେଇଆସୁଛି। ଗୁରୁବାର ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ସହ ମିଳିତ ହୋଇ ୨୮ଟି ଜିଲାରେ ଡିଜିଟାଲ ଋଣ ମେଳା ଆୟୋଜନ କରିଥିଲା। ଏହି ଅବସରରେ ମିଶନ ଶକ୍ତି କମିଶନର ତଥା ବିଭଗୀୟ ସଚିବ ସୁଜାତା ଆର୍. କାର୍ତ୍ତିକେୟନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏକ ଭର୍ଚୁଆଲ ସଭା ଜରିଆରେ ସେହିଭଳି ଏହି ମେଳା ସମ୍ପର୍କରେ ବ୍ୟାଙ୍କର ବରିଷ୍ଠ ଉପସଭାପତି ତଥା ସର୍କଲ ହେଡ୍ ଦୀପକ କୁମାର ସିଂହ କହିଥିଲେ, ରାଜ୍ୟର ମହିଳାମାନଙ୍କ ସଶକ୍ତୀକରଣ ପାଇଁ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି। ମିଶନ ଶକ୍ତିର ଅଗ୍ରଣୀ ଅନୁଷ୍ଠାନ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ବିକାଶ ପାଇଁ ବ୍ୟାଙ୍କ ସଦସର୍ବଦା ସହଯୋଗ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ମେଳା ଜରିଆରେ ବ୍ୟାଙ୍କ ୨୮ଟି ଜିଲାର ୩୯୫ ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ୭.୨୨ କୋଟି ଟଙ୍କା ଋଣ ପ୍ରଦାନ କରିଛି।

ଫୁରସତ୍

ଏକାଠି ଲଢ଼ିବା ହିଁ ସର୍ବୋତ୍ତମ

ଯେକୌଣସି ସମସ୍ୟା ବିରୋଧରେ ଏକଜୁଟ ହୋଇ ଲଢ଼ିଲେ ସମାଧାନର ପଥ ସହଜ ହୋଇଥାଏ। ଏହା ପ୍ରତି ପରିବାର, ସମାଜ, ରାଜ୍ୟ-ରାଜ୍ୟ ଅବା ଅନ୍ତର୍ଜାତୀୟସ୍ତରରେ ଦେଶ-ଦେଶ ପାଇଁ ପ୍ରଯୁଜ୍ୟ ହୋଇପାରେ। ଏହା ଦ୍ୱାରା ସମସ୍ୟା ବିରୋଧରେ ଲଢ଼େଇ ପାଇଁ ନୂଆ ଚିନ୍ତା ଧାରା ସହିତ ଉତ୍ସାହ ବୃଦ୍ଧି ପାଇଥାଏ। ସମ୍ପ୍ରତି ଦେଖାଦେଇଥିବା କରୋନା ମହାମାରୀ ବିରୋଧରେ ସମଗ୍ର ବିଶ୍ୱ ସମୁଦାୟ ମଧ୍ୟରେ ଏକତା ଭାବ ଦେଖାଦେଇଛି, ଯାହାକି ଅପରିହାର୍ଯ୍ୟ ଥିଲା ବୋଲି ବହୁ ବୁଦ୍ଧିଜୀବୀଙ୍କ ସମେତ ଜାତିସଂଘ ପକ୍ଷରୁ କୁହାଯାଇଛି।

କିଛି ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ପାଇଁ ଜାତିସଂଘ ପକ୍ଷରୁ ଦକ୍ଷିଣ-ଦକ୍ଷିଣ ସହଯୋଗ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ରାଜନୈତିକ, ଆର୍ଥିକ, ସାମାଜିକ, ସାଂସ୍କୃତିକ, ପରିବେଶ ଏବଂ ବୈଷୟିକ କ୍ଷେତ୍ରରେ ଦକ୍ଷିଣ ଦେଶ ମଧ୍ୟରେ ସହଯୋଗର ଏକ ବ୍ୟାପକ ଢାଞ୍ଚା ପ୍ରସ୍ତୁତି ଲାଗି ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟିର ଗୁରୁତ୍ୱ ଉପଲବ୍ଧି କରାଯାଇଥିଲା। ଜାତିସଂଘରେ ୧୯୭୮ ବୁଏନୋସ ଆଇରେସରେ ବିକାଶଶୀଳ ଦେଶଙ୍କ ଦ୍ୱାରା ଗ୍ଲୋବାଲ ସାଉଥ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବିକାଶଶୀଳ ଦେଶ ମଧ୍ୟରେ ବୈଷୟିକ ସହଯୋଗକୁ ପ୍ରୋତ୍ସାହନ ତଥା କାର୍ଯ୍ୟକାରୀ କରିବା ପାଇଁ ବୁଏନୋସ ଆଇରେସ ପ୍ଲାନ ଅଫ୍ ଆକ୍ସନ (ବାପା) ଗ୍ରହଣ କରାଯାଇଥିଲା। ପରେ ଏହାକୁ ବ୍ୟାପକ କରିବା ଲାଗି ୨୦୧୩ରେ ଏକ ପୃଥକ ସଂସ୍ଥା ଦକ୍ଷିଣ-ଦକ୍ଷିଣ ସହଯୋଗ ପାଇଁ ଗଠନ କରାଯାଇଥିଲା। ପ୍ରତିବର୍ଷ ସେପ୍ଟେମ୍ବର ୧୨କୁ ୟୁନାଇଟେଡ୍ ନେଶନ ଡେ ଫର୍ ସାଉଥ୍-ସାଉଥ୍ କୋପରେଶନ ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ଜାତିସଂଘ ଦକ୍ଷିଣ-ଦକ୍ଷିଣ ସହଯୋଗ ହେଉଛି ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଏକତାର ଏକ ପ୍ରଦର୍ଶନ। ଏହାକୁ ଆଗେଇ ନେବାକୁ ୨୦୧୫ରେ ସେମାନଙ୍କର ଜାତୀୟତା ତଥା ସାମୁହିକ ଆତ୍ମନିର୍ଭରଶୀଳତା ଏବଂ ନିରନ୍ତର ବିକାଶ ପାଇଁ ୨୦୩୦ ଏଜେଣ୍ଡା ସମେତ ଅନ୍ତର୍ଜାତୀୟ ସ୍ତରରେ ସହମତ ବିକାଶ ଲକ୍ଷ୍ୟ ହାସଲ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ସାମ୍ପ୍ରତିକ ମହାମାରୀକୁ ଧ୍ୟାନରେ ରଖି ଏହି ପ୍ରକାର ସହଯୋଗ ବର୍ତ୍ତମାନ ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ ହେଉଉଛି। ଏହି ବିଶ୍ୱ ସଙ୍କଟ ସମୟରେ ପ୍ରଭାବଶାଳୀ ଜ୍ଞାନକୌଶଳ, ନେତୃତ୍ୱ, ସମନ୍ୱୟ, ଯୋଗାଯୋଗ ଏବଂ ସମସ୍ତଙ୍କ ପାଇଁ ସୁସ୍ୱାସ୍ଥ୍ୟ ଲକ୍ଷ୍ୟ ନେଇ ଜାତିସଂଘର ଦକ୍ଷିଣ-ଦକ୍ଷିଣ ସହଯୋଗ ଉଦ୍ୟମ ଜାରି ରଖିଛି।

ଭ୍ରୂଣରେ ବୋବେଇବା ଶିଖନ୍ତି ପକ୍ଷୀ

ନୂଆଦିଲ୍ଲୀ: ଗର୍ଭରେ ଥାଇ ଯୁଦ୍ଧ କୌଶଳ ଶିଖିଥିଲେ ଅଭିମନ୍ୟୁ। ପୌରାଣିକ ଉପାଖ୍ୟାନ ମହାଭାରତର ଏହି କଥାକୁ ହୁଏତ ଅନେକେ କାଳ୍ପନିକ ଭାବୁଥିବେ। କିନ୍ତୁ ଏଭଳି ଏକ କଥାକୁ ଏବେ ପ୍ରମାଣ କରିବାକୁ ବାହାରିଲେଣି ବୈଜ୍ଞାନିକମାନେ। ଅଷ୍ଟ୍ରେଲିଆ ବୈଜ୍ଞାନିକମାନଙ୍କର ଏକ ରିସର୍ଚ୍ଚ ପରେ ଜଣାପଡିଛି କି ଚଢ଼େଇମାନେ ଭ୍ରୂଣ ଥିବା ଅବସ୍ଥାରେ ରାବିବା ଶିଖିଥାନ୍ତି। ଅଷ୍ଟ୍ରେଲିଆରେ ଥିବା ଫ୍ଲାଇଣ୍ଡର୍ସ ୟୁନିଭର୍ସିଟିର ବୈଜ୍ଞାନିକମାନେ ଚଢ଼େଇଙ୍କୁ ନେଇ ଏକ ରିସର୍ଚ୍ଚ କରିବା ପରେ ଏଭଳି ତଥ୍ୟ ପ୍ରକାଶ କରିଛନ୍ତି। ରିସର୍ଚ୍ଚ ଚଳାଇଥିବା ବୈଜ୍ଞାନିକମାନେ ୫ ପ୍ରଜାତିର ୧୩୮ଟି ଅଣ୍ଡାକୁ ରିସର୍ଚ୍ଚ ନିମନ୍ତେ ନେଇଥିଲେ। ଅଣ୍ଡା ପାଖରେ ୬୦ ମିନିଟ୍ ପର୍ଯ୍ୟନ୍ତ ଅନ୍ୟ ଚଢ଼େଇମାନଙ୍କର କିଚିରି ମିଚିରି ଶବ୍ଦର ରେକର୍ଡିଂ ଶୁଣାଇଥିଲେ। ଏହାପରେ ଦେଖାଯାଇଥିଲା କି

ବିଶେଷଜ୍ଞଙ୍କ ଦାବି

ଚଢ଼େଇଙ୍କ ଶବ୍ଦ ଶୁଣିବା ପରେ ଅଣ୍ଡା ଭିତରେ ଥିବା ଭ୍ରୂଣର ହୃତ୍‌ସ୍ପନ୍ଦନରେ ପରିବର୍ତ୍ତନ ହୋଇଥିଲା। ଯେଉଁ ଭ୍ରୂଣଗୁଡ଼ିକ ପକ୍ଷୀମାନଙ୍କର ଶବ୍ଦ ବେଶି ଶୁଣିବା ପାଇଁ ଚେଷ୍ଟା କରିଥିଲେ ସେମାନଙ୍କର ହୃତସ୍ପନ୍ଦନ ବହୁତ କମି ଯାଇଥିଲା। ସେମାନଙ୍କୁ ପୁନର୍ବାର ଚଢ଼େଇଙ୍କ ଶବ୍ଦ ଶୁଣାଇବା ଫଳରେ ହୃତ୍‌ସ୍ପନ୍ଦନ ପୁଣି ବୃଦ୍ଧି ପାଇ ସ୍ୱାଭାବିକ ହୋଇଥିଲା। ଏଭଳି ଏକ ରିସର୍ଚ୍ଚ ଫଳାଫଳାକୁ ବୈଜ୍ଞାନିକମାନେ ମଣିଷଙ୍କ କ୍ଷେତ୍ରରେ ପ୍ରୟୋଗ କରିବାକୁ ଯୋଜନା ରଖିଛନ୍ତି।

ବାପା ହେଲେ ଶାହିର ଶେଖ

ବମ୍ବେ: ଟେଲିଭିଜନ ଜଗତର ହ୍ୟାଣ୍ଡସମ ଷ୍ଟାର ଶାହିର ଶେଖ ବାପା ହୋଇଛନ୍ତି। ତାଙ୍କ ଘରକୁ କୁନି ରାଜକୁମାରୀ ଆସିଛନ୍ତି। ସ୍ତ୍ରୀ ରୁଚିକା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିବା ଜଣାପଡ଼ିଛି। କିଛି ଦିନ ପୂର୍ବରୁ ଶାହିର ରୁଚିକାଙ୍କ ପାଇଁ 'ଗୋଦଭରାଇ' ଉତ୍ସବ ଆୟୋଜନ କରିଥିଲେ। ଏହାର ଫଟୋ ଭାଇରାଲ ହୋଇଥିଲା। ୨୦୨୦ ନଭେମ୍ବରରେ ବିବାହ କରିଥିଲେ ଶାହିର। ଜୁନ୍‌ରେ ସ୍ତ୍ରୀ ରୁଚିକା ମା' ହେବାକୁ ଯାଉଥିବା ଜଣାପଡ଼ିଥିଲା। ଶାହିର ମଧ୍ୟ ସାକ୍ଷାତକାରରେ ନିଜ ଜୀବନର ଗତିପଥ ବଦଳି ଯାଇଥିବା ପ୍ରକାଶ କରିଥିଲେ। ଏଭଳିକି ଏକୁଟିଆ ରହି ଆସିଥିବା ମଣିଷ କିଭଳି ଆଉଜଣଙ୍କ ସହ ନିଜର ସମୟ ବାଣ୍ଟୁଛି ତାହା କହିଥିଲେ। ରୁଚିକାଙ୍କୁ ଶାହିରକୋର୍ଟରେ ବିବାହ କରିଥିଲେ । ପରେ ସେମାନେ ଜମ୍ମୁରେ ନିଜର ପ୍ରିୟଜନଙ୍କ ସହ ବିବାହ ଭୋଜି ଦେବାର କାର୍ଯ୍ୟକ୍ରମ ରହିଥିଲା। ହେଲେ କରୋନା କାରଣରୁ ସବୁ କାର୍ଯ୍ୟକ୍ରମ ବାତିଲ କରିଦିଆଯାଇଥିଲା।

ମନେ

ଜୋକୋଭିଚ୍-ମେଡଭେଡେଭ ଫାଇନାଲ

ୟୁଏସ୍ ଓପନ ଟେନିସ

ନ୍ୟୁୟର୍କ,୧୧।୯

ବିଶ୍ୱର ୧ ନମ୍ବର ଖେଳାଳି ସର୍ବିୟାର ନୋଭାକ ଜୋକୋଭିଚ୍ ଇତିହାସ ସୃଷ୍ଟି କରିବାଠାରୁ ଗୋଟିଏ ପାଦ ଦୂରରେ ରହିଛନ୍ତି। ସେ ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ ଟେନିସ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆଉ ଗୋଟିଏ ବିଜୟ ହାସଲ କଲେ ଅର୍ଥାତ୍ ଫାଇନାଲରେ ବିଜୟୀ ହେଲେ ସେ ଦୁଇଟି ବଡ଼ ସଫଳତା ହାସଲ କରିବେ। ଫାଇନାଲରେ ବିଜୟୀ ହେଲେ ସେ କ୍ୟାଲେଣ୍ଡର-ଇୟର ଗ୍ରାଣ୍ଡସ୍ଲାମ ହାସଲ କରି ଇତିହାସ ସୃଷ୍ଟି କରିବେ ଓ କ୍ୟାରିୟରର ୨୧ତମ ଗ୍ରାଣ୍ଡସ୍ଲାମ ହାସଲ କରି ରେକର୍ଡ କରିବେ। ୧୯୬୯ ପରେ କୌଣସି ଖେଳାଳି ପୁରୁଷ ସିଙ୍ଗଲ୍ସରେ କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ କରିପାରି ନାହାନ୍ତି।

ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ୩୪ ବର୍ଷୀୟ ଜୋକୋଭିଚ୍ ବିଶ୍ୱର ୪ ନମ୍ବର ଖେଳାଳି ଜର୍ମାନୀର ଆଲେକଜାଣ୍ଡର ଜେଭେରେଭଙ୍କୁ ୪-୬, ୬-୨, ୬-୪, ୪-୬, ୬-୨ ମାରାଥନ ସେଟ୍‌ରେ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। ଏବେ ଫାଇନାଲରେ ସେ ରବିବାର ବିଶ୍ୱର ୨ ନମ୍ବର ଖେଳାଳି ରୁଷିଆର ଡାନିଲି ମେଡଭେଡେଭଙ୍କୁ ଭେଟିବେ। ମେଡଭେଡେଭ ଅନ୍ୟ ଏକ ସେମିଫାଇନାଲ ମୁକାବିଲାରେ ବିଶ୍ୱର ୧୫ ନମ୍ବର ଖେଳାଳି କାନାଡାର ଫେଲିକ୍ସ ଅଗେର-ଆଲିଆଜିମଙ୍କୁ ପରାସ୍ତ କରି ୬-୪, ୭-୫, ୬-୨ ସେଟ୍‌ରେ ହରାଇ ଫାଇନାଲକୁ ଉଠିଛନ୍ତି। ଜୋକୋଭିଚ, ସୁଇଜରଲାଣ୍ଡର ରୋଜର ଫେଡରର ଓ ସ୍ପେନ୍‌ର ରାଫାଲ ନାଡାଲ ପ୍ରତ୍ୟେକ ୨୦ଟି ଲେଖାଏ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ବରାବର ସ୍ଥିତିରେ ଅଛନ୍ତି। ଯଦି ଜୋକୋଭିଚ୍ ଏଥର ସଫଳ ହୁଅନ୍ତି ତେବେ ୨୧ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ନାଡାଲ ଓ ଫେଡରରଙ୍କୁ ପଛରେ ପକାଇବେ।

୧୯୬୯ ପରେ ଜୋକୋଭିଚ୍ ପ୍ରଥମ ଖେଳାଳି ଭାବେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସବୁ ୪ଟି ଯାକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଜିତି କ୍ୟାଲେଣ୍ଡର ଇୟର ଗ୍ରାଣ୍ଡସ୍ଲାମ ହାସଲ କରିବାର ଦ୍ୱାରରେ ପହଞ୍ଚିଛନ୍ତି। ଏଥିସହ ଜୋକୋଭିଚ୍ କ୍ୟାରିୟରରେ ୩୧ତମ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ମଧ୍ୟ ୯ଥର ୟୁଏସ୍ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି।

ନୋଭାକ ଜୋକୋଭିଚ୍

ଅନ୍ୟପଟେ ୨୫ ବର୍ଷୀୟ ମେଡଭେଡେଭ ତୃତୀୟଥର ପାଇଁ ଗ୍ରାଣ୍ଡସ୍ଲାମ ଫାଇନାଲକୁ ଉଠିଛନ୍ତି। ଏହାପୂର୍ବରୁ ମେଡଭେଡେଭ ଚଳିତବର୍ଷ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ଜୋକୋଭିଚ ଓ ୨୦୧୯ ୟୁଏସ୍ ଓପନ ଫାଇନାଲରେ ନାଡାଲଙ୍କଠାରୁ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ ଓ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲେ। ଦୁଇଟି ଫାଇନାଲରେ ପରାସ୍ତ ହୋଇଛି। ତେବେ ଏଥର ବିଜୟୀ ହେବାକୁ ଚାହେଁ ବୋଲି ମେଡଭେଡେଭ କହିଛନ୍ତି। ଅନ୍ୟପଟେ ଫାଇନାଲ ମ୍ୟାଚ ଜିତିବାକୁ ସବୁମତେ ଚେଷ୍ଟା କରିବି ବୋଲି ଜୋକୋଭିଚ୍ କହିଛନ୍ତି। ଏଥର ସୁଯୋଗ ହାତଛଡ଼ା କରିବାକୁ ଜୋଭୋଭିଚ୍ ଚାହିଁବେ ନାହିଁ।

୫ଜଣ ହାସଲ କରିଛନ୍ତି କ୍ୟାଲେଣ୍ଡର ଇୟର ଗ୍ରାଣ୍ଡସ୍ଲାମ

୫୨ ବର୍ଷ ତଳେ ପୂର୍ବତନ ଅଷ୍ଟ୍ରେଲିଆ ଟେନିସ ଖେଳାଳି ରୋଡ ଲାଭେର କ୍ୟାଲେଣ୍ଡର ଇୟର ଗ୍ରାଣ୍ଡସ୍ଲାମ ହାସଲ କରିଥିଲେ। ଲାଭେର ୧୯୬୨ ଓ ୧୯୬୯ରେ ଏହି ସଫଳତା ହାସଲ କରିଥିଲେ। ସେହିପରି ପୂର୍ବତନ ଆମେରିକୀୟ ଟେନିସ ଖେଳାଳି ଡନ ବୁଡଗେ ମଧ୍ୟ ଏହି ସଫଳତା ୧୯୩୮ରେ ହାସଲ କରିଥିଲେ। ଏହି ଦୁଇ ପୁରୁଷ ଖେଳାଳିଙ୍କୁ ବାଦ୍ ଦେଲେ ୩ ଜଣ ମହିଳା ଖେଳାଳି ମଧ୍ୟ ଏହି ସଫଳତା ହାସଲ କରିଛନ୍ତି। ଜର୍ମାନୀର ଷ୍ଟେଫି ଗ୍ରାଫ୍ ଗୋଟିଏ ବର୍ଷ (୧୯୮୮)ରେ ୪ଟି ଗ୍ରାଣ୍ଡସ୍ଲାମ ଜିତିବା ସହ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ଓ ଏକମାତ୍ର ଖେଳାଳିଭାବେ ସେ ଗୋଲ୍ଡେନ ସ୍ଲାମ ହାସଲ କରିଥିଲେ। ସେହିପରି ୧୯୭୦ରେ ଅଷ୍ଟ୍ରେଲିଆ ମାର୍ଗାରେଟ୍ କୋର୍ଟ ମଧ୍ୟ ୧୯୭୦ରେ ଏହି ସଫଳତା ପାଇଥିଲେ। ୧୯୫୩ରେ ପୂର୍ବତନ ଆମେରିକୀୟ ଖେଳାଳି ମାଉରିନ୍ କୋନୋଲି ବ୍ରିଙ୍କର କ୍ୟାଲେଣ୍ଡର ଇୟର ଗ୍ରାଣ୍ଡସ୍ଲାମ ହାସଲ କରିଥିଲେ। ଆମେରିକାର ସେରେନା ୱିଲିୟମ୍ସ ୨୦୧୫ରେ ଏହି ସୁଯୋଗ ପାଇଥିଲେ ମଧ୍ୟ ୟୁଏସ୍ ଓପନ ସେମିରେ ରୋବର୍ଟା ଭିନ୍ସିଙ୍କଠାରୁ ପରାସ୍ତ ହୋଇଥିଲେ।

ବିସିସିଆଇ ପ୍ରସ୍ତାବକୁ ଗାଭାସ୍କରଙ୍କ ସ୍ୱାଗତ

ମାଞ୍ଚେଷ୍ଟର, ୧୧।୯(ପି.ଟି.)



ବାତିଲ ହୋଇଥିବା ଓଲ୍ଡ ଟ୍ରାଫୋର୍ଡ ଟେଷ୍ଟର କାର୍ଯ୍ୟସୂଚୀ ପୁନଃନିର୍ଦ୍ଧାରିତ କରିବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦେଇଥିବା ପ୍ରସ୍ତାବକୁ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ସ୍ୱାଗତ କରିଛନ୍ତି। ୨୦୦୮ରେ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତ ଟୁର୍‌ରେ ଆସିଥିବା ଇଂଲଣ୍ଡ ଅଧାରୁ ସ୍ୱଦେଶ ଫେରିଯାଇଥିଲା। ଭ୍ରମଣକାରୀ ଦଳର ଏହି ଆଭିମୁଖ୍ୟକୁ ଭାରତ ଭୁଲିଯିବା ଉଚିତ ନୁହେଁ। ଭାରତ କ୍ରିକେଟ ଦଳର ଶିବିରରେ କୋଭିଡ୍ ଦେଖାଦେବାରୁ ସଂକ୍ରମଣ ଆଶଙ୍କା କରି ଭାରତୀୟ ଖେଳାଳିମାନେ ଶୁକ୍ରବାର ୫ମ ଟେଷ୍ଟ ମ୍ୟାଚ ଖେଳିବାକୁ ରାଜି ହୋଇ ନ ଥିଲେ। କାରଣ ସଂକ୍ରମଣ ହେଲେ ସେମାନଙ୍କୁ ଅତିକମ୍‌ରେ ୧୦ ଦିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। ଏହାଦ୍ୱାରା ସେମାନଙ୍କୁ ହୁଏତ ଆଇପିଏଲ୍ ଖେଳିବାରୁ ବଞ୍ଚିତ ହେବାକୁ ପଡ଼ିପାରେ। ଉଭୟ ବିସିସିଆଇ ଓ ଇଂଲଣ୍ଡ କ୍ରିକେଟ ବୋର୍ଡ (ଇସିବି) ଅଫିସିଆଲମାନେ ବାତିଲ ମ୍ୟାଚକୁ ପରେ କରାଯିବ ବୋଲି ଘୋଷଣା କରିଥିଲେ। ହେଲେ ଏନେଇ ବିଧିବଦ୍ଧ ନିଷ୍ପତ୍ତି ହୋଇ ନ ଥିବା ପ୍ରକାଶ। ଗାଭାସ୍କର ତାଙ୍କର ଏକ ସାକ୍ଷାତ୍‌କାରରେ କହିଛନ୍ତି, ପୁନଃନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ବାତିଲ ହୋଇଥିବା ମ୍ୟାଚର ଆୟୋଜନ କରାଯିବା ଉଚିତ। ୨୦୦୮ ନଭେମ୍ବର ୨୬ରେ ଆତଙ୍କବାଦୀଙ୍କ ମୁମ୍ବାଇ ଆକ୍ରମଣ ବେଳେ କଟକରେ ଭାରତ ବିପକ୍ଷରେ ଏକ ଅନ୍ତର୍ଜାତୀୟ ଦିନିକିଆ ଖେଳୁଥିଲା। ଇଂଲଣ୍ଡ ୭ ମ୍ୟାଚ ବିଶିଷ୍ଟ ସିରିଜର ଶେଷ ଦୁଇ ଦିନିକିଆ ନ ଖେଳି ତୁରନ୍ତ ନିଜ ଦେଶକୁ ଫେରିଯାଇଥିଲା। ପରେ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରି ଭାରତ ବିପକ୍ଷରେ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିଥିଲା। ଏଥିରେ ଭାରତ ୧-୦ରେ ବିଜୟୀ ହୋଇଥିଲା। ଗାଭାସ୍କର କହିଛନ୍ତି, ଟେଷ୍ଟ ମ୍ୟାଚ ଖେଳିବା ଲାଗି ଭାରତର ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ ନିଷ୍ପତ୍ତି ପଛରେ ତତ୍‌କାଳୀନ ଅଧିନାୟକ କେଭିନ ପିଟରସନଙ୍କ ବିଶେଷ ଭୂମିକା ରହିଥିଲା। ପିଟରସନ ନ ଚାହିଁଥିଲେ ଏହା ସମ୍ଭବପର ହୋଇ ନ ଥାନ୍ତା। ସେ ତାଙ୍କ ସାଥୀ ଖେଳାଳିଙ୍କୁ ରାଜି କରାଇଥିଲେ। ଇଂଲଣ୍ଡ ଫେରିବା ପରେ ଚେନ୍ନାଇରେ ଏକ ଚମତ୍କାର ଟେଷ୍ଟ ମ୍ୟାଚ ଖେଳାଯାଇଥିଲା। ଅନ୍ତିମ ଦିବସରେ ଭାରତ ୩୮୦ ରନର ବିଜୟ ଲକ୍ଷ୍ୟ ହାସଲ କରି ସ୍ମରଣୀୟ ବିଜୟ ହାସଲ କରିଥିଲା। ଗାଭାସ୍କର କହିଛନ୍ତି ବାତିଲ ହୋଇଥିବା ଟେଷ୍ଟ ମ୍ୟାଚ ଆସନ୍ତାବର୍ଷ ଆଇପିଏଲ୍ ପରେ ଆୟୋଜନ କରାଯାଇପାରେ।

ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡଠାରେ ଇଂଲିଶ ପ୍ରିମିୟର ଲିଗ୍‌ରେ ମାଞ୍ଚେଷ୍ଟର ୟୁନାଇଟେଡ୍‌ର କ୍ରିଷ୍ଟିଆନୋ ରୋନାଲ୍‌ଡୋ ବିପକ୍ଷ ନ୍ୟୁକ୍ୟାସେଲ ୟୁନାଇଟେଡ୍‌ର ସିନ ଲଙ୍ଗଷ୍ଟାଫ୍ ଓ ଜମାଲ ଲାସ୍‌ସେଲ୍ସଙ୍କ ସହ ବଲ୍ ପାଇଁ ସଂଘର୍ଷ ଚଳାଇଛନ୍ତି।

ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ପାକିସ୍ତାନରେ

କରାଚୀ, ୧୧।୯ (ପି.ଟି.)

ଦୀର୍ଘ ୧୮ ବର୍ଷ ପରେ ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ଶନିବାର ପାକିସ୍ତାନରେ ପହଞ୍ଚିଛି। ଦଳର ରାଓ୍ୱଲପିଣ୍ଡି ଓ ଲାହୋରଠାରେ ଦ୍ୱିପାକ୍ଷିକ ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ ସିରିଜ ଖେଳିବ। ନ୍ୟୁଜିଲାଣ୍ଡ ଏହାପୂର୍ବରୁ ୨୦୦୩ରେ ପାକିସ୍ତାନ ଟୁର୍‌ରେ ଆସିଥିଲା। ପରେ ସୁରକ୍ଷାଜନିତ କାରଣ ଦର୍ଶାଇ ଦଳ ପାକିସ୍ତାନକୁ ଆସୁ ନ ଥିଲା। ଟମ୍ ଲଥାମଙ୍କ ନେତୃତ୍ୱରେ ଆସିଥିବା ନ୍ୟୁଜିଲାଣ୍ଡ ଦଳ ନିୟମିତ ଅଧିନାୟକ କେନ୍ ୱିଲିୟମସନ ଓ ଅନ୍ୟ କେତେଜଣ ପ୍ରମୁଖ ଖେଳାଳିଙ୍କ ବିନା ଏହି ସିରିଜ ଖେଳିବ (ଯେଉଁମାନେ ଆଇପିଏଲ୍ ଖେଳିବେ କିମ୍ବା ଛୁଟିରେ ରହିଛନ୍ତି)। ନିୟମିତ କୋଚ୍ ଗ୍ୟାରି ଷ୍ଟଡ୍ ମଧ୍ୟ ଆସିନାହାନ୍ତି। ନ୍ୟୁଜିଲାଣ୍ଡ ରାଓ୍ୱଲପିଣ୍ଡିରେ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ଲାହୋରରେ ୫ ଅନ୍ତର୍ଜାତୀୟ ଟି୨୦ ଖେଳିବ। ନ୍ୟୁଜିଲାଣ୍ଡ ୨୦୨୨-୨୩ ସିଜନରେ ପାକିସ୍ତାନ ପ୍ରତ୍ୟାବର୍ତ୍ତନ କରି ଦୁଇ ଟେଷ୍ଟ ଓ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିବ। ଏହି ୫୦ ଓଭର ବିଶିଷ୍ଟ ମ୍ୟାଚଗୁଡ଼ିକ ଆଇସିସି ପୁରୁଷ କ୍ରିକେଟ ବିଶ୍ୱକପ୍ ୨୦୨୩ କ୍ୱାଲିଫିକେଶନ ପାଇଁ ବିବେଚନା କରାଯିବ ବୋଲି ଉଭୟ ବୋର୍ଡ ରାଜି ହୋଇଛନ୍ତି। କେତେଜଣ ପ୍ରମୁଖ ଖେଳାଳି ରବିବାର ଦଳ ସହ ଯୋଗ ଦେବେ। ଡେରିଲ୍ ମିଚେଲ, ଟଡ୍ ଆସ୍‌ଲେ, ଇସ୍ ସୋଧି, ମାର୍କ ଚାପ୍‌ମାନ ଓ ମାର୍ଟିନ ଗୁପ୍‌ଟିଲ ପ୍ରମୁଖ ଟି୨୦ ଦଳ ସହ ଯୋଗଦେବେ।

ସୁନାପୁଅ ପ୍ରମୋଦ ଭଗତଙ୍କୁ ସମ୍ବର୍ଦ୍ଧନା

ପାରାଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତଙ୍କୁ ସମ୍ମାନିତ କରାଯାଉଛି।

ଭୁବନେଶ୍ୱର,୧୧।୯(ସ୍ପୋର୍ଟ୍ସ ବ୍ୟୁରୋ)

ଟୋକିଓ ପାରାଲିମ୍ପିକ୍ସରେ ବ୍ୟାଡ୍‌ମିଣ୍ଟନରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିବା ପ୍ରମୋଦ ଭଗତଙ୍କୁ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ତରଫରୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଧାୟ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାରା ସ୍ପୋର୍ଟ୍ସ ଆସୋସିଏଶନ ଓଡ଼ିଶା ସଭାପତି କମଳାକାନ୍ତ ରଥ, ପ୍ରମୋଦଙ୍କ କୋଚ୍ ଶିବପ୍ରସାଦ ଦାସ, ଦିବ୍ୟାଙ୍ଗ ଉନ୍ନୟନ ପରିଷଦ ଓଡ଼ିଶା କମିଶନର ସୁଲୋଚନା ଦାସ ଓ ପୂର୍ବତନ କ୍ରୀଡ଼ାମନ୍ତ୍ରୀ ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନ୍ୟ କ୍ରୀଡ଼ା ସଂଗଠକମାନେ ଉପସ୍ଥିତ ରହି ପ୍ରମୋଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଏହି ଅବସରରେ ପ୍ରମୋଦ ତାଙ୍କ ସଂଘର୍ଷ ଓ ସଫଳତାର କାହାଣୀ ବଖାଣିଥିଲେ। ଦାରିଦ୍ର୍ୟ କେବେ ପ୍ରତିଭାକୁ ଅଟକାଇପାରିବ ନାହିଁ। ଦୃଢ ଇଚ୍ଛାଶକ୍ତି, ଏକାଗ୍ରତା, କଠିନ ପରିଶ୍ରମ ଯୋଗୁ ସଫଳ ହୋଇଛି ଓ ମୋର ସ୍ୱପ୍ନ ପୂରଣ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣାଙ୍କ ଅକୁଣ୍ଠିତ ସାହାଯ୍ୟ ମୋ ପାଇଁ ଅଭୁଲା ହୋଇ ରହିବ ବୋଲି ପ୍ରମୋଦ କହିଛନ୍ତି। ଓଡ଼ିଶା ସରକାର, ମୋ ପରିବାର, କୋଚ୍ ଓ ବନ୍ଧୁମାନଙ୍କୁ ମୋ ସଫଳତାର ଶ୍ରେୟ ପ୍ରଦାନ କରୁଛି ବୋଲି ସେ କହିଛନ୍ତି।

ମକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପ୍ରତିଭା ସମ୍ମାନ

ଭୁବନେଶ୍ୱର,୧୧।୯(ସ୍ପୋର୍ଟ୍ସ ବ୍ୟୁରୋ)

ରାଜ୍ୟରେ ଗୁରୁ-ଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ କରିବା ସହ ବିଗତ ଦିନର କ୍ରୀଡ଼ା ଗୁରୁ ଓ ସେମାନଙ୍କ ଶିଷ୍ୟଙ୍କୁ ଲୋକଲୋଚନକୁ ଆଣିବା, ଉଦୀୟମାନ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରିବା ଉଦ୍ଦେଶ୍ୟରେ ମକୁନ୍ଦ ବରାଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ୨୦୧୬ ମସିହାରୁ ଆରମ୍ଭ ହୋଇଛି ଏମ୍.ବି. ସ୍ମାରକୀ କ୍ରୀଡ଼ା ପ୍ରତିଭା ସମ୍ମାନ । ପୁରୀ ସହରର ପ୍ରଥମ କୁସ୍ତି ଗୁରୁଭାବେ ପରିଚିତ ମକୁନ୍ଦ ବରାଳଙ୍କ ନାମରେ ନାମିତ ଏହି ଟ୍ରଷ୍ଟ ପୁରାତନ ଓ ନୂତନ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରି ଆସୁଛି । ତାଙ୍କର ସୁଯୋଗ୍ୟ ଶିଷ୍ୟମାନେ ଜାତୀୟ ତଥା ରାଜ୍ୟସ୍ତରରେ ସୁନାମ ଅର୍ଜନ କରିବା ସହ ରାଜ୍ୟର ଗୌରବ ବୃଦ୍ଧି କରିଛନ୍ତି। ଶନିବାର ଏମ୍.ବି. ସ୍ମାରକୀ କ୍ରୀଡ଼ା ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ମକୁନ୍ଦ ବରାଳଙ୍କ ସୁଯୋଗ୍ୟ ଶିଷ୍ୟ ଓ ଅନ୍ୟ ୫ଟି କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରାଯାଇଛି ।

ଚଳିତ ବର୍ଷ ସ୍ୱର୍ଗତ ବରାଳଙ୍କ ପ୍ରମୁଖ ଶିଷ୍ୟ ତଥା କୁସ୍ତିଗୁରୁ ବୈଦ୍ୟନାଥ ମହାପାତ୍ରଙ୍କୁ ଏମ୍.ବି. ସ୍ମାରକୀ କ୍ରୀଡ଼ାଗୁରୁ ସମ୍ମାନରେ ସମ୍ମାନିତ କରାଯାଇଛି । ଅନ୍ୟ ସମ୍ବର୍ଦ୍ଧିତ ପ୍ରତିଭାମାନେ ହେଲେ ସଫ୍ଟ ଟେନିସରେ ଶିବରାମ ସ୍ୱାଇଁ, କରାଟେରେ ଚିନ୍ମୟୀ ଭୂୟାଁ, ଫୁଟବଲରେ ରାଜେଶ ନାୟକ । ସେହିପରି ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ସମ୍ମାନ ଉଦୀୟମାନ ଆଥ୍‌ଲେଟ ସବିତା ଟପ୍ପୋଙ୍କୁ ପ୍ରଦାନ କରାଯାଇଥିଲା ବେଳେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ ସମ୍ମାନ ସୁରେଖା ବାହାଲାଙ୍କୁ ପ୍ରଦାନ କରାଯାଇଛି।

ଉତ୍ସବରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗ ଦେଇଥିଲା ବେଳେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଦିଲୀପ ତିର୍କୀ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଡ. ବଦ୍ରିନାଥ ପଟ୍ଟନାୟକ, ଡ. ସୌରେନ୍ଦ୍ର ମହାପାତ୍ର, ପୁରୀର ମାଧବ ଚନ୍ଦ୍ର ଖୁଣ୍ଟିଆ, ଗୌରହରି ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ମ୍ୟାନେଜିଂ ଟ୍ରଷ୍ଟି ପୀୟୂଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ନବରଞ୍ଜନ ପଟ୍ଟନାୟକ, ଡ. ହରିପ୍ରସାଦ ପଟ୍ଟନାୟକ, ନବକିଶୋର ବରାଳ, ଇଂ. ଚିତ୍ତରଞ୍ଜନ ସ୍ୱାଇଁ, ଗୌରୀଶଙ୍କର ମିଶ୍ର, ଦିଲୀପ ଦାସ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଫେସର ନିର୍ମାଲ୍ୟ ବରାଳ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଇଂ. ଶ୍ରୀନିବାସ ଘଟୁଆରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୁରସ୍କାର ପ୍ରଦାନ ଉତ୍ସବ ଅବସରରେ ଭୁବନେଶ୍ୱରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସୁର ତରଙ୍ଗ ପକ୍ଷରୁ ପ୍ରିୟରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ବିଶିଷ୍ଟ କଳାକାରଙ୍କ ଦ୍ୱାରା ପୁରୁଣା ଓଡ଼ିଆ ଚଳଚ୍ଚିତ୍ର ଗୀତକୁ ନେଇ 'ଅଭୁଲା ଅତୀତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାମକୁମାର, ବାଲାଜୀ ଜିତିଲେ କ୍ଲାସିକ୍ ଚ୍ୟାଲେଞ୍ଜର ଟାଇଟଲ

କାସିସ୍ (ଫ୍ରାନ୍ସ), ୧୧।୯ (ପି.ଟି.): ଭାରତର ରାମକୁମାର ରମାନାଥନ ଓ ଏନ୍. ଶ୍ରୀରାମ ବାଲାଜୀ ଶନିବାର ଏଟିପି କ୍ଲାସିକ୍ ଚ୍ୟାଲେଞ୍ଜର ଇଭେଣ୍ଟ ଡବଲ୍ସ ଟାଇଟଲ ଜିତିଛନ୍ତି। ପ୍ରତିଯୋଗିତାର ଫାଇନାଲରେ ଏହି ଯୋଡ଼ି ମେକ୍ସିକୋର ହାନ୍ସ ହାର୍ ଭର୍ଡୁଗୋ ଓ ମିଗୁଏଲ୍ ଆଞ୍ଜେଲ ରିୟେସ୍-ଭାରେଲା ଯୋଡ଼ିକୁ ୬-୪, ୩-୬, ୧୦-୬ ସେଟ୍‌ରେ ହରାଇ ଦେଇଛନ୍ତି। ଟାଇଟଲ ବିଜୟୀ ହେବା ଦ୍ୱାରା ଭାରତୀୟ ଯୋଡ଼ି ୨୬୭୦ ୟୁରୋ ଆର୍ଥିକ ପୁରସ୍କାର ଲାଭ କରିଛନ୍ତି। ଏହାଛଡ଼ା ପ୍ରତ୍ୟେକ ୮୦ ର୍ୟାଙ୍କିଙ୍ଗ ପଏଣ୍ଟ ହାସଲ କରିଛନ୍ତି। ୨୦୨୦ ଫେବୃୟାରୀରେ ବେଙ୍ଗାଲୁରୁ ଓପନରେ ପୂରଜ ରାଜାଙ୍କ ସହ ସଫଳତା ପରେ ରାମକୁମାରଙ୍କ ଏହା ପ୍ରଥମ ଡବଲ୍ସ ଚ୍ୟାଲେଞ୍ଜର ଟାଇଟଲ। ବାଲାଜୀ ଏହା ପୂର୍ବରୁ ଇସ୍ରାଏଲର ଜୋନାଥନ ଏର୍ଲିଚଙ୍କୁ ସାଥୀ କରି ୨୦୧୯ ଏପ୍ରିଲରେ ତାଇପେ ଚ୍ୟାଲେଞ୍ଜର ଜିତିଥିଲେ।

ଆଇପିଏଲ୍‌ରୁ ଓହରିଲେ ବେୟାରଷ୍ଟୋ, ମଲାନ

ନୂଆଦିଲ୍ଲୀ,୧୧।୯(ପି.ଟି.)

ସନରାଇଜର୍ସ ହାଇଦ୍ରାବାଦ ଓପନର ଜନି ବେୟାରଷ୍ଟୋ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୧୨ ସେପ୍ଟେମ୍ବର, ୨୦୨୧ Bhubaneswar, Sunday, September 12/2021

ଅଭିଷେକଙ୍କ ଶତକ, ଦେବବ୍ରତ, ଆଶିଷଙ୍କୁ ୫ ଉଇକେଟ

ଅଭିଷେକ ଯାଦବ

ଅନୁରାଗ ଷଡ଼ଙ୍ଗୀ

ଆଶିଷ ରାଏ

ଆୟୁଷରାଜ ଚୌଧୁରୀ

ଦେବବ୍ରତ ପ୍ରଧାନ

କଳାହାଣ୍ଡି କପ୍ ସୁପର ଲିଗ୍

ଭୁବନେଶ୍ୱର, ୧୧।୯ (ସ୍ପୋର୍ଟ୍ସ ବ୍ୟୁରୋ) ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ କଳାହାଣ୍ଡି କପ୍ ସୁପର ଲିଗ୍ (୨ ଦିନିଆ ଫର୍ମାଟ) ଆରମ୍ଭ ହୋଇଛି। ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଇକୋର୍ସାର ଅଭିଷେକ ଯାଦବ ଶତକ ହାସଲ କରିଥିବା ବେଳେ ସୁନ୍ଦରଗଡ଼ର ଦେବବ୍ରତ ପ୍ରଧାନ, ଓଡ଼ିଶା ଭାଓଲେଟର ଆଶିଷ ରାଏ ୫ ଉଇକେଟ ସଫଳତା ପାଇଛନ୍ତି।

ସନସାଇନ ଗ୍ରାଉଣ୍ଡରେ ଖୋର୍ଦ୍ଧା ବିପକ୍ଷରେ ଟସ୍ ଜିତି ଇକୋର୍ସ ବ୍ୟାଟିଂ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ୭୭.୨ ଓଭରରେ ୮ ଉଇକେଟ ହରାଇ ୩୫୦ ରନ ସଂଗ୍ରହ କରିଛି। ଦଳ ତରଫରୁ ଅଭିଷେକ ଯାଦବ ୧୨୨ ବଲର ସମ୍ମୁଖୀନ ହୋଇ ୧୦୦ ରନର ଶତକୀୟ ଇନିଂସ ଖେଳି ଅପରାଜିତ ରହିଛନ୍ତି। ସେହିପରି ଅଙ୍କିତ ଯାଦବ ୬୯, ପ୍ରଶାନ୍ତ ସାହୁ ୬୦, ଲଗ୍ନଜିତ ସାମଲ ୫୪ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି। ଖୋର୍ଦ୍ଧା ତରଫରୁ ରାକେଶ ପଟ୍ଟନାୟକ ୪, ଓମ୍ ନାରାୟଣ ୩ ଉଇକେଟ ନେଇଛନ୍ତି।

ନିମପୁର ଗ୍ରାଉଣ୍ଡରେ ଓଡ଼ିଶା ଗ୍ରୀନ୍ ବିପକ୍ଷରେ ଟସ୍ ଜିତି ସୁନ୍ଦରଗଡ଼ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୭୪ ଓଭରରେ ୯ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରିଛି। ଦଳ ତରଫରୁ ଅମ୍ରିତ ଖଟୁଆ ୫୫, ଆଶିଷ ପରିଜା ୩୧ ରନ ସଂଗ୍ରହ କରିଥିଲେ। ବୋଲିଂରେ ଗ୍ରୀନ୍ ତରଫରୁ ଦେବବ୍ରତ ପ୍ରଧାନ ସର୍ବାଧିକ ୫, ହର୍ଷିତ ରାଠୋର ୩ ଉଇକେଟ ନେଇଥିଲେ।

ବିଡାନାସୀ ଗ୍ରାଉଣ୍ଡରେ ଓଡ଼ିଶା ୟେଲୋ ବିପକ୍ଷରେ ଟସ୍ ଜିତି ଓଡ଼ିଶା ବ୍ଲୁ ଫିଲ୍ଡିଂ କରିଥିଲା। ବ୍ୟାଟିଂ କରି ପ୍ରଥମ ଇନିଂସରେ ୟେଲୋ ୫୪ .୨ ଓଭରରେ ୧୮୭ ରନକରି ଅଲଆଉଟ ହୋଇଥିଲା। ଦଳର ଆୟୁଷ ରାଜ ଚୌଧୁରୀ ୫୯, ରାକେଶ ଗୋଛାୟତ ୫୫ରନ କରିଥିଲେ। ବୋଲିଂରେ ବ୍ଲୁ ତରଫରୁ ବି. ଶିବ ୩, ସୌରଭ କାନୋଜିଆ, ଲେନିନ ବଳ, ବସନ୍ତ ମହାନ୍ତି ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବ୍ଲୁ ପ୍ରଥମ ଇନିଂସ ଆରମ୍ଭ କରି ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୩୧ ଓଭରରେ ୫ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରିଥିଲା।

ରେଭେନ୍ସା ଗ୍ରାଉଣ୍ଡ ୨ରେ ରାଉରକେଲା ବିପକ୍ଷରେ ଟସ୍ ଜିତି ଝାରସୁଗୁଡା ୫୯.୩ ଓଭରରେ ୬ ଉଇକେଟ ହରାଇ ୧୬୫ ରନ ସଂଗ୍ରହ କରିଛି। ଦଳର ରୋଶନ ଦାସ ୫୫ ରନ କରିଥିବା ବେଳେ ରାଉରକେଲାର ଗୋବିନ୍ଦ ତାଣ୍ଡିଆ ୩, କୌଶିକ ଦାସ ୨ ଉଇକେଟ ନେଇଥିଲେ।

ରେଭେନ୍ସା ଗ୍ରାଉଣ୍ଡରେ ଓଡ଼ିଶା ଭାଓଲେଟ ବିପକ୍ଷରେ ଟସ୍ ହାରି କଟକ-ଏ ବ୍ୟାଟିଂ କରି ପ୍ରଥମ ଇନିଂସରେ ୪୪ ଓଭରରେ ୧୨୯ ରନକରି ଅଲଆଉଟ ହୋଇଛି। ଭାଓଲେଟ ତରଫରୁ ଆଶିଷ ରାଏ ସର୍ବାଧିକ ୫ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭାଓଲେଟ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୨ ଓଭରରେ ୧ ଉଇକେଟ ହରାଇ ୭ ରନ ସଂଗ୍ରହ କରିଛି।

ଏସ୍‌ସିବି ମେଡିକାଲ ଗ୍ରାଉଣ୍ଡରେ ଓଡ଼ିଶା ପିଙ୍କ୍ ବିପକ୍ଷରେ ଟସ୍ ଜିତି ଓଡ଼ିଶା ରେଡ୍ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଇନିଂସରେ ୫୫ ଓଭରରେ ୩ ଉଇକେଟ ହରାଇ ୧୮୪ ରନ ସଂଗ୍ରହ କରିଛି। ଦଳ ତରଫରୁ ଅନୁରାଗ ଷଡ଼ଙ୍ଗୀ ୮୩, କାର୍ତ୍ତିକ ବିଶ୍ୱାଳ ୪୧, ଦେବେନ୍ଦ୍ର କୁଅଁର ୩୪ ରନ ସଂଗ୍ରହ କରିଥିଲେ।

ଆଉ ଏକ ସ୍ୱପ୍ନ ପୂରଣ କଲେ ନୀରଜ

ମାତାପିତାଙ୍କୁ ପ୍ରଥମଥର ବିମାନରେ ବସାଇଲେ

ନୂଆଦିଲ୍ଲୀ, ୧।୯

ଗୋଲ୍ଡେନ ବୟ ତଥା ଅଲିମ୍ପିକ୍ ଚାମ୍ପିୟନ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ତାଙ୍କର ଆଉ ଏକ ସ୍ୱପ୍ନ ପୂରଣ କରିଛନ୍ତି। ଶନିବାର ସେ ନିଜ ମାତାପିତାଙ୍କୁ ପ୍ରଥମଥର ପାଇଁ ବିମାନରେ ବସାଇ ଏହି ସ୍ୱପ୍ନ ପୂରଣ କରିଛନ୍ତି। ଏ ନେଇ ସେ ସୋସିଆଲ ମିଡିଆରେ ଟୁଇଟ୍ କରି ଏ ନେଇ ସୂଚନା ଦେଇଛନ୍ତି। ସେ ମଧ୍ୟ ମାତାପିତାଙ୍କ ସହ କେତୋଟି ଫଟୋ ମଧ୍ୟ ଅପ୍‌ଲୋଡ କରିଛନ୍ତି। ଫଟୋରେ ତାଙ୍କ ମାତା ସରୋଜ ଦେବୀ ଓ ପିତା ସତୀଶ କୁମାର ଫ୍ଲାଇଟ୍‌ରେ ବସିଥିବାର ଦେଖାଯାଇଛି।

ନୀରଜ ମାତାପିତା ଓ ପରିବାରର ଅନ୍ୟ ସଦସ୍ୟଙ୍କ ସହ ନୂଆଦିଲ୍ଲୀରୁ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ବିମାନ ଯୋଗେ ବେଙ୍ଗାଲୁରୁ ଯାତ୍ରା କରିଛନ୍ତି। ନୀରଜଙ୍କ ପ୍ରମୋଟର ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ ବେଙ୍ଗାଲୁରୁର ବେଲାରୀଠାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏଥିରେ ନୀରଜଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ନୀରଜ ମାତାପିତା ଓ ପରିବାରର ଅନ୍ୟ ସଦସ୍ୟଙ୍କ ସହ ବେଙ୍ଗାଲୁରୁ ଯାତ୍ରା କରିଛନ୍ତି।

ମୋର ଆଉ ଏକ ଛୋଟିଆ ସ୍ୱପ୍ନ ପୂରଣ ହୋଇଛି। ମାତାପିତାଙ୍କୁ

ବିମାନରେ ପ୍ରଥମଥର ପାଇଁ ଅଲିମ୍ପିକ୍ସରେ ଜାଭେଲିନ ଥ୍ରୋ ବସାଇବାର ସୌଭାଗ୍ୟ ହାସଲ କରିଛି ଓ ସମସ୍ତଙ୍କ ଆଶୀର୍ବାଦ ଓ ଶୁଭେଚ୍ଛା ପାଇଁ କୃତଜ୍ଞ ରହିବ ବୋଲି ନୀରଜ ଟୁଇଟ କରିଛନ୍ତି। ନୀରଜଙ୍କ ସହ କୋଚ୍ ଓ ଜର୍ମାନ ବାୟୋମେକାନିକ୍ସ ବିଶେଷଜ୍ଞ କ୍ଲାଉସ ବାର୍ଟୋନିଜ ମଧ୍ୟ ଯାତ୍ରା କରିଛନ୍ତି। ଅଲିମ୍ପିଆନ ତଥା ସୁପର ହେଭିୱେଟ ବକ୍ସର ସତୀଶ କୁମାର ମଧ୍ୟ ଏହି ବିମାନରେ ଉପସ୍ଥିତ ରହିଥିଲେ। ୨୩ ବର୍ଷୀୟ ନୀରଜ ଟୋକିଓ ଅଲିମ୍ପିକ୍ସରେ ଜାଭେଲିନ ଥ୍ରୋ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ସେ ଭାରତର ପ୍ରଥମ ଆଥ୍‌ଲେଟ ଭାବେ ଅଲିମ୍ପିକ ସ୍ୱର୍ଣ୍ଣ ଜିତିଥଲେ। ଅଲିମ୍ପିକ୍ସ ସଫଳତା ପରେ ନୀରଜ ଏବେ ଅଭ୍ୟାସ ଆରମ୍ଭ କରିପାରିନାହାନ୍ତି। ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଏସିଆନ ଗେମ୍ସ ଓ ବିଶ୍ୱ ଚାମ୍ପିୟନଶପ୍ ପାଇଁ ଖୁବଶୀଘ୍ର ପ୍ରସ୍ତୁତି ଆରମ୍ଭ କରିବେ। ଏହି ୩ ମେଗା ଇଭେଣ୍ଟ ଆଗାମୀ ଦୁଇବର୍ଷ ମଧ୍ୟରେ ଆୟୋଜନ ହେବ।

ଭର୍ଷ୍ଟାପେନ୍‌ଙ୍କୁ ପୋଲ୍ ପୋଜିଶନ

ଇଟାଲିଆନ ଗ୍ରାଁ ପ୍ରି

ମୋଞ୍ଜା, ୧୧।୯ (ଏପି): ଇଟାଲିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ପାଇଁ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ପୋଲ୍ ପୋଜିଶନ ହାସଲ କରିଛନ୍ତି। ତାଙ୍କ ଟାଇଟଲ ପ୍ରତିଦ୍ୱନ୍ଦ୍ୱୀ ମର୍ସିଡିଜର ଲୁଇସ୍ ହାମିଲଟନଙ୍କ ଆରମ୍ଭ ଉତ୍ସାହଜନକ ନ ଥଲା। ସେ ମ୍ୟାକ୍‌ଲରେନର ଡାନିଏଲ ରିକାର୍ଡୋ ଓ ଲାଣ୍ଡୋ ନୋରିସ୍‌ଙ୍କ ପଛକୁ ୪ର୍ଥ ସ୍ଥାନରେ ରହିଥିଲେ। ହାମିଲଟନଙ୍କ ଟିମ୍‌ମେଟ ଭଲ୍‌ଟେରୀ ବୋଟାସ 'ସ୍ପ୍ରିଣ୍ଟ' କ୍ୱାଲିଫାଇଂ ରେସ୍ ଜିତିଥିଲେ ମଧ୍ୟ ଏକ ପାୱାର ୟୁନିଟ୍ ଚେଞ୍ଜ୍ ପାଇଁ ପେନାଲ୍ଟି ଯୋଗୁ ସେ ରବିବାର ଅନ୍ତିମ ସ୍ଥାନରୁ ରେସ୍ ଆରମ୍ଭ କରିବେ। ଶନିବାର ଅନୁଷ୍ଠିତ କ୍ୱାଲିଫାଇଂ ରେସ୍‌ରେ ଅନ୍ୟମାନଙ୍କ ମଧ୍ୟରେ ଚାର୍ଲ୍ସ ଲେକରେକ୍ (ଫେରାରି), କାର୍ଲୋସ ସେଞ୍ଜ୍ ଜୁନିୟର (ଫେରାରି), ଆଣ୍ଟୋନିଓ ଗ୍ଲୋଭିନାଜି(ଆଲ୍‌ଫା ରୋମିଓ), ସର୍ଗିଓ ପେରେଜ (ରେଡ୍‌ବୁଲ୍), ଲାନ୍ସ ଷ୍ଟ୍ରୋଲ୍ (ଆଷ୍ଟନ ମାର୍ଟିନ) ଓ ଫର୍ନାଣ୍ଡୋ ଆଲୋଁସୋ (ଆଲପାଇନ୍) ଯଥାକ୍ରମେ ୫ମରୁ ୧୦ ସ୍ଥାନ ଅଧିକାର କରିଥିଲେ।

୧୯ବର୍ଷରୁ କମ୍ ମହିଳା ଦଳର ୱାର୍ମଅପ୍ ମ୍ୟାଚ ଶେଷ

ଓଡ଼ିଶା ୧୯ ବର୍ଷରୁ କମ୍ ମହିଳା କ୍ରିକେଟ ଦଳ ଓ ମଣିପୁର ସିନିୟର ମହିଳା ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଭୁବନେଶ୍ୱର, ୧୧।୯ (ସ୍ପୋର୍ଟ୍ସ ବ୍ୟୁରୋ): ଓଡ଼ିଶା ୧୯ ବର୍ଷରୁ କମ୍ ମହିଳା କ୍ରିକେଟ ଦଳର ଦୁଇ ୱାର୍ମଅପ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବିସିସିଆଇ ସୀମିତ ଓଭର ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ସ୍ୱରୂପ ଏହି ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ମଣିପୁର ସିନିୟର ମହିଳା ଦଳ ସହ ଖେଳାଯାଇଥିଲା। ସ୍ଥାନୀୟ କିଟ୍ ୟୁନିଭର୍ସିଟି ଷ୍ଟାଡିୟମରେ ଅନୁଷ୍ଠିତ ଗୋଟିଏ ମ୍ୟାଚରେ ମଣିପୁର ସିନିୟର ମହିଳା ଦଳ ୧୫ ରନରେ ଏବଂ ଅନ୍ୟଟିରେ ଓଡ଼ିଶାର ୧୯ବର୍ଷରୁ କମ୍ ମହିଳା ଦଳ ୭୬ ରନରେ ବିଜୟ ଲାଭ କରିଥିଲା। ଶନିବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ୪୦ ଓଭରରେ ୧୮୪ ରନ କରି ଅଲଆଉଟ ହୋଇଥିଲା। ପୂଜାରାଣୀ ଦାସ ସର୍ବାଧିକ ୬୨, ରୋଶନୀ ଭାଗାର୍ଥି ୩୨ ଓ ଶୁଭ୍ରା ସ୍ୱାଇଁ ୨୬ ରନ କରିଥିଲେ। ଜବାବରେ ମଣିପୁର ସିନିୟର ମହିଳା ଦଳ ୪୦ ଓଭରରେ ୧୦୮ରନ କରି ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ଲୋଇଡାଙ୍ଗ ୨୫ ରନ କରିଥିଲେ। ଓଡ଼ିଶା ୧୯ ବର୍ଷରୁ କମ୍ ମହିଳା ଦଳ ପକ୍ଷରୁ ଜ୍ୟୋତି ପ୍ରସାଦ ୩ ଏବଂ ଭବାନୀ ଧଣ୍ଡା ଓ ଏସ୍. ସ୍ୱାଇଁ ୨ଟି ଲେଖାଏ ଉଇକେଟ ନେଇଥିଲେ।

ଶୁକ୍ରବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମଣିପୁର ଦଳ ୪୩.୩ ଓଭରରେ ୧୧୭ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ମିଲନ ୨୮, ଲୋଇଡାଙ୍ଗ୍ ୨୩ ଓ ଗଙ୍ଗା ୨୨ ରନ କରିଥିଲେ। ଓଡ଼ିଶା ପକ୍ଷରୁ ଭବାନୀ ଧଣ୍ଡା ୫ ଓ ପୂଜା ଯାଦବ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଓଡ଼ିଶା ଦଳ ୩୬.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୨ ରନ କରିଥିଲା। ଟପ୍ ସ୍କୋରର ଶୁଭ୍ରା ସ୍ୱାଇଁ ୨୮ ଓ ଆଲିସ୍ସା ବିଶ୍ୱାଳ ୨୬ ରନ କରିଥିଲେ।

ରଣଧୀର ଓସିଏ କାର୍ଯ୍ୟକାରୀ ସଭାପତି

ନୂଆଦିଲ୍ଲୀ, ୧୧।୯

ଭାରତୀୟ ଅଭିଜ୍ଞ କ୍ରୀଡ଼ା ପ୍ରଶାସକ ରଣଧୀର ସିଂ ଅଲିମ୍ପିକ୍ କାଉନସିଲ ଅଫ୍ ଏସିଆ (ଓସିଏ)ର କାର୍ଯ୍ୟକାରୀ ସଭାପତି ନିଯୁକ୍ତ ହୋଇଛନ୍ତି। କୁଏଟ୍‌ର ଶେଖ୍ ଅହମଦ ଅଲ- ଫହାଦ ଅଲ- ସବା ଦୁର୍ନୀତି ତଥା ଧୋକାଦାରି ଅଭିଯୋଗରେ ଜେନିଭାର କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ପରେ ରଣଧୀରଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି।

ଏହାପୂର୍ବରୁ ରଣଧୀର ୧୯୯୧ରୁ ୨୦୧୫ ପର୍ଯ୍ୟନ୍ତ ୨୪ ବର୍ଷ ଧରି ଓସିଏର ସାଧାରଣ ସମ୍ପାଦକ ରୂପେ କାର୍ଯ୍ୟ କରିଛନ୍ତି। ୫ଥର ଅଲିମ୍ପିଆ ଶୁଟର ରହିଥିବା

ରଣଧୀର ସିଂ

୭୨ ବର୍ଷୀୟ ରଣଧୀର ଏବେ ଓସିଏର ସମ୍ମାନଜନକ ଭାଇସ୍-ପ୍ରେସିଡେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ସେ ମଧ୍ୟ ୧୯୮୭ରୁ ୨୦୨୧ ପର୍ଯ୍ୟନ୍ତ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଛନ୍ତି। ସେହିପରି ସେ ୨୦୦୧ରୁ ୨୦୧୪ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ଫୁଲ୍ ମେମ୍ବର ଭାବେ କାର୍ଯ୍ୟ କରିଛନ୍ତି ଓ ଏହାର ସମ୍ମାନଜନକ ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି। ରଣଧୀରଙ୍କ ନିଯୁକ୍ତି ନେଇ ଅଲ- ସବା ନିଜେ ସ୍ପଷ୍ଟ କରିଛନ୍ତି। ସେ ଓସିଏ କାର୍ଯ୍ୟକାରୀ ବୋର୍ଡ ଓ ନ୍ୟାଶନାଲ ଅଲିମ୍ପିକ୍ କମିଟିର ସବୁ ସଦସ୍ୟଙ୍କୁ ଚିଠି ଲେଖି ଏ ବିଷୟରେ ନିଶ୍ଚିତ କରିଛନ୍ତି। ରଣଧୀର ୧୩ ସେପ୍ଟେମ୍ବରରୁ କାର୍ଯ୍ୟ କରିବା ଆରମ୍ଭ କରିବେ। ଗତ ମାର୍ଚ୍ଚରେ ରଣଧୀର ୨୦୨୨ ହାନଝୁ ଏସିଆନ ଗେମ୍ସ କୋଅର୍ଡିନେଶନ କମିଟିର ଅଧ୍ୟକ୍ଷ ଭାବେ ଓସିଏ ଜେନେରାଲ ଆସେମ୍ବ୍ଲି ଦ୍ୱାରା ନିଯୁକ୍ତି ପାଇଥିଲେ। ନୂଆ ଦାୟିତ୍ୱ ସଫଳତାର ସହ ସମ୍ପାଦନ କରିବି ବୋଲି ସେ କହିଛନ୍ତି।

ଆଇପିଏଲ୍ ଖେଳାଳି ଦ୍ୱିତୀୟ ଥର ନେଗେଟିଭ୍

ମାଞ୍ଚେଷ୍ଟର/ଦୁବାଇ, ୧୧।୯ (ପି.ଟି.): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବା ଲାଗି ଚୁକ୍ତିବଦ୍ଧ ହୋଇଥିବା ଭାରତୀୟ କ୍ରିକେଟ ଖେଳାଳିମାନଙ୍କର ଦୁଇ ଦିନରେ ଦ୍ୱିତୀୟ ଥର ଆରଟି-ପିସିଆର ଟେଷ୍ଟରେ ନେଗେଟିଭ୍ ଆସିବା ପରେ ଚାର୍ଟର ଓ କମର୍ସିଆଲ ବିମାନରେ ୟୁଏଇ ଯାତ୍ରା କରିଛନ୍ତି। ବିମାନଯାତ୍ରା ବ୍ୟବସ୍ଥା ଖେଳାଳିମାନଙ୍କର ଫ୍ରାଞ୍ଚାଇଜ୍‌ଗୁଡ଼ିକ ତରଫରୁ ହୋଇଛି। ଆଇପିଏଲର ଅବଶିଷ୍ଟ ମ୍ୟାଚଗୁଡ଼ିକ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବ। ଭାରତୀୟ କ୍ୟାମ୍ପରେ କୋଭିଡ୍ ଦେଖାଦେବା ପରେ ଭାରତର ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ରଖାଯିବା ପରେ ଖେଳାଳିମାନେ ଆଗୁଆ ୟୁଏଇ ଯିବା ଆରମ୍ଭ କରିଛନ୍ତି। ଦୁଇ ଅଣ ଆଇପିଏଲ୍ ଖେଳାଳି ଅଭିମନ୍ୟୁ ଈଶ୍ୱରନ ଓ ଆର୍ଜନ ନାଗେଶୱାଲା ଅବଶିଷ୍ଟ ସପୋର୍ଟ ଷ୍ଟାଫ୍‌ଙ୍କ ସହ ସୋମବାର ଗସ୍ତ କରିବେ। ସେମାନେ ଦୁବାଇ ବାଟ ଦେଇ ସେମାନଙ୍କ ଭାରତୀୟ ସହରକୁ କମର୍ସିଆଲ ବିମାନ ଯୋଗେ ଫେରିବେ। ମୁମ୍ବାଇ ଇଣ୍ଡିଆନ୍ସ ଦଳର ଅଧିନାୟକ ରୋହିତ ଶର୍ମା, ଯଶପ୍ରୀତ ବୁମ୍‌ରା ଓ ସୂର୍ଯ୍ୟକୁମାର ଯାଦବ ଏକ ଘରୋଇ ଚାର୍ଟର ବିମାନ ଯୋଗେ ଆବୁଧାବି ଗସ୍ତ କରିଛନ୍ତି। ସେମାନେ ଶନିବାର ସକାଳେ ସେମାନଙ୍କ ପରିବାର ସହ ପହଞ୍ଚିଛନ୍ତି। ଏଥିସହିତ ଆଇପିଏଲ୍ ଗାଇଡ୍ ଲାଇନ୍ ଅନୁସାରେ ସେମାନଙ୍କ ୬ ଦିନିଆ କ୍ୱାରାଣ୍ଟାଇନ୍ ଆରମ୍ଭ ହୋଇଥିବା ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଅଧିନାୟକ ବିରାଟ କୋହଲି ଓ ପେସ୍ ବୋଲର ମହମ୍ମଦ ସିରାଜ ଏକ ସ୍ୱତନ୍ତ୍ର ଚାର୍ଟର ବିମାନରେ ୟୁଏଇ ଗସ୍ତ କରିଛନ୍ତି। ରବିବାର ସକାଳେ ସେମାନେ ଦୁବାଇରେ ପହଞ୍ଚିବେ। ଦଳର ଜୈବସୁରକ୍ଷିତ ବବଲରେ ଯୋଗଦାନ ପୂର୍ବରୁ ଉଭୟ ବିରାଟ ଓ ସିରାଜ ଦୁବାଇରେ ୬ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ ବୋଲି ଆରସିବି ପକ୍ଷରୁ କୁହାଯାଇଛି।

ପୁରୁଣା ଗଣ୍ଠି ବ୍ୟଥାର ପ୍ରଭାବୀ ଉପଚାର
Dr. Ortho Oil
20% EXTRA
NO.1 BRAND
ଡା. ଅର୍ଥୋ ହିଁ କାହିଁକି କିଣିବେ?
ସମଗ୍ର ଭାରତରେ ମିଳିଛି ପରିଣାମ
Maharashtra
ଆନନ୍ଦା ଲକ୍ଷ୍ମଣ ଗୁଜଲାୱର ୬୪ ବର୍ଷୀୟ ଅବସରପ୍ରାପ୍ତ କର୍ମଚାରୀ। ବିଗତ ଚାରି-ପାଞ୍ଚ ବର୍ଷ ଧରି ତାଙ୍କ ଆଣ୍ଠୁରେ ବହୁତ ପୀଡ଼ା ରହୁଥିଲା। ଦିନେ ଜଣେ ତାଙ୍କ ପଡ଼ୋଶୀଙ୍କ କଥା ମାନି ସେ ଡା.ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ଓ ସନ୍ଧ୍ୟାବେଳେ ହାଲୁକା ହାତରେ ମାଲିସ କଲେ ଏବଂ ଡା.ଅର୍ଥୋ ଦୁଇ-ଦୁଇଟି କ୍ୟାପ୍‌ସୁଲ ତିନି ମାସ ପର୍ଯ୍ୟନ୍ତ ବ୍ୟବହାର କଲେ। ଆଜି ସେ ଖୁସି ଅଛନ୍ତି।
Uttar Pradesh
ମୁମ୍‌ତାଜ ବେଗମ ୬୭ ବର୍ଷୀୟ ହାଉସ୍ ୱାଇଫ୍ ଅଟନ୍ତି। ବିଗତ ୩ ବର୍ଷ ହେଲା ଆଣ୍ଠୁ ଓ ଗୋଡ଼ ବ୍ୟଥା କାରଣରୁ ଚଲାବୁଲା କରିପାରୁ ନ ଥିଲେ। ସବୁ ଚିକିତ୍ସା କରାଇଲେ, କିନ୍ତୁ କିଛି ଫରକ ପଡ଼ିଲା ନାହିଁ । ଦିନେ ଟିଭିରୁ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ଆଡ୍ ଦେଖିଲେ। ସେ ବଜାରରୁ ତାହାକୁ ମଗାଇ ନିର୍ଦ୍ଦେଶ ଅନୁସାରେ ପ୍ରୟୋଗ କଲେ। ଏବେ ସେ ଯନ୍ତ୍ରଣାରୁ ସମ୍ପୂର୍ଣ୍ଣ ଉପଶମ ପାଇଛନ୍ତି।
Madhya Pradesh
ପଣ୍ଡିତ ଲକ୍ଷ୍ମୀନାରାୟଣ ସତ୍ୟାର୍ଥୀ ୬୪ ବର୍ଷୀୟ ଶିକ୍ଷକ ଓ ଚିକିତ୍ସକ। ସେ ଲେଖନ୍ତି କି ୩-୪ ବର୍ଷ ହେଲା ମୋ ଆଣ୍ଠୁ, କହୁଣି ଓ ହାତରେ ବହୁତ ପୀଡ଼ା ରହୁଥିଲା। ମୁଁ ଡା.ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ଓ ସନ୍ଧ୍ୟାବେଳେ ହାଲୁକା ହାତରେ ମାଲିସ୍ କଲି

ବଟି ମାଗି ଜଣେ ଗିରଫ

ପୁରୀ ଅଫିସ: ବଟି ମାଗିବା ଅଭିଯୋଗରେ ପୁରୀ ବଳିଆପଣ୍ଡା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ସେ ହେଲେ ଏହି ଥାନା ଗୌଡବାଡ ସାହି ବଳିଆପଣ୍ଡା ବିଜୟ ନଗର ବସ୍ତିର ସତ୍ୟବ୍ରତ ପଣ୍ଡା। ପୋଲିସ ତାଙ୍କଠାରୁ ଗୋଟିଏ ମୋବାଇଲ, ଗୋଟିଏ ଛୁରି ଏବଂ ନଗଦ ୧ ହଜାର ଟଙ୍କା ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୪୯/୨୧)ରେ ରୁଜୁ କରିଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ପୁଷ୍ପାଞ୍ଜଳି ସାହୁଙ୍କ ଏକ ସ୍ଥାନୀୟ ହୋଟେଲ ପାଖରେ ସଉଦା ଦୋକାନ ରହିଛି। ତେବେ ଶୁକ୍ରବାର ଦିନ ପ୍ରାୟ ୧୨ଟା ୩୦ରେ ସତ୍ୟବ୍ରତ ଦୋକାନକୁ ଆସି ଗାଳିଗୁଲଜ କରିବା ସହ ୧୦ ହଜାର ଟଙ୍କା ବଟି ମାଗିଥିଲା। ଏଥିସହ ଦୋକାନ କାଉଣ୍ଟରରେ ଥିବା ଟଙ୍କା ନେଇଯାଇଥିଲା। ଏ ନେଇ ପୁଷ୍ପାଞ୍ଜଳି ଥାନାର ହ୍ୱାରସ୍ଟ ହୋଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରି ଅଭିଯୁକ୍ତ ସତ୍ୟବ୍ରତଙ୍କୁ ଗିରଫ କରିଛି।

ସଂକ୍ଷେପରେ

ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ

ବେଗୁନିଆ,୧୧।୯(ଡି.ଏନ୍.ଏ.): ବେଗୁନିଆ ଥାନା ଅନ୍ତର୍ଗତ କାଚରା ଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶୁକ୍ରବାର ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଗୋଟିଏ ପରିବାରର ଆକ୍ରମଣରେ ପ୍ରତିପକ୍ଷ ପରିବାରର କୃଷ୍ଣଚନ୍ଦ୍ର ମହାନ୍ତି(୩୩) ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ, କୃଷ୍ଣଚନ୍ଦ୍ରଙ୍କ ପରିବାର ଏବଂ ପଡୋଶୀ ରଜନୀକାନ୍ତ ପଟ୍ଟନାୟକଙ୍କ ପରିବାର ମଧ୍ୟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟା ୩୦ରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ରଜନୀକାନ୍ତଙ୍କ ଆକ୍ରମଣରେ କୃଷ୍ଣଚନ୍ଦ୍ର ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏନେଇ କୃଷ୍ଣଚନ୍ଦ୍ରଙ୍କ ସ୍ତ୍ରୀ ରଶ୍ମିତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୭୮/୨୧) ରୁଜୁକରି ତଦନ୍ତ ଚଳାଇଛି।

ଚୋରଙ୍କୁ ଧରିଲେ ଲୋକେ

ନିରାକାରପୁର,୧୧।୯(ଡି.ଏନ୍.ଏ.): ନିରାକାରପୁର ଥାନା ଅଧୀନ ଲେଣ୍ଡୋରେ ଶୁକ୍ରବାର ରାତିରେ ସ୍ଥାନୀୟ ଲୋକେ ଜଣେ ଚୋରଙ୍କୁ କାବୁକରି ପୋଲିସ ଜିମା ଦେଇଛନ୍ତି। ତାଙ୍କ ନିକଟରୁ ମାରଣାସ୍ତ୍ର ସହିତ ଏକ ବାଇକ୍ ଜବତ କରାଯାଇଛି। ସୂଚନା ମୁତାବକ, ଶୁକ୍ରବାର ରାତିରେ ୩ଜଣ ଯୁବକ ଲେଣ୍ଡୋସ୍ଥିତ ଏକ ଗଣେଶ ପେଣ୍ଡାଲରେ ଲାଗିଥିବା ଡାକବାଜି ଯନ୍ତ୍ରର ମେଶିନକୁ ଚୋରାଇ ନେଇଥିଲେ। ରାସ୍ତା ନ ଜାଣି ପାରିବାରୁ ଚୋରମାନେ ପୁଣି ଉକ୍ତ ରାସ୍ତାରେ ଆସିବାରୁ ସ୍ଥାନୀୟ ଲୋକେ ସେମାନଙ୍କୁ ମାଡ଼ି ବସିଥିଲେ। ତେବେ ଘଟଣାସ୍ଥଳରୁ ୨ଜଣ ଯୁବକ କୌଶଳକ୍ରମେ ଖସିଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଧରାପଡ଼ିଥିବା ଯୁବକଙ୍କୁ ଥାନାକୁ ନେବା ସହ ଏକ ବାଇକ୍ ଓ ମାରଣାସ୍ତ୍ର ଜବତ କରିଥିଲା। ତେବେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଦୁଇ ଚୋରଙ୍କୁ ପୋଲିସ ଶନିବାର ଧରି ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

ପିସିସି ଗଣମାଧ୍ୟମ ସଂଯୋଜକଙ୍କ ପିତୃ ବିୟୋଗ

ଭୁବନେଶ୍ୱର,୧୧।୯(ବ୍ୟୁରୋ): ପ୍ରଦେଶ କଂଗ୍ରେସ କମିଟି (ପିସିସି) ଗଣମାଧ୍ୟମ ବିଭାଗ ସଂଯୋଜକ ଦୀପକ କୁମାର ମହାପାତ୍ରଙ୍କ ବାପା ରମେଶ ଚନ୍ଦ୍ର ମହାପାତ୍ରଙ୍କର ୭୭ ବର୍ଷ ବୟସରେ ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଜଣେ ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ଭାବରେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ସେକ୍ସନ ଅଫିସର ଭାବେ ସରକାରୀ ଚାକିରିରୁ ଅବସର ଗ୍ରହଣ ପରେ ଅନେକ ସମାଜସେବା କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଥିଲେ। ସ୍ୱର୍ଗତ ମହାପାତ୍ରଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ନିରାଡ଼ମ୍ବରରେ ବୋଲଗଡ଼ରେ ନୂଆଖାଇ ପାଳିତ

ବୋଲଗଡ଼,୧୧।୯(ଡି.ଏନ୍.ଏ.): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ। ଏହି ପର୍ବ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମରେ ଶନିବାର ନିରାଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ପ୍ରତିଷ୍ଠିତ ସମସ୍ତ ଦେବଦେବୀଙ୍କ ନିକଟରେ ନୂଆ ବୁଡା, ଗୁଡ଼, ଫଳ ଭୋଗ ଅର୍ପଣ କରାଯାଇ ନବାନ୍ନ ଲାଗି କରାଯାଇଥିଲା। ଏହି ନୂଆଖାଇ ପର୍ବ ସଂପୁର ଗାଁରେ ୧୮୦୫ରୁ ଗ୍ରାମବାସୀଙ୍କ ଦ୍ୱାରା ପାଳନ ହୋଇ ଆସୁଛି। ସୂଚନାଯୋଗ୍ୟ, ପୁରୀ ଯୁବରାଜ ଜେନାମଣି ଜଗନ୍ନାଥ ରାୟଙ୍କ କନ୍ୟା ମୁକ୍ତା ଦେଈ ପଶ୍ଚିମ ଓଡ଼ିଶାର ସମ୍ବଲପୁର ରାଜା ଜୟନ୍ତ ସିଂହଙ୍କୁ ବିବାହ କରିଥିଲେ। ବିବାହ ସମୟରେ ପୁରୀ ଯୁବରାଜ ତାଙ୍କ କନ୍ୟାଙ୍କୁ ସଂପୁରଗଡ, ବୋଲଗଡ, ବାଙ୍କୋଇଗଡ, ମାଣିକଗୋଡ଼ା ଗଡ ଓ ମାଣିବନ୍ଧ ଗଡକୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ରାଣୀ ମୁକ୍ତା ଦେଇ ସଂପୁର ଗ୍ରାମରେ ଅବସ୍ଥାନ କରି ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ନୂଆଖାଇ ଦିନ ନବାନ୍ନ ଲାଗି ଆରମ୍ଭ କରିଥିବାରୁ ସେହି ଦିନଠାରୁ ସଂପୁର ଗ୍ରାମବାସୀ ଏହି ପର୍ବକୁ ପାଳନ କରିଆସୁଛନ୍ତ। ଗ୍ରାମବାସୀ ନବାନ୍ନ ପ୍ରସାଦ ପାଇବା ପରେ ସପରିବାର ପ୍ରସାଦ ସେବନ କରିଥାନ୍ତି। ପାରମ୍ପରିକ ରୀତିନୀତି ଅନୁଯାୟୀ ବଂଶାନୁକ୍ରମେ ସେବକ ପଦ୍ମ ଚରଣ ମହାପାତ୍ରଙ୍କ ପରିବାରବର୍ଗ ପକ୍ଷରୁ ନବାନ୍ନ ପ୍ରସାଦ ବଣ୍ଟନ କରାଯାଇଥାଏ।

ପ୍ରାଥମିକ ଉପଚାର ମିଳିଲେ ଦୁର୍ଘଟଣା ମୃତ୍ୟୁ କମିବ

ବିଶ୍ୱ ପ୍ରାଥମିକ ଉପଚାର ଦିବସ

ଭୁବନେଶ୍ୱର, ୧୧।୯ (ବ୍ୟୁରୋ)

ଅତିଥିମାନେ 'ପ୍ରାଥମିକ ସହାୟତା ସୂଚନା' ପୁସ୍ତକ ଉନ୍ମୋଚନ କରୁଛନ୍ତି।

ପ୍ରାଥମିକ ଉପଚାର ମାଧ୍ୟମରେ ଜଣେ ଅସୁସ୍ଥ ବା ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଜୀବନ ସୁରକ୍ଷା କରାଯିବା ସହ ସୁରକ୍ଷିତ ଭାବେ ଡାକ୍ତରଖାନାରେ ପହଞ୍ଚାଯାଇ ପାରିବ। ସାଧାରଣତଃ ଆଶୁ ଉପଚାର ମାଧ୍ୟମରେ ଆହତଙ୍କ ଅବସ୍ଥାରେ ଉନ୍ନତି ଆଣିବା ସହିତ ଉଚିତ ପଦ୍ଧତିରେ ସ୍ଥାନାନ୍ତରୀକରଣ ପ୍ରାଥମିକ ଉପଚାରର ପ୍ରାରମ୍ଭିକ ଲକ୍ଷ୍ୟ। ଦୁର୍ଘଟଣାସ୍ଥଳରେ ଉପସ୍ଥିତ ବ୍ୟକ୍ତିଙ୍କୁ ଏହି ଦିଗରେ ପ୍ରଶିକ୍ଷଣ ଦିଆଯାଇ ପାରିଲେ ପରବର୍ତ୍ତୀ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରାଯାଇପାରିବ ବୋଲି ମତ ପ୍ରକାଶ ପାଇଛି। ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ଶନିବାର 'ବିଶ୍ୱ ପ୍ରାଥମିକ ଉପଚାର ଦିବସ' ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା ସଭାପତିତ୍ୱ କରି ପ୍ରାଥମିକ ଉପଚାର କ୍ଷେତ୍ରରେ ରେଡକ୍ରସ ସୋସାଇଟିର ଅବଦାନ ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ପରିବହନ ଆୟୁକ୍ତ ଅରୁଣ ବୋଥ୍ରା ଯୋଗଦେଇ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିଭିନ୍ନ ଯୋଜନା ଉପରେ ମତ ରଖିବା ସହ ପ୍ରଶିକ୍ଷଣର ସୁଫଳ ପାଇଁ ରେଡକ୍ରସର ସହଯୋଗ କାମନା କରିଥିଲେ। ଅନ୍ୟତମ ଅତିଥି ଭାବେ ସହ ଆୟୁକ୍ତ ସଂଜୟ ବିଶ୍ୱାଳ ସଡକ ସୁରକ୍ଷା ଓ ପ୍ରାଥମିକ ଉପଚାରର ବିଭିନ୍ନ ଦିଗ ଉପରେ କହିଥିଲେ।

ଏହି ଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ଓଡିଆ ଭାଷାରେ ଉପଚାର ପୁସ୍ତିକା 'ପ୍ରାଥମିକ ସହାୟତା ସୂଚନା'କୁ ଉନ୍ମୋଚନ କରାଯାଇଥିଲା । କାର୍ଯ୍ୟକ୍ରମରେ କଟକ ଓ ଭୁବନେଶ୍ୱର ଯୁବ ଏବଂ କନିଷ୍ଠ ରେଡକ୍ରସର ପରାମର୍ଶଦାତା ଓ ସ୍ୱେଚ୍ଛାସେବୀମାନେ ଅଂଶ ଗ୍ରହଣ କରିଥିଲେ। ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

ତାଲିମ ନେଲେ ଟ୍ରାଫିକ କର୍ମଚାରୀ

ଭୁବନେଶ୍ୱର, ୧୧।୯(ବ୍ୟୁରୋ)

ରାସ୍ତାରେ ଦୁର୍ଘଟଣା ଘଟିଲେ ଦୁର୍ଘଟଣାଗ୍ରସ୍ତଙ୍କୁ କିପରି ତ୍ୱରିତ ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯାଇ ଜୀବନ ରକ୍ଷା କରାଯାଇପାରିବ ସେ ନେଇ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶନିବାର 'ବିଶ୍ୱ ପ୍ରାଥମିକ ଚିକିତ୍ସା' ଦିବସ ପାଳିତ ହୋଇଛି। ଏଜିଛକସ୍ଥିତ ଟ୍ରାଫିକ ଥାନା-୧ରେ ଟ୍ରାଫିକ କର୍ମଚାରୀଙ୍କ ପାଇଁ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସେଣ୍ଟ ଜନ୍ ଆମ୍ବୁଲାନ୍ସ ନିର୍ଦ୍ଦେଶକ ବନଶ୍ରୀ ସିଂହ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା ସହ ପ୍ରାଥମିକ ଉପଚାର ପ୍ରଦାନ କରି ସେମାନଙ୍କ ଜୀବନ ରକ୍ଷା କରିବା ପ୍ରତ୍ୟେକଙ୍କ କର୍ତ୍ତବ୍ୟ ବୋଲି ସେ କହିଥିଲେ।

ସୁଦର୍ଶନ କ୍ରାଫ୍ଟ ବୁଲି ଦେଖିଲେ ରାଜ୍ୟପାଳ

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସୁଦର୍ଶନ କ୍ରାଫ୍ଟ ମ୍ୟୁଜିୟମ୍ ବୁଲି ଦେଖୁଛନ୍ତି।

ପୁରୀ ଅଫିସ,୧୧।୯

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଚାରି ଦିନିଆ ପୁରୀ ଗସ୍ତରେ ଅଛନ୍ତି। ଗସ୍ତର ୩ୟ ଦିନରେ ଅର୍ଥାତ୍ ଶନିବାର ପୁରୀ ଷ୍ଟେଶନ ରୋଡ୍‌ସ୍ଥିତ ସୁଦର୍ଶନ କ୍ରାଫ୍ଟସ୍ ଭ୍ରମଣରେ ଯାଇଥିଲେ। ପରିବାର ସହ ରାଜ୍ୟପାଳ ବିଭିନ୍ନ କଳା ଓ ସ୍ଥାପତ୍ୟକୁ ଦେଖି ଅତ୍ୟନ୍ତ ଖୁସି ହୋଇଥିବା ବେଳେ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ ମହାମହିମଙ୍କୁ ବୁଲାଇ ଦେଖାଇଥିଲେ। ଏହି ଅବସରରେ ଉପସ୍ଥିତ ସଂସ୍କୃତ ପ୍ରେମୀମାନେ ରାଜ୍ୟପାଳଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ତୁଳସୀ ଚାରା ଓ ବୁଦ୍ଧ ମୂର୍ତ୍ତି ଦେଇ ସମ୍ମାନିତ କରିଛନ୍ତି। ରାଜ୍ୟପାଳ ଗଣେଶୀ ଲାଲ କହିଛନ୍ତି, ଏଭଳି କଳାସ୍ଥାପତ୍ୟକୁ ଦେଖିପାରିବା ତାଙ୍କର ସୌଭାଗ୍ୟ। କଳାପ୍ରେମୀ ଲୋକଙ୍କ ଗହଣରେ ଏଭଳି ପରିଭ୍ରମଣ ଚମତ୍କାର ମନେ ହୁଏ। ପଥର ମୂର୍ତ୍ତିରେ କାରିଗରୀ ଦେଖି ରାଜ୍ୟପାଳ ଆଚମ୍ବିତ ହେବା ସହ କାରୀଗରଙ୍କ ସହ ଆଲୋଚନା କରିଛନ୍ତି। ଶିଳ୍ପୀଙ୍କ କାର୍ଯ୍ୟକଳାପକୁ ପ୍ରଶଂସା କରିବା ସହ ସମସ୍ତ ପ୍ରକାର ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ କହିଛନ୍ତି। ତେବେ ଫେରିବା ବେଳେ ବୁଦ୍ଧଙ୍କ ମନ୍ଦିରରେ ରାଜ୍ୟପାଳ ଧୂପ ଆଳତି କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁଦର୍ଶନ ସାହୁଙ୍କ ସମେତ ତାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ସାହୁ, ଜ୍ୟୋଷ୍ଣପୁତ୍ର ରବିନାରାୟଣ ସାହୁ, ପୁତ୍ରବଧୂ ବନ୍ଦିତା ସାହୁ, ଶିଳ୍ପୀ ଭାସ୍କର ମହାରଣା, ସାହିତ୍ୟିକ ଶ୍ୟାମପ୍ରକାଶ ସେନାପତି, ସଙ୍ଗଠକ ଶ୍ରେୟସ ସାହୁ ଓ ରବୀନ୍ଦ୍ର ମହାରଣା ଉପସ୍ଥିତ ଥିଲେ।

ଶ୍ରୀଲିଙ୍ଗରାଜଙ୍କ ଯାତ୍ରୀ ନିବାସ ସମ୍ପତ୍ତି ପୁନରୁଦ୍ଧାର ପାଇଁ ଶନିବାର ଲିଙ୍ଗରାଜ ମନ୍ଦିର ଆଗରେ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ପ୍ରତିବାଦ କରାଯାଉଛି।

'ସମାଜ ସେବା ପାଇଁ ନିଜକୁ ଉତ୍ସର୍ଗ କର'

ପୁରୀ ଅଫିସ, ୧୧।୯

ୟୁଥ୍ ଫର ଆକ୍ସନ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଶନିବାର ପୁରୀ ଜିଲା ଓ ପୌରାଞ୍ଚଳର କର୍ମକର୍ତ୍ତା ଚୟନ ବୈଠକ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ରାଜ୍ୟ ଉପସଭାପତି ଭବାନୀ ଦାସ ମହାପାତ୍ର ନେତୃତ୍ୱରେ ୟୁଥ୍ ଫର ଆକ୍ସନର ଏହି ବୈଠକ ସଂସ୍କୃତି ଭବନ ସଭାକକ୍ଷରେ ଅନୁଷ୍ଠିତ ହୋଇଥିଲା। ସଂସ୍ଥାର ଅଧ୍ୟକ୍ଷ ତଥା ଏମ୍‌ପି ଅପରାଜିତା ଷଡଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମସ୍ତ ସଦସ୍ୟଙ୍କୁ ସମ୍ମାନିତ କରିବା ସହ ସମାଜସେବା ପାଇଁ ନିଜକୁ ଉତ୍ସର୍ଗୀକୃତ କରିବାକୁ ଆହ୍ୱାନ ଦେଇଥିଲେ। ଅସହାୟ, ଗରିବଙ୍କୁ ସହଯୋଗର ହାତ ବଢଇବା ହେଉଛି ଏହି ସଂସ୍ଥାର ଲକ୍ଷ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସଂଯୋଜକ ଦେବାଶିଷ ନାୟକ, ସହ ସଂଯୋଜକ ସୁଜିତ ସିଂହ, ପୂର୍ବ ଓଡ଼ିଶା ସଭାପତି ରାଜେନ୍ଦ୍ର ନାୟକ, ରାଜ୍ୟ ସମ୍ପାଦକ ରବୀନ୍ଦ୍ର ସ୍ୱାଇଁ, ପୁରୀ ଜିଲା ସଭାପତି ତାପସ ରଞ୍ଜନ ନାୟକ ଏବଂ ରାଜ୍ୟ ସମ୍ପାଦକ ପ୍ରଣୟ କରଣ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ଜିଲା ପଦାଧିକାରୀ, ବ୍ଲକ୍ ସଭାପତି ଏବଂ ସାଧାରଣ ସମ୍ପାଦକଙ୍କ ନାମ ଘୋଷଣା କରାଯାଇ ସମର୍ଦ୍ଧିତ କରାଯାଇଥିଲା।

ଉପକୃତ ହେବେ ୨.୫ ଲକ୍ଷ ଲୋକ

ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ବିଧାୟକ ରାଜେନ୍ଦ୍ର ସାହୁ ଓ ଅନ୍ୟମାନେ।

ଜଳ ବିଶୋଧନ ପ୍ଲାଣ୍ଟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଖୋର୍ଦ୍ଧା ଅଫିସ,୧୧।୯

ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳଯୋଗାଣ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଉଛନ୍ତି। ଖୋର୍ଦ୍ଧା ଜିଲାର ବେଗୁନିଆ, ଖୋର୍ଦ୍ଧା, ଜଟଣୀ ଏବଂ ଚିଲିକା ନିର୍ବାଚନମଣ୍ଡଳୀର ୪୨ ପଞ୍ଚାୟତର ୨୪୨ଗ୍ରାମର ୨.୫ଲକ୍ଷ ଲୋକେ ପାଇବେ ବିଶୁଦ୍ଧ ପାନୀୟଜଳ। ଏନେଇ ଶନିବାର ବିଧାୟକ ରାଜେନ୍ଦ୍ର କୁମାର ସାହୁ ବେଗୁନିଆ ନିକଟ କୁଶପଲ୍ଲୀ ଗ୍ରାମରେ ଜଳ ବିଶୋଧନ ପ୍ଲାଣ୍ଟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ୬ ଏକର ଜାଗାରେ ନିର୍ମାଣ କରାଯିବାକୁ ଥିବା ବେଳେ ଏଥିପାଇଁ ୩୪୮ କୋଟି ଟଙ୍କା ବ୍ୟୟ କରାଯିବ। ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆସନ୍ତା ଦୁଇ ବର୍ଷ ମଧ୍ୟରେ ଶେଷ ହେବ। କୁଶପଲ୍ଲୀରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଦ୍ୱାରା ଅନ୍ୟ ଅଞ୍ଚଳ ବାସିନ୍ଦା ମଧ୍ୟ ଉପକୃତ ହେବେ ବୋଲି ବିଧାୟକ ସାହୁ କହିଛନ୍ତି। ଏଥିସହ କୁଶପଲ୍ଲୀ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର, ଖେଳପଡିଆ ଓ ସୌନ୍ଦର୍ଯ୍ୟକରଣର ଉଦ୍‌ଘାଟନ କରିଥିଲେ। ଏହିଅବସରରେ ଆୟୋଜିତ ସଭାରେ ବିଧାୟକ କହିଥିଲେ, ବେଗୁନିଆ ଏବଂ ବୋଲଗଡ଼ ଠାରେ ମିନି ଷ୍ଟାଡିୟମ ମୁକ୍ତ ଜିମ୍ନାଷ୍ଟିକ(ଶାରୀରିକ କସରତ) ପାଇଁ ବିଧାୟକ ପାଣ୍ଠିରୁ ୭.୫ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। କରୋନା ଯୋଗୁ ବେଗୁନିଆ ଓ ବୋଲଗଡ଼ ବିକାଶ କାର୍ଯ୍ୟ ପଛେଇଯାଇଛି। ସମସ୍ତଙ୍କ ସହଯୋଗ ରହିଲେ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିବ। ଏହି ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ, ଠିକା ସଂସ୍ଥା କର୍ମଚାରୀଙ୍କ ସମେତ ବେଗୁନିଆ ବ୍ଲକର ଅନେକ ସରପଞ୍ଚ, ସମିତିସଭ୍ୟ ଏବଂ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

ରୋଗୀ ଫେରୁଛନ୍ତି,ମିଳୁନି ସ୍ୱାସ୍ଥ୍ୟସେବା

ନିରାକାରପୁର,୧୧।୯ (ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ମେଡିକାଲରେ ପ୍ରାୟ ୧୦ଦିନ ହେବ ଦୁଇ ଜଣ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ରୋଗୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ରୋଗୀମାନେ ଲମ୍ବା ଲାଇନରେ ଛିଡା ହେବା ସହ ଫାର୍ମାସିଷ୍ଟଙ୍କ ପାଖରେ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି। ଡାକ୍ତରଙ୍କ ଅନୁପସ୍ଥିତି ପାଇଁ କେତେକ ରୋଗୀ ଫେରିଯାଉଛନ୍ତି। ସୂଚନା ମୁତାବକ, ଏହି ମେଡିକାଲ ଉପରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭର କରିଥାନ୍ତି। ଏବେ ବର୍ଷା ଋତୁ ଚାଲିଥିବା ବେଳେ ଥଣ୍ଡା, ଜ୍ୱର ଓ ବିଭିନ୍ନ ଚର୍ମରୋଗରେ ଲୋକେ ଆକ୍ରାନ୍ତ ହେଉଛନ୍ତି। ଅନ୍ୟପଟେ ଏହି ମେଡିକାଲରେ ଜଣେ ଆୟୁଷ ଓ ଏଲୋପାଥିକ ଡାକ୍ତର ରହିଛନ୍ତି। ପ୍ରାୟ ୧୦ଦିନ ହେବ ଏହି ଦୁଇ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ରୋଗୀ ହଇରାଣ ହେଉଛନ୍ତି। ଡାକ୍ତରଙ୍କ ବଦଳରେ ଏଠାରେ ଫାର୍ମାସିଷ୍ଟ ଚିକିତ୍ସା କରୁଛନ୍ତି। ଏନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଟାଙ୍ଗୀ ମେଡିକାଲ ଇନ୍‌ଚାର୍ଜ ଦିଲୀପ କୁମାର ମଲ୍ଲିକ କହିଛନ୍ତି, ଡାକ୍ତରମାନେ ଟ୍ରେନିଂରେ ଯାଇଛନ୍ତି। ଦୁଇ ଦିନ ମଧ୍ୟରେ କାର୍ଯ୍ୟରେ ଯୋଗଦେବେ ବୋଲି ସେ କହିଛନ୍ତି।

ମଦ ଦୋକାନରେ ନକଲି ମଦ ବିକ୍ରି ଅଭିଯୋଗ

ଅସ୍ତରଙ୍ଗ,୧୧।୯ (ଡି.ଏନ୍.ଏ.)

ଅସ୍ତରଙ୍ଗ ବଜାରରେ ଥିବା ସରକାରୀ ଦେଶୀ ମଦ ଦୋକାନରେ ନକଲି ମଦ କାରବାର ନେଇ ଅଭିଯୋଗ ହୋଇଆସୁଥିଲା। ଶନିବାର ନିମାପଡ଼ା ଅବକାରୀ ବିଭାଗ ଅଧିକାରୀ ମମତ